R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୫୦
ତିଥି : ଷଷ୍ଠୀ
୧୭ ଜୁନ୍ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 250
17 June 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

ଓଡ଼ିଶା ଶାସନ

## କୃଷକ ଶକ୍ତି ସମାବେଶ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ବର୍ଷ ଏକ ଉପଲବ୍ଧି ଅନେକ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପଥରଚେପା ପଡ଼ିଆ, ବଲାଙ୍ଗିର ୧୭ ଜୁନ୍ ୨୦୨୫

ମୁଖ୍ୟ ଅତିଥି

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି

ଶ୍ରୀ ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ

ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

ସାଂସଦ ଏବଂ ବିଧାୟକଗଣ, ବଲାଙ୍ଗିର ଜିଲ୍ଲା

ଓଡ଼ିଶା ସରକାର

OIPR: 01510/13/0054/2526 DSPL-125

## ଇତିହାସ

୧୭୫୬– ନବାବ ସିରାଜଦ୍ଦୋଲା ୫୦ ହଜାର ସୈନିକଙ୍କ ସହିତ କଲିକତା ଉପରେ ଆକ୍ରମଣ କଲେ ।

୧୭୯୯– ନେପୋଲିୟନ୍ ବୋନାପାର୍ଟ ଇଟାଲିକୁ ନିଜ ସାମ୍ରାଜ୍ୟରେ ସାମିଲ କଲା।

୧୮୫୮– ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମୀର ନାୟିକା ଝାନ୍ସି ରାଣି ଲକ୍ଷ୍ମୀବାଇ ସହିଦ ହୋଇଥିଲେ ।

୧୮୮୫– ଫ୍ରାନ୍ସ ତରଫରୁ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉପହାର ନ୍ୟୁୟର୍କ ବନ୍ଦରରେ ପହଞ୍ଚିଲା ।

୧୯୧୭– ମହାତ୍ମା ଗାନ୍ଧୀ ସାବରମତି ଆଶ୍ରମରେ ନିଜର ବାସସ୍ଥାନ ନିର୍ମାଣ କଲେ ।

୧୯୨୯– ଚୀନ୍ ସହିତ ଥିବା କୁଟନୀତିଜ୍ଞ ସମ୍ବନ୍ଧକୁ ସୋଭିଏତ୍ ସଂଘ ସମାପ୍ତ କଲା ।

୧୯୩୮– ଚୀନ୍ ବିରୋଧରେ ଜାପାନ ଯୁଦ୍ଧ ଘୋଷଣା କଲା ।

୧୯୪୪– ଆଇଲ୍ୟାଣ୍ଡ୍ ଠାରୁ ଡେନ୍‌ମାର୍କକୁ ସ୍ୱାଧୀନତା ପ୍ରାପ୍ତ ହେଲା ।

୧୯୬୩– ସ୍କୁଲ୍‌ମାନଙ୍କରେ ବାଇବେଲ୍‌ର ଆବଶ୍ୟକ ପାଠ ପ୍ରସଙ୍ଗରେ ଆମେରିକା ସୁପ୍ରିମ୍‌କୋର୍ଟ ପ୍ରତିବନ୍ଧକ ଲାଗୁ କଲା ।

୧୯୭୦– ଚିକାଗୋରେ ପ୍ରଥମଥର ପାଇଁ କିଡନୀ ପ୍ରତିରୋପଣର ଅପରେସନ୍ ହେଲା ।

୧୯୯୪– ଚିକାଗୋରେ ଫିଫା ଫୁଟବଲ୍ ବିଶ୍ୱକପ୍‌ର ଆରମ୍ଭ ହେଲା ।

୨୦୦୪– ମଙ୍ଗଳ ଗ୍ରହରେ ପଥର ମିଳିଲା, ଯାହା ପୃଥିବୀର ପଥର ସହିତ ସମାନ ଦେଖାଗଲା ।

୨୦୦୮– ବେଙ୍ଗାଲୁରୁରେ ଯୁଦ୍ଧ ବିମାନ ତେଜସ୍‌ର ସଫଳତାପୂର୍ବକ ପରୀକ୍ଷଣ କରାଗଲା ।

୨୦୧୨– ସାଇନା ନେହେୱାଲ୍ ତୃତୀୟ ଥର ପାଇଁ ଇଣ୍ଡୋନେସିଆ ଓପନ୍ ଚାମ୍ପିୟନ୍‌ସିପ୍‌ର ବିଜେତା ହେଲେ ।

# ଓଡ଼ିଶାର ଜନନାୟକ ଗୋପବନ୍ଧୁ


ସେବାକୁ ଜୀବନର ଚରମ ବ୍ରତ ଭାବେ ଗ୍ରହଣ କରି ଜନକଲ୍ୟାଣରେ ନିଜକୁ ଉତ୍ସର୍ଗ କରିଥିବା କେତେଜଣ ମହାମାନବଙ୍କ ମଧ୍ୟରେ ଉତ୍କଳମଣି ଗୋପବନ୍ଧୁ ଥିଲେ ଅନ୍ୟତମ । ଓଡ଼ିଆ ଅସ୍ମିତା ତଥା ଗର୍ବ ଓ ଗୌରବର ପ୍ରତୀକ ତଥା ଉତ୍କଳର ସୁଯୋଗ୍ୟ ସନ୍ତାନ ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ସାକ୍ଷୀଗୋପାଳ ନିକଟସ୍ଥ ସୁଆଣ୍ଡୋ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ପିତା ଦୈତାରୀ ଦାସ ଓ ମାତା ସ୍ୱର୍ଣ୍ଣମୟୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ ଯୋଗଜନ୍ମା ଉତ୍କଳର ମଉଡ଼ମଣି ଗୋପବନ୍ଧୁ ଦାସ । ଜନ୍ମର ଅଳ୍ପଦିନ ମଧ୍ୟରେ ମାତା ସ୍ୱର୍ଣ୍ଣମୟୀଙ୍କର ଅକାଳ ବିୟୋଗ ଘଟିଥିଲା । ଦୈତାରୀଙ୍କ ବିଧବା ଭଉଣୀ କମଳାଦେବୀ ଗୋପବନ୍ଧୁଙ୍କ ଲାଳନପାଳନ ଦାୟିତ୍ୱ ନେଇଥିଲେ । ଗୋପବନ୍ଧୁ ନିଜର ବାଲ୍ୟଶିକ୍ଷା ନିଜ ଗ୍ରାମରେ ସମାପନ କରିଥିଲେ । ପରେ ୧୮୯୩ ମସିହାରେ ପୁରୀଜିଲ୍ଲା ସ୍କୁଲରେ ସେ ଅଧ୍ୟୟନ କଲେ । କେତେଜଣ ଛାତ୍ରବନ୍ଧୁମାନଙ୍କୁ ନେଇ ସେ 'ପୁରୀ ସେବା ସମିତି' ନାମରେ ଏକ ସ୍ୱେଚ୍ଛାସେବୀ ଦଳ ଗଠନ କରିଥିଲେ । ରଥଯାତ୍ରାରେ ଯାତ୍ରୀମାନଙ୍କ ସୁବିଧା ଅସୁବିଧା, ହଇଜାରେ ମୃତ୍ୟୁବରଣ କରୁଥିବା ଲୋକମାନଙ୍କର ଶବସତ୍କାର ଏବଂ ରୋଗୀମାନଙ୍କର ସେବା ଶୁଶ୍ରୂଷା କରୁଥିଲେ । ରେଭେନ୍ସା କଲେଜରେ ପଢୁଥିବା ବେଳେ ଗୋପବନ୍ଧୁ ସଙ୍ଗସାଥୀମାନଙ୍କୁ ନେଇ କଟକରେ ଗୋଟିଏ ସମିତି ସ୍ଥାପନ କରିଥିଲେ, ଏହାର ନାମଥିଲା 'କର୍ତ୍ତବ୍ୟ ବୋଧିନୀ' । ଏହି ସମିତି ଜରିଆରେ ସେ ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କୁ ସାହାଯ୍ୟ କରୁଥିଲେ । ୧୯୦୯ ମସିହାରେ ସେ ସତ୍ୟବାଦୀର ବକୁଳ ଛୁରିଆନା କୁଞ୍ଜରେ ସ୍ଥାପନ କରିଥିଲେ 'ସତ୍ୟବାଦୀ ବନ ବିଦ୍ୟାଳୟ' । ଏହା ଥିଲା ଏକ ମଣିଷ ତିଆରି କାରଖାନା । ଗୋପବନ୍ଧୁ ମାନବ ସେବାକୁ ମାଧବ ସେବା ବୋଲି ଭାବୁଥିଲେ । ଉତ୍କଳ ବାସୀଙ୍କୁ ସେ ନିଜର ଭାଇ ବନ୍ଧୁ କୁଟୁମ୍ବ ବୋଲି ମନେ କରୁଥିଲେ । ସମସ୍ତଙ୍କ ମୁଖରେ ହସ ଫୁଟାଇବା ପାଇଁ ନିଜ ଜୀବନକୁ ତିଳ ତିଳ କରି ପ୍ରଜ୍ୱଳିତ କରିଥିଲେ । ସେବା ଓ ତ୍ୟାଗ ଥିଲା ତାଙ୍କ ଜୀବନର ବଞ୍ଚିବାର ପ୍ରକୃତ ମାର୍ଗ । କର୍ମହିଁ ଜୀବନର ମାନଦଣ୍ଡ । ଯାହାକୁ ସେ ନିଜର କବିତା ମାଧ୍ୟମରେ ଦର୍ଶାଇଥିଲେ ତାହା ଏହିପରି

'ମାନବ ଜୀବନ ନୁହଁଇ କେବଳ
ବର୍ଷ ମାସ
ଦିନ ଦଣ୍ଡ,
କର୍ମେ ଜୀଏଁ ନର
କର୍ମ ଏକା ତା'ର
ଜୀବନର
ମାନଦଣ୍ଡ ।।'

ସେବା,ସଂଗ୍ରାମ, ସଂସ୍କାର, ସ୍ନେହ, କରୁଣା ଓ ତ୍ୟାଗର ପ୍ରତୀକ ଥିଲେ ଉତ୍କଳର ମଉଡ଼ ମଣି ଗୋପବନ୍ଧୁ ଦାସ । ଗାନ୍ଧୀଙ୍କ ନୀତିର ସେ ଦୃଢ଼ ପ୍ରଚାରକ ଥିଲେ । ଗୋପବନ୍ଧୁ ଦାସ ଏକାଧାରରେ ଥିଲେ ଜଣେ ଶିକ୍ଷକ, ସଂସ୍କାରକ,ଦାର୍ଶନିକ, ସେବକ, ଲେଖକ, ଏବଂ ରାଜନୀତିଜ୍ଞ । ଗୋପବନ୍ଧୁ ୧୯୨୮ ମସିହା ଜୁନ୍ ମାସ ୧୭ ତାରିଖରେ ଏ ଧରା ପୃଷ୍ଠରୁ ବିଦାୟ ନେଇ ସ୍ୱର୍ଗପଥର ଯାତ୍ରୀ ହୋଇଥିଲେ । ମାତ୍ର ୫୧ ବର୍ଷ ସ୍ୱଳ୍ପକାଳୀନ ଜୀବନ ସୀମା ଭିତରେ ସେ ଯେଉଁ କର୍ମ କରିଯାଇଛନ୍ତି, ତାହା ତାଙ୍କୁ ଚିର ଦିନ ପାଇଁ ଅମର କରି ରଖିବ ।

**ଚିତ୍ତରଞ୍ଜନ ପୃଷ୍ଟି,**
**ମୋ–୯୭୭୮୧୭୭୫୦୧**

## ଆଜି ପୁଣ୍ୟତିଥି



## ଆଜି ଜନ୍ମଦିନ

# ଓଡ଼ିଆ ବର୍ଣ୍ଣମାଳା ଓ ବ୍ୟାକରଣ




ମୁଁ ପିଲାଦିନେ ପଢ଼ିଥିଲି ଓଡ଼ିଆ ବର୍ଣ୍ଣମାଳାରେ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ ବୋଲି ଦୁଇଟି ପ୍ରକରଣ 'ଅ', 'ଆ', 'ଇ', 'ଈ', 'ଉ', 'ଊ', 'ଋ', ହ୍ରସ ଌ, ଦୀର୍ଘ ୡ, 'ଏ', 'ଐ', 'ଓ', 'ଔ' ଇତ୍ୟାଦି ଚଉଦଟି ବର୍ଣ୍ଣ । ଏଥିମଧ୍ୟରୁ ଋ, ହ୍ରସ ଌ ଓ ଦୀର୍ଘ ୡ ର ବ୍ୟବହାର ଆଉ ଓଡ଼ିଆରେ ନାହିଁ । ତେରୁ ପ୍ରକୃତରେ ଦେଖିବାକୁ ଗଲେ ୧୧ଟି ବର୍ଣ୍ଣର ଉପଯୋଗିତା ଅନୁଭବ କରିହେବ । କିନ୍ତୁ ନିରପେକ୍ଷ ଓ ଆହୁରି ଗଭୀର ଭାବେ ବିଚାର କଲେ ର ଫଳାର ଉଚ୍ଚାରଣ 'ରୁ' ହେଉଥିବା ବେଳେ ହିନ୍ଦୀ ଓ ବଙ୍ଗଳାରେ 'ରି' ଉଚ୍ଚାରଣ କରାଯାଏ । ଓଡ଼ିଆରେ 'ଋ'ର ଉଚ୍ଚାରଣ 'ରି' କେବେ ହୁଏନାହିଁ ବୋଲି ସ୍ପଷ୍ଟ ଭାବରେ କହିହେବ ନାହିଁ । ଉଦାହରଣ ସ୍ୱରୂପ 'ମୃଗ' ଶବ୍ଦକୁ 'ମିରିଗ' ବୋଲି କଞ୍ଚା ଓଡ଼ିଆରେ କୁହାଯାଉଛି । ସେହିପରି 'ତୃଣ' ଶବ୍ଦକୁ ତିରଣ ବୋଲି କୁହାଯାଉଛି । ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ, 'ତୃଣ' ବା 'ମୃଗ' ଶବ୍ଦର ମୌଳିକ ଉଚ୍ଚାରଣ ଦୃଷ୍ଟିରୁ 'ତିରଣ' ବା 'ତ୍ରୁଣ', 'ମ୍ରୁଗ' 'ମ୍ରିଗ' ଲେଖାଗଲେ ବର୍ଣ୍ଣମାଳାର ଗୋଟିଏ ଅକ୍ଷରକୁ ବିଦାୟ ଦେଇହେବ । ଇଂରାଜୀରେ Dialectical mark ରେ 'ର' ବା 'ରି'ର ଉଚ୍ଚାରଣ ଆଦୌ ନାହିଁ । ଏହାପରେ ସ୍ୱରବର୍ଣ୍ଣରେ ଆଉ ଏକ ବିରାଟ ପରିବର୍ତ୍ତନ ସମ୍ବନ୍ଧରେ ମୁଁ ନିଜର ଏକ ମତବ୍ୟକ୍ତ କରିବାକୁ ଚାହେଁ । ଓଡ଼ିଆ ଭାଷାରେ ପଣ୍ଡିତମାନଙ୍କ ସୁବିଚାର ପାଇଁ ମୋର ଏହି ସ୍ୱତନ୍ତ୍ର ମତକୁ ନିବେଦନ କରୁଛି ।

(ନିତ୍ୟାନନ୍ଦ ମହାପାତ୍ର)

('ସମୟ'ର ୧୧ ପୃଷ୍ଠାରେ ପ୍ରଥମେ ଏହା ତା–୧୦–୧୯୯୭ରେ ପ୍ରକାଶିତ ହୋଇଥିଲା, ସେଥିରୁ କିୟଦଂଶ)





# ଗୋଟିଏ ଗଛରେ ୩୫୦ ପ୍ରକାରର ଆମ୍ବ

ଶୀର୍ଷକଟି ଆପଣଙ୍କୁ ଖୁବ ଆଶ୍ଚର୍ଯ୍ୟରେ ପକାଇଥିବ । ହେଲେ ଘଟଣାଟି ସତ, ଏଭଳି ଏକ ଘଟଣା ଉତ୍ତରପ୍ରଦେଶରେ ଘଟିଛି । ଏଠାରେ ଥିବା କାଲିମୁଲ୍ଲାହ ଖାନ ନାମକ ଜଣେ ବ୍ୟକ୍ତି ନିଜ ବଗିଚାରେ ଗୋଟିଏ ଆମ୍ବ ଗଛରେ ୩୫୦ ପ୍ରକାରର ଆମ୍ବ ଫଳାଇ ରେକର୍ଡ କରିଛନ୍ତି । ତାଙ୍କ ନାମକୁ ଲିମ୍‌କା ବୁକ୍ ରେକର୍ଡରେ ମଧ୍ୟ ସ୍ଥାନିତ କରାଯାଇଛି । କେବଳ ଲିମ୍‌କା ବୁକ୍ ନୁହେଁ ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି । ସେ ନିଜ ଜୀବନକୁ ଯେପରି ଆମ୍ବ ଗଛ ଚାରିପଟେ ହିଁ କାଟିଦେଇଛନ୍ତି । ସେ ଖୁବ ପରିଶ୍ରମ କରି ସମ୍ପୃକ୍ତ ଆମ୍ବ ଗଛରେ କଲମିକରଣ ପ୍ରକ୍ରିୟାରେ ଏଭଳି ୩୫୦ଟି ପ୍ରଜାତିର ଆମ୍ବ ଫଳାଇ ପାରିଛନ୍ତି । ମାତ୍ର ସପ୍ତମ ଶ୍ରେଣୀରେ ପଢୁଥିବା ସମୟରୁ ସେ ଏହି ଆମ୍ବ ବଗିଚାରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ । ସେହିଦିନୁ ସେ ଆମ୍ବ ଗଛ ସହିତ ଅନେକ ପରୀକ୍ଷଣ କରିଥିବା ଦର୍ଶାଇଛନ୍ତି । ତାଙ୍କର ଏହି କାର୍ଯ୍ୟ ଖୁବ ପସନ୍ଦ ହୋଇଥାଏ, ତେଣୁ ସେ ଏଭଳି କଲମି କରିବାରେ ସମର୍ଥ ହୋଇଥିଲେ ବୋଲି ପ୍ରକାଶ କରିଛନ୍ତି ।

## ସୋସିଆଲ କୋଟ୍ସ



"ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ମୁଁ ଡିପ୍ରେସନରେ ଥିଲି । ସେହି ସମୟରେ କିଛି କହିବାକୁ ମୁଁ ସଠିକ୍ ଭାବିଲି ନାହିଁ । ଏହାପରେ ମୁଁ ମୋର ସବୁ କାମ ସ୍ଥଗିତ କରିଦେଇଥିଲି ।

**ଆମିରଖାନ୍, ଅଭିନେତା**



"ଯେତେବେଳେ ଏୟାର ଇଣ୍ଡିଆର ପ୍ଲାନ୍‌ରେ ବସିଲି ସେତେବେଳେ ଖୁବ କଷ୍ଟ ହେଲା । ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କୁ ଟିକେ ଶାନ୍ତି ମିଳୁ ଏହା ହିଁ ପ୍ରାର୍ଥନା ।

**ଜିନତ ଅମାନ, ଅଭିନେତ୍ରୀ**



"ଇଭେଣ୍ଟ କହି ମିଛରେ ମୋତେ ଅନ୍ତିମ ସଂସ୍କାରରେ ସାମିଲ ହେବାକୁ ନେଇ ଯାଇଥିଲେ । ସେଠାରେ ପହଞ୍ଚି ଶବକୁ ଦେଖି ଚମକି ପଡିଥିଲି । ଅର୍ଗାନାଇଜର କହିଲେ ଯେତେ ଅଧିକ କାନ୍ଦିବି ସେତେ ଅଧିକ ଅର୍ଥ ମିଳିବ ।

**ଚଙ୍କି ପାଣ୍ଡେ, ଅଭିନେତା**

# ମୋସୁମୀରେ ସ୍ୱାସ୍ଥ୍ୟ ସମସ୍ୟା

ମୌସୁମୀ ଆସିଲେ ସବୁସ୍ଥାନରେ ଆରମ୍ଭ ହୋଇଥାଏ ବର୍ଷା । ତେବେ ହଠାତ୍ ଖରାରୁ ବର୍ଷାର ଯେଉଁ ପରିବର୍ତ୍ତନ ହୋଇଥାଏ ଏହାର ପ୍ରଭାବ ଆମର ପାଚନ ତନ୍ତ୍ର ଓ ଶାରିରୀକ ସ୍ୱାସ୍ଥ୍ୟ ଉପରେ ସବୁଠାରୁ ବେଶି ପ୍ରଭାବ ପକାଇଥାଏ । ମୌସୁମୀ ସାଙ୍ଗରେ ଅନେକ ରୋଗ ନେଇ ଆସିଥାଏ । ଏହି ସମୟରେ ଝାଡା,ବାନ୍ତି, ହଇଜା, ଡେଙ୍ଗୁ, ମେଲେରିଆ ଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ବିଶେଷଭାବେ ଏହି ସମୟରେ ଯେଉଁମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ ରହିଥାଏ ସେମାନେ ବେଶି ଅସୁସ୍ଥ ହୋଇଥାଆନ୍ତି । ମୌସୁମୀ ଆସିଲେ ସମସ୍ତ ସ୍ଥାନରେ ଆଦ୍ରତା ବଢିଥାଏ । ଯାହାଫଳରେ ଆମର ମେଟାବଲିକ୍ ରେଟ୍ କମିଥାଏ, ତେଣୁ ଏହି ସମୟରେ ଖାଦ୍ୟ ହଜମ ହେବାକୁ ସମୟ ଲାଗିଥାଏ । ଯେଉଁ କାରଣରୁ ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଆଦି ସମସ୍ୟା ଦେଖିବାକୁ ମିଳିଥାଏ । ତେଣୁ ଏହି ସମୟରେ ଖାଦ୍ୟର ବିଶେଷଭାବେ ଯତ୍ନ ନେବାକୁ ହୋଇଥାଏ । ଶୀଘ୍ର ହଜମ ହେଉଥିବା ଖାଦ୍ୟ ଖାଇବାକୁ ହୋଇଥାଏ । ସେହିପରି ବାହାର ଖାଦ୍ୟ ପରିବର୍ତ୍ତେ ଘରେ ରନ୍ଧା ଯାଇଥିବା ହାଲୁକା ତାଜା ଖାଦ୍ୟ ଖାଇବା ଫଳରେ ପାଚନ ତନ୍ତ୍ର ଠିକ୍ ରହିଥାଏ । ତେଣୁ ମୌସୁମୀ ବର୍ଷା ଆରମ୍ଭ ହେବାମାତ୍ରେ ନିଜର ଡାଏଟ୍‌ରେ ପରିବର୍ତ୍ତନ କରନ୍ତୁ । ଏହି ସମୟରେ କେଉଁ ଖାଦ୍ୟ ଖାଇବେ ଏହାକୁ ନେଇ ଏକ ଡାଏଟ୍ ଚାଟ ବନାଇପାରିବେ, ଯେଉଁଥିରେ ଆପଣ ଡାକ୍ତରଙ୍କ ସାହାଯ୍ୟ ମଧ୍ୟ ନେଇପାରିବେ । ସେହିଭଳି ନିଜ ରହୁଥିବାରୁ ସ୍ଥାନକୁ ସବୁବେଳେ ସଫା ରଖନ୍ତୁ । ବାସି ଖାଦ୍ୟ କିମ୍ବା ବାହାର ଖାଦ୍ୟ ଖାଇବାରୁ ଦୂରେଇ ରୁହନ୍ତୁ । ଘରର ଆଖପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଘରେ ଶୋଇବା ସମୟରେ ମଶାରି ଟାଙ୍ଗି ଶୁଅନ୍ତୁ ।



# ଠିକ୍ ନିଷ୍ପତ୍ତି ଦେଇଥାଏ ସଫଳତା



ଅନେକ ସମୟରେ ଏଭଳି ଦେଖିବାକୁ ମିଳେ ଗୋଟିଏ ଗୋଟିଏ ନିଷ୍ପତ୍ତି ଲୋକଙ୍କର ଜୀବନ ବଦଳାଇଦେଇଥାଏ । ସେହିଭଳି କିଛି ନିଷ୍ପତ୍ତି ସେମାନଙ୍କ କ୍ୟାରିୟରକୁ ନଷ୍ଟ ମଧ୍ୟ କରିଦେଇଥାଏ । ତେବେ ସଠିକ୍ ସମୟରେ ସଠିକ୍ ନିଷ୍ପତ୍ତି ଆମକୁ ଜୀବନରେ ସଫଳତା ପ୍ରଦାନ କରିଥାଏ । ଏହି ବିଷୟରେ ଉପରେ ଅନେକ ପୁସ୍ତକ ମଧ୍ୟ ରଚନା କରାଯାଇଛି । ସବୁବେଳେ ଆମର ମସ୍ତିଷ୍କ ଆମର ହୃଦୟ ଠାରୁ ଭିନ୍ନ ନିଷ୍ପତ୍ତି ନେଇଥାଏ । ଆମ ମସ୍ତିଷ୍କ ଦୁଇଟି ପ୍ରକାର ନିଷ୍ପତ୍ତି ନେଇଥାଏ । ଯେତେବେଳେ ଆମେ ରାସ୍ତାରେ ଚାଲୁଥାଉ ହଠାତ୍ ଗାଡି ଦେଖି ରହିଯାଉ, ଯେଉଁ ନିଷ୍ପତ୍ତି ନେବା ପାଇଁ ଆମକୁ ଗୋଟିଏ ମିନିଟ୍ ସମୟ ଲାଗିଥାଏ । ହେଲେ ଯଦି ଆମକୁ କ୍ୟାରିୟର ଚୟନ କରିବାକୁ ଥାଏ କିମ୍ବା କେଉଁ ଚାକିରି କରିବେ ସେନେଇ ନିଷ୍ପତ୍ତି ନେବାକୁ ଥାଏ ତେବେ ମସ୍ତିଷ୍କ ଏହି ନିଷ୍ପତ୍ତି ନେବା ପାଇଁ ଦୁଇ ଚାରି ଦିନ କି ଅଧିକ ସମୟ ଲାଗିଥାଏ । ତେବେ ପ୍ରଥମ ନିଷ୍ପତ୍ତିକୁ ଶୀଘ୍ର ଓ ସହଜ ନିଷ୍ପତ୍ତି କୁହାଯାଉଥିବାବେଳେ ଦ୍ୱିତୀୟଟିକୁ ଧୀର ଓ ତର୍କବିତର୍କ କରି ନିଆଯାଉଥିବା ନିଷ୍ପତ୍ତିର ଆଖ୍ୟ ଦିଆଯାଇଥାଏ । ତେବେ ଉଭୟ ନିଷ୍ପତ୍ତିରେ ଆମ ମସ୍ତିଷ୍କର ଦାୟିତ୍ୱ ଅଧିକ ରହିଥାଏ । ତେବେ ଜୀବନରେ ଉଚିତ୍ ନିଷ୍ପତ୍ତି ନେବାର ଦକ୍ଷତା ସମସ୍ତଙ୍କର ରହିବା ଆବଶ୍ୟକ । ଏଗୁଡିକ ଆମ ଲାଇଫ୍ ପାଇଁ ଖୁବ ଉପକାରୀ ହୋଇଥାଏ । ଜୀବନରେ ସଠିକ୍ ନିଷ୍ପତ୍ତି ଆମର ଆତ୍ମ ବିଶ୍ୱାସକୁ ବଢାଇଥାଏ । ସେହିଭଳି ଜୀବନରେ କିଛି କରିବାର ରାସ୍ତାକୁ ମଧ୍ୟ ଏହା ସହଜ କରିଥାଏ ।



# 'ଅସୁରକ୍ଷିତ ମୁମ୍ବାଇ' ମାଳବିକା

ସାଉଥ ଅଭିନେତ୍ରୀ ମାଳବିକା ମୋହନନ୍‌ଙ୍କର ଏକ ସାକ୍ଷାତକାର ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ନିକଟରେ ସେ ମୁମ୍ବାଇରେ ମହିଳାଙ୍କ ସୁରକ୍ଷା ଉପରେ କଥା ହୋଇଛନ୍ତି । ତାଙ୍କ ମତରେ ମୁମ୍ବାଇରେ ଜଣେ ମହିଳା କେବେ ବି ସୁରକ୍ଷିତ ନୁହେଁ । ଜଣେ ମହିଳାଙ୍କୁ ସେଠି କୌଣସି କାର୍ଯ୍ୟରେ ଯିବାକୁ ହେଲେ ମେଟ୍ରୋ ଓ ପବ୍ଲିକ୍ ଟ୍ରାନ୍ସପୋର୍ଟର ବ୍ୟବହାର କରିବାକୁ ହୋଇଥାଏ । ତେବେ ଏହା ସୁରକ୍ଷିତ ନୁହେଁ ବୋଲି ମାଳବିକା ପ୍ରକାଶ କରିଛନ୍ତି । ବର୍ତ୍ତମାନ ସେ ଜଣେ ଷ୍ଟାର ଏବଂ ତାଙ୍କ ପାଖରେ ସବୁପ୍ରକାର ସୁବିଧା ରହିଛି, ହେଲେ ସେ ଯେତେବେଳେ ଜଣେ ସାଧାରଣ ଝିଅ ଥିଲେ ସେତେବେଳେ ଖୁବ ଅସୁବିଧାର ସମ୍ମୁଖୀନ ହୋଇଥିଲେ ବୋଲି ପ୍ରକାଶ କରିଛନ୍ତି । ତେଣୁ ସେ ମୁମ୍ବାଇକୁ ସୁରକ୍ଷିତ କରିବା ପାଇଁ ଏହି ସାକ୍ଷାତକାରରେ ନିବେଦନ କରିଛନ୍ତି । ତେବେ ଏହାର ଉତ୍ତରରେ ମୁମ୍ବାଇ ପୋଲିସ ମହିଳାଙ୍କ ସୁରକ୍ଷା କରିବା ନେଇ ସେମାନେ ସବୁବେଳେ ତତ୍ପର ବୋଲି କହିଛନ୍ତି ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୫୦
ତିଥି : ଷଷ୍ଠୀ
୧୭ ଜୁନ୍ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦


ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 250
17 June 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## ଅଣାୟତ ଝାଡ଼ାବାନ୍ତି

# ବ୍ୟାପୁଛି ଜିଲ୍ଲାକୁ ଜିଲ୍ଲା



**ସରକାରଙ୍କୁ କେନ୍ଦ୍ରୀୟ ଟିମ୍‌ର ରିପୋର୍ଟ**

**ଏଣ୍ଡେମିକ୍ ସ୍ଥିତିରେ କଲେରା**

**ବିଞ୍ଝାରପୁର, ବରୀରେ ୨ ସପ୍ତାହ ଲାଗି ହୋଟେଲ, ଫାଷ୍ଟଫୁଡ, ଗୁପ୍‌ଚୁପ୍, ମାଛ, ମାଂସ ଦୋକାନ ବନ୍ଦ**

ଭୁବନେଶ୍ୱର, ୧୬ ।୬ (ସବ୍ୟୁ): ଜଣଙ୍କୁ ମେଡିକାଲରେ ଭର୍ତ୍ତି କଲା ବେଳକୁ, ଘରେ ଆଉ ଦୁଇଜଣ ଅସୁସ୍ଥ ହେଲେଣି । କାହାର ଜୀବନ ଯାଉଛି, ଆଉ କିଏ ମୃତ୍ୟୁ ସହ ସଂଘର୍ଷ କରୁଛି । ଗାଁ ଗାଁରେ ଭୟଙ୍କର ପରିସ୍ଥିତି । ସାହି ସାହିରେ ପଡ଼ିଲାଣି ହାହାକାର । ଯାଜପୁର ପରେ କେନ୍ଦୁଝର, କଟକ, କେନ୍ଦ୍ରାପଡ଼ା, ଭଦ୍ରକ ଓ ଢେଙ୍କାନାଳ ଭଳି ୬ଟି ଜିଲ୍ଲାରେ ବି ଝାଡ଼ାବାନ୍ତି କାୟା ମେଲାଇବା ପରେ ସାରା ରାଜ୍ୟରେ ହଇଜା ହଡ଼କମ୍ପ । ଯାଜପୁର ଜିଲ୍ଲାରେ ଏବେବି ସ୍ଥିତି ଗମ୍ଭୀର ଥିବା ବେଳେ ମୃତ୍ୟୁ ସଂଖ୍ୟା ୭କୁ ବଢ଼ିଛି ଓ ୨୬୦ ଜଣ ଚିକିତ୍ସିତ ହେଉଛନ୍ତି । ହଟସ୍ପଟ୍ ଯାଜପୁରରେ ମାରାତ୍ମକ ଭିବ୍ରିଓ କଲେରାର ଉପସ୍ଥିତି ନେଇ କେନ୍ଦ୍ରୀୟ ଟିମ୍ ସ୍ପଷ୍ଟ କରିଥିବା ବେଳେ ଏହା ଏଣ୍ଡେମିକ୍ ଷ୍ଟେଜରେ ଥିବା ସୂଚନା ଦେଇଛନ୍ତି ।

ରାଜ୍ୟରେ ହଇଜା ହାହାକାର ଥମୁନି । ଜିଲ୍ଲା ପରେ ଜିଲ୍ଲାକୁ ମାଡ଼ି ଚାଲିଛି ଝାଡ଼ାବାନ୍ତି । ସେପଟେ ସ୍ଥିତି ମୁକାବିଲା ପାଇଁ ଲୋକଙ୍କୁ ଭୋଜିଭାତ ସହ ବାହାରେ ଖିଆପିଆ ଆଦି କରିବାକୁ ମନା କରାଯାଉଛି । ହୋଟେଲ, ଫାଷ୍ଟଫୁଡ୍ ଓ ଜଳଖିଆ ଦୋକାନ ଆଦି ଖୋଲିବା ଉପରେ ବି କଟକଣା ଲାଗିଛି । ଗ୍ରାଉଣ୍ଡ୍ ଜିରୋ ସ୍ଥିତି ଅନୁଧ୍ୟାନ ପରେ ସେଠାରେ ମାରାତ୍ମକ ଭିବ୍ରିଓ କଲେରା ବ୍ୟାକେଫରିଆ ସହ ଆଉ କିଛି କାରଣରୁ ଡାଇରିଆ ବ୍ୟାପିଥିବା ସ୍ପଷ୍ଟ କରିଛି ୧୪ ଜଣିଆ କେନ୍ଦ୍ରୀୟ ଟିମ୍ । ଭୁବନେଶ୍ୱର ଫେରି ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା ପରେ, କେନ୍ଦ୍ରୀୟ ଟିମ୍ ସଦସ୍ୟ କହିଛନ୍ତି, କେସ୍ ଲୋଡକୁ ଅନୁଧ୍ୟାନ କରାଯାଉଛି। ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରତିକାରମୂଳକ ପଦକ୍ଷେପ ସୁପାରିଶ କରାଯାଇଛି। ପାଣ୍ଡେମିକ ନୁହେଁ, (୯ ପୃଷ୍ଠାରେ)

## ୧୭ ଦିନ ପରେ ମୌସୁମୀ ଅଗ୍ରସର

# ୨୫ ଜିଲ୍ଲାକୁ ଛୁଇଁଲା ମୌସୁମୀ

ଭୁବନେଶ୍ୱର, ୧୬ ।୬ (ସବ୍ୟୁ) : ବିରତି ନେଇଥିବା ମୌସୁମୀ ଏବେ ସକ୍ରିୟ ହୋଇଛି । ଗତ ୧୭ ଦିନ ଧରି ବିରତି ନେଇଥିବା ମୌସୁମୀ ପଶ୍ଚିମ ଓ ଉତ୍ତର ଓଡିଶାର କିଛି ଜିଲ୍ଲାକୁ ଅଗ୍ରସର ହୋଇଛି । ଏହା ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି ।

ପାଣିପାଗ ବିଜ୍ଞାନୀଙ୍କ କହିବାନୁସାରେ, ରାଜ୍ୟରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ଥିବାରୁ ଗତ ୨ ଦିନ ଧରି ବର୍ଷା ଲାଗି ରହିଛି । ଘୂର୍ଣ୍ଣିବଳୟ ସକ୍ରିୟ ଥିବାରୁ ମୌସୁମୀ ଅଗ୍ରସର ହେବା ପାଇଁ ସହାୟକ ହେଉଛି । ପୂର୍ବରୁ ୧୧ ଜିଲ୍ଲାରେ ମୌସୁମୀ ଛୁଇଁଥିବା ବେଳେ ସୋମବାର ଅନେକ ଜିଲ୍ଲାକୁ ପ୍ରବେଶ କରିଛି । ଆଜି ଖୋର୍ଦ୍ଧା, ବଲାଙ୍ଗିର, ବୌଦ୍ଧ, ନୟାଗଡ, କଟକ, ଝାରସୁଗୁଡା, କେନ୍ଦ୍ରାପଡା, ଯାଜପୁର ଜିଲ୍ଲାର ସମ୍ପୂର୍ଣ୍ଣ ଭାଗକୁ ଛୁଇଁଥିବା ବେଳେ ସମ୍ବଲପୁର, ଦେବଗଡ, କେନ୍ଦୁଝର, ଭଦ୍ରକ ଜିଲ୍ଲାର କିଛି ଅଂଶକୁ ମୌସୁମୀ ସ୍ପର୍ଶ କରିଛି । ଆଗାମୀ ଦୁଇ ଦିନ ଭିତରେ ସମ୍ପୂର୍ଣ୍ଣ ରାଜ୍ୟକୁ ମୌସୁମୀ ପ୍ରବେଶ କରିବା ନେଇ ଆକଳନ କରାଯାଇଛି ।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷା ଲାଗି ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ନୟାଗଡରେ ସର୍ବାଧିକ ୬୨ ମି.ମି ବର୍ଷା ହୋଇଥିବା ବେଳେ ଛତ୍ରପୁରରେ ୪୪ ମି.ମି, ସୋନପୁରରେ ୩୭ ମି.ମି, କେନ୍ଦୁଝରରେ ୩୩ ମି.ମି, ବଲାଙ୍ଗିର ଓ ନୂଆପଡାରେ ୩୦ ମି.ମି, ଭବାନୀପାଟଣାରେ ୨୫ ମି.ମି, ଅନୁଗୁଳରେ ୨୩ମି.ମି ଓ ପୁରୀରେ ୧୩.୯ ମି.ମି ବର୍ଷା ରେକର୍ଡ କରାଯାଇଛି । ସୋମବାର ଆକାଶ ମେଘାଚ୍ଛନ୍ନ ରହିବା ସହ ଚାନ୍ଦବାଲିରେ ସର୍ବାଧିକ ୪୭.୪ ମି.ମି ବର୍ଷା ହୋଇଥିବା ବେଳେ ଝାରସୁଗୁଡାରେ ୨୮ ମି.ମି, ଭଦ୍ରକରେ ୧୯ ମି.ମି, ବରଗଡରେ ୧୩.୭ ମି.ମି ଓ ରାଉରକେଲାରେ ୩୫.୮ ମି.ମି ବର୍ଷା ହୋଇଛି ।

ଆସନ୍ତାକାଲି (ମଙ୍ଗଳବାର) ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ବାକି ଜିଲ୍ଲାଗୁଡିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗି ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର ।

## ୫ ବିଭାଗରେ ୯୬୪ ଜଣଙ୍କୁ ନିଯୁକ୍ତି

# ଯୁବଶକ୍ତିର ସାମର୍ଥ୍ୟକୁ ସରକାରଙ୍କ ଗୁରୁତ୍ୱ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୧୬ ।୬ (ସବ୍ୟୁ) : ଯୁବ ଶକ୍ତି ହେଉଛନ୍ତି ଆମ ରାଜ୍ୟର ବିକାଶ ରଥର ସାରଥୀ। ଯୁବ ଶକ୍ତିଙ୍କ ଭିତରେ ଥିବା ଶକ୍ତି, ସାମର୍ଥ୍ୟ ଓ ଉତ୍ସାହକୁ ରାଜ୍ୟର ବିକାଶ ସହିତ ସମାଜ କଲ୍ୟାଣରେ ଉପଯୋଗ କରିବା ପାଇଁ ଆମେ ପ୍ରାଧାନ୍ୟ ଦେଉଛୁ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ଉଦବୋଧନ ଦେଇ କହିଛନ୍ତି।

ସୂଚନା ଯୋଗ୍ୟ ଯେ, ଆଜି ଭୁବନେଶ୍ୱର ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ୫ଟି ବିଭାଗର ୯୬୪ଟି ପଦବୀ ପୂରଣ ପାଇଁ ନିଯୁକ୍ତି ମେଳାର ଆୟୋଜନ କରାଯାଇଥିଲା। ଏଥିରେ ପୂର୍ତ୍ତ ବିଭାଗର ୫୬୩ଟି, ଜଳ ସମ୍ପଦ ବିଭାଗର ୬୨ଟି, ପଞ୍ଚାୟିତ ରାଜ ଓ ପାନୀୟ ଜଳ ବିଭାଗର ୧୧୭ଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨୦୪ଟି ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି (୯ପୃଷ୍ଠାରେ)

## ୨୦ରେ ଖୋଲିବ ସ୍କୁଲ

ଭୁବନେଶ୍ୱର, ୧୬ ।୬ (ସବ୍ୟୁ) : ଆସନ୍ତା ୨୦ ତାରିଖରେ ରାଜ୍ୟର ସମସ୍ତ ସ୍କୁଲ ଖୋଲିବ। ପୂର୍ବରୁ ୧୮ରେ ଖୋଲିବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ଗଣଶିକ୍ଷା ବିଭାଗ ପକ୍ଷରୁ ସାନି ନିର୍ଦ୍ଦେଶନାମା ଜାରି କରାଯାଇ ୨୦ ତାରିଖରେ ଖୋଲିବ ବୋଲି ନିଷ୍ପତ୍ତି ନିଆଯାଇଛି। (୯ ପୃଷ୍ଠାରେ)

# ପୁରୀ ଥାଟ ରାଜାଙ୍କ ଶେଷକୃତ୍ୟ



ପୁରୀ, ୧୬ ।୬ (ସବ୍ୟୁ) : ପୁରୀ ଥାଟ ରାଜା ରର୍ଣ୍ଣାବ ଦେବଙ୍କ ଗତ କାଲି ରାତିରେ ଅକାଳ ବିୟୋଗ ଘଟିଛି। ସେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସାନ ଭାଇ ଥିଲେ। ସ୍ୱର୍ଗତ ବିର କିଶୋର ଦେବଙ୍କ ଥାଟ ରାଜା କନିଷ୍ଠ ପୁତ୍ର ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇ ଥିଲା। ହିନ୍ଦୁ ଧର୍ମ ପରମ୍ପରା ଅନୁଯାୟୀ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସଂପନ୍ନ ହୋଇଛି। ଜେଷ୍ଟ ପୁତ୍ର ତାଙ୍କର ମୁଖାଗ୍ନି ଦେଇ ଥିଲେ। ସେ ଦୀର୍ଘ ଦିନ ଧରି ଲିଭର ରୋଗରେ ଅସୁସ୍ଥ ଥିଲେ।

**ଜନଗଣନା ଲାଗି ଗେଜେଟ୍ ବିଜ୍ଞପ୍ତି**

# ଦୁଇ ପର୍ଯ୍ୟାୟରେ ହେବ ଜନସଂଖ୍ୟା ଆକଳନ

ନୂଆଦିଲ୍ଲୀ, ୧୬ ।୬ : ଦେଶରେ ଜନଗଣନା ପାଇଁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୬ତମ ଜନସଂଖ୍ୟା ଗଣନା ୨୦୨୭ରେ ହେବ। ତେବେ ଦୁଇଟି ପର୍ଯ୍ୟାୟରେ ଏହି ଜନଗଣନା କରାଯିବ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଜନଗଣନା ସମ୍ପର୍କରେ ସ୍ୱରାଷ୍ଟ୍ର ସଚିବ, ଜନଗଣନା କମିଶନର ଓ ରେଜିଷ୍ଟ୍ରାର ଜେନେରାଲ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ବୈଠକ କରିବା ପରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ ଲଦାଖ, ଜମ୍ମୁ-କାଶ୍ମୀର, ହିମାଚଳ, ଉତ୍ତରାଖଣ୍ଡ, ବରଫ ଆଚ୍ଛାଦିତ ଦୁର୍ଗମ ଅଞ୍ଚଳର ଜନଗଣା ୨୦୨୬ ଅକ୍ଟୋବର ପହିଲାରୁ ଆରମ୍ଭ ହେବ ଓ ଦେଶର ଅନ୍ୟାନ୍ୟ ରାଜ୍ୟରେ ୨୦୨୭ ମାର୍ଚ୍ଚ ୧ ମଧ୍ୟ ରାତ୍ରରୁ ଏହା ଆରମ୍ଭ କରାଯିବ। ସବୁ ରାଜ୍ୟରେ ମଧ୍ୟ ଦୁଇ ପର୍ଯ୍ୟାୟରେ (୯ପୃଷ୍ଠାରେ)

### ବ୍ୟବହାର ହେବ ଏଆଇ



ଭୁବନେଶ୍ୱର, ୧୬ ।୬ (ସବ୍ୟୁ) : ଜନଗଣନା ଲାଗି କେନ୍ଦ୍ର ସରକାରଙ୍କ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପରେ ରାଜ୍ୟରେ ଜନଗଣନାର ସଫଳ ପରିଚାଳନା ପାଇଁ ଯୋଜନା ଆରମ୍ଭ ହୋଇଛି। ୨୦୨୭ରେ ଦେଶବ୍ୟାପୀ ଗଣନା ପୂର୍ବରୁ ଆସନ୍ତା ୬ ମାସ ମଧ୍ୟରେ ରାଜ୍ୟରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ। (୯ ପୃଷ୍ଠାରେ)



# ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ଅର୍ଥ କମିଶନ ଅଧ୍ୟକ୍ଷ

## ଓଡ଼ିଶା ରାଜ୍ୟ ଅର୍ଥ କମିଶନର ୱେବସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର(ସବ୍ୟୁ): ଷଷ୍ଠ ରାଜ୍ୟ ଅର୍ଥ କମିଶନ ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟର ସ୍ଥାନୀୟ ନିକାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ପାଇଁ ତାଙ୍କର ବହୁମୂଲ୍ୟ ପରାମର୍ଶ ଲୋଡ଼ିଥିଲେ ।



ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ଅର୍ଥ କମିଶନର ଓ୍ୱେବସାଇଟ୍ (**https://sfc.odisha.gov.in**) ଉନ୍ମୋଚନ କରିଛନ୍ତି । ଏହି ୱେବସାଇଟ୍ ନିର୍ବାଚିତ ପ୍ରତିନିଧି, ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ, ନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବୁଦ୍ଧିଜୀବୀ, ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ସଂଗଠନ, ସାମାଜିକ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପରାମର୍ଶ/ମତାମତ ଆହ୍ୱାନ କରିବା ପାଇଁ ବିକଶିତ କରାଯାଇଛି । ଏହି ୱେବସାଇଟ୍‌ରେ ଜନସାଧାରଣଙ୍କ ସୂଚନା ପାଇଁ ପୂର୍ବ ଏବଂ ବର୍ତ୍ତମାନର ରାଜ୍ୟ ଅର୍ଥ କମିଶନ, ଅଧ୍ୟୟନ ରିପୋର୍ଟ, ପୂର୍ବ ରାଜ୍ୟ ଅର୍ଥ କମିଶନର ରିପୋର୍ଟ ଇତ୍ୟାଦିର ବିବରଣୀ ମଧ୍ୟ ରହିଛି ।

ରାଜ୍ୟପାଳ ଭାରତୀୟ ସମ୍ବିଧାନର ଧାରା ୨୪୩-ଆଇ ଏବଂ ଧାରା ୨୪୩-ଓ୍ୱାଇ ଅନୁଯାୟୀ, ଡକଟର ଅରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଗଠନ କରିଛନ୍ତି । ଯାହା ୧ ଏପ୍ରିଲ ୨୦୨୬ ଠାରୁ ୫ ବର୍ଷ ପାଇଁ ରାଜ୍ୟ ସରକାରଙ୍କଠାରୁ ସ୍ଥାନୀୟ ନିକାୟ ସଂସ୍ଥା (ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ, ନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ)ଗୁଡିକୁ ସମ୍ବଳ ହସ୍ତାନ୍ତର ପାଇଁ ସୁପାରିଶ କରିବେ ।

ଏହି ବୈଠକରେ ଷଷ୍ଠ ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଡକଟର ଅରୁଣ କୁମାର ପଣ୍ଡା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଇଲେକେଟ୍ରାନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଷଷ୍ଠ ରାଜ୍ୟ ଅର୍ଥ କମିଶନର ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ ଏବଂ ଡକଟର ବିଭୁ ପ୍ରସାଦ ନାୟକ, କମିଶନର ସଦସ୍ୟ ସଚିବ ଡକଟର ସତ୍ୟ ପ୍ରିୟ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜଧାନୀର ହୋଟେଲ, ଫାଷ୍ଟଫୁଡ୍‌ରେ ବିଏମସିର ଚଢ଼ାଉ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଝାଡ଼ାବାନ୍ତି ବ୍ୟାପୁଛି । ଦୂଷିତ ପାଣି ଓ ବାସି ଖାଦ୍ୟ ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ସ୍ଥାନରେ ହୋଟେଲ, ଢାବା, ଫାଷ୍ଟଫୁଡ୍ ଦୋକାନରେ ଚଢ଼ାଉ ଚାଲିଛି ।

କେନ୍ଦ୍ରାପଡ଼ା, ଯାଜପୁର ପରେ ଭୁବନେଶ୍ୱରରେ ଚଢ଼ାଉ କରାଯାଉଛି । ରାଜ୍ୟର ବିଭିନ୍ନ ସହରରେ ଡାଇରିଆ ଦ୍ରୁତ ଗତିରେ ବ୍ୟାପିବା ପରେ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଆକ୍ସନ୍ ମୋଡରେ ରହିଛି । ଅଧିକାରୀମାନେ ରାଜଧାନୀର ଅନେକ ହୋଟେଲ ଏବଂ ଖାଦ୍ୟପେୟ ଦୋକାନରେ ଚଢ଼ାଉ କରିଛନ୍ତି ।

ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଗୁଣବତ୍ତା ଯାଞ୍ଚ କରିବା ସହିତ ଅନେକ ହୋଟେଲ ଏବଂ ଫାଷ୍ଟଫୁଡ୍ ଦୋକାନରେ ଅଚାନକ ପରିଦର୍ଶନ କରିଛନ୍ତି । ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରୁଥିବା ଲୋକଙ୍କ ଉପରେ ଜରିମାନା ଲଗାଇଛନ୍ତି । ରାଜଧାନୀ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ନିକଟରେ ଥିବା ଅନେକ ଖାଦ୍ୟ ଦୋକାନରେ ଅଚାନକ ପରିଦର୍ଶନ ସମୟରେ ବାସି ଖାଦ୍ୟ ମହଜୁଦ ଥିବା ଦେଖିବାକୁ ମିଳିଥିଲା । ସେହିପରି କେତେକ ଦୋକାନରେ କ୍ଷତିକାରକ ରାସାୟନିକ ପଦାର୍ଥ ବ୍ୟବହାର କରାଯାଉଥିବା ମଧ୍ୟ ଜଣାପଡ଼ିଛି । ଅସ୍ୱାସ୍ଥ୍ୟକର ପରିବେଶରେ ରୋଷେଇ କରୁଥିବା ପାଇଁ ବିଏମସି ଅନେକ ହୋଟେଲରୁ ୨,୦୦୦ଟଙ୍କା ଜରିମାନା ମଧ୍ୟ ଆଦାୟ କରିଛି । ହୋଟେଲଗୁଡ଼ିକୁ ନିର୍ଦ୍ଦେଶାବଳୀ ପାଳନ କରିବାକୁ କଡ଼ାକଡ଼ି ତାଗିଦ କରାଯାଇଛି । ଏବେ ଠାରୁ ହୋଟେଲଗୁଡ଼ିକରେ ନିୟମିତ ଯାଞ୍ଚ କରାଯିବ । କେବଳ ଜୁନ୍ ୧୬ ତାରିଖରେ ୧୦,୦୦୦ ଟଙ୍କାରୁ ଅଧିକ





ଜରିମାନା ଆଦାୟ କରାଯାଇଛି । ଯେଉଁମାନେ ନିୟମ ଉଲ୍ଲଂଘନ କରିବେ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମସି ପକ୍ଷରୁ କୁହାଯାଇଛି ।

## ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ

# ସୋଆ ଆଇବିସିଏସ୍‌ରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଏକାଦଶ ଆନ୍ତର୍ଜାତିକ ଯୋଗ ଦିବସ ପରିପ୍ରେକ୍ଷୀରେ ଜୁନ୍ ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି ।



ସୋଆ ଏନ୍‌ଏସ୍‌ଏସ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । ସୋଆର ଯୋଗ ପ୍ରଶିକ୍ଷକ ଶ୍ରୀ ଅଖିଳ ଚନ୍ଦ୍ର ରଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଇବିସିଏସ୍‌ର ଏନ୍‌ଏସଏସ୍ ପ୍ରୋଗ୍ରାମ ଅଫିସର ଶ୍ରୀ ଅନନ୍ତ ପ୍ରସାଦ ନନ୍ଦ ତାଙ୍କୁ ସହାୟତା କରିଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏବଂ ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାଶ ଯୋଗ ଦେଇଥିଲେ ।

# ବର୍ଷ ପୂର୍ତ୍ତି ଉତ୍ସବକୁ ଭକ୍ତଙ୍କ ସମାଲୋଚନା

## ଧାନମଣ୍ଡିରେ କଟଣୀ ଛଟଣୀରେ ୨ହଜାର କୋଟି ଟଙ୍କାର ଦୁର୍ନୀତି

ନୂଆଦିଲ୍ଲୀ/ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଓ ରାଜ୍ୟ ସରକାର ନିଜର ସଫଳତା ପ୍ରଚାରରେ ମସଗୁଲ ରହିବା ଦେଶବାସୀଙ୍କ ପାଇଁ ପ୍ରତାରଣା । ବିମାନ ଦୁର୍ଘଟଣାରେ ୨୭୨ ଜଣ ପ୍ରାଣ ହରାଇଥିବାବେଳେ ଓଡ଼ିଶାରେ ଝାଡାବାନ୍ତିରେ ୧୨ ଜଣରୁ ଊର୍ଦ୍ଧ୍ୱଲୋକ ମୃତ୍ୟୁବରଣ କଲେଣି । ଏଭଳି ସ୍ଥିତିରେ ସାଧାରଣ ଲୋକଙ୍କ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର କେତେ ସମ୍ବେଦନଶିଳ ତାହା ବାରିହୋଇପଡୁଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କ୍ଷୋଭ ପ୍ରକାଶ କରିବା ସହ ତୀବ୍ର ସମାଲୋଚନା କରିଛନ୍ତି ।

ନୂଆଦିଲ୍ଲୀର ଇନ୍ଦିରା ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟ ସରକାର ପ୍ରଥମ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି ହେଲେ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ରାଜ୍ୟରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । ନିକଟରେ ଜଣେ କୋଟିପତି ଇଞ୍ଜିନିଅର ଧରାହେବା ରାଜ୍ୟରେ ଦୁର୍ନୀତି ସ୍ଥିତି ସମ୍ପୂର୍ଣ୍ଣ ରୂପେ ବାରି ହୋଇପଡିଛି । ମୁଖ୍ୟଯନ୍ତ୍ରୀ ଧରାପଡୁଛନ୍ତି ସିବିଆଇ ଅଧିକାରୀ ଇଡି ଅଧିକାରୀଙ୍କୁ ଧରୁଛନ୍ତି, ଯୁବ-ଆଇଏଏସ ବି ଧରାପଡୁଛନ୍ତି ।ଏଥିରୁ ଦୁର୍ନିତି କେଉଁ ସ୍ତରକୁ ଛୁଇଁଛି ତାହା ଜଳଜଳ ଦିଶୁଛି । ରାଜ୍ୟରେ ଧାନମଣ୍ଡିରେ କଟଣୀ ଛଟଣୀରେ ୨୦୦୦ କୋଟି ଟଙ୍କାର ଦୁର୍ନିତ ହୋଇଛି ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତ । କଟନୀ ଛଟନୀ ବ୍ୟବସ୍ଥାରେ ଚାଷୀ ହନ୍ତସନ୍ତ ହେଉଛି । ଯାଜପୁରରେ ଝାଡ଼ାବାନ୍ତିରେ ୧୧




ଜଣଙ୍କ ଜୀବନ ଯିବା ଘଟଣା ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଯାଜପୁର ଜିଲ୍ଲାରେ ନର୍ସ ଓ ଡାକ୍ତର ୪୦୦ ପଦବୀ ଖାଲି ପଡ଼ିଛି । ଅନ୍ୟଜିଲ୍ଲା ମାନଙ୍କରେ ୨୦୦ ରୁ ୪୦୦ ଡାକ୍ତରୀ ପଦବୀ ଖାଲି ପଡ଼ିଥିବାବେଳେ ସ୍ୱାସ୍ଥ୍ୟ ବ୍ୟବସ୍ଥା କେତେ ବିପର୍ଯ୍ୟସ୍ତ ସହଜ ଅନୁମେୟ । ର ଅହମ୍ମଦାବାଦ ବିମାନ ଦୁର୍ଘଟଣା ସାରା ଦେଶବାସୀଙ୍କୁ ସ୍ତବ୍ଧ କରି ଦେଇଥିବାବେଳେ ରାଜ୍ୟ ବିଜେପି ସରକାର ପୂର୍ତ୍ତି ପାଳନ କରିବା ଏକ ହାସ୍ୟାସ୍ପଦ ଘଟଣା ବୋଲି ମତବ୍ୟକ୍ତ କରିଛନ୍ତି । ରାହୁଲ ଗାନ୍ଧିଙ୍କ ଦାବି ଆଗରେ ସରକାର ମୁଣ୍ଡ ନୁଆଁଇ ଜାତି ଜନଗଣନାକୁ ସ୍ୱୀକୃତି ଦେଲେ ତେବେ ସମୟସୀମା ନିର୍ଦ୍ଧାରଣ ହୋଇନାହିଁ । କଂଗ୍ରେସର ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ରାଜ୍ୟର ବିଜେପି ଯାହା ପ୍ରତିଶ୍ରୁତି ଦେଇଥୁଲା ତାହା ପାଳନ କରିନାହିଁ । ସେହିପରି କୋରାପୁଟ ସାଂସଦ ସପ୍ତଗିରି ଉଲକା କହିଛନ୍ତି ଯେ ପଶ୍ଚିମ ଓଡ଼ିଶାରେ ହସ୍ତତନ୍ତ ପାର୍କ କରିବେ ବୋଲି କହିଥିଲେ କିନ୍ତୁ କୁଆଡେ ଗଲା । କୋରାପୁଟ ମେଡିକାଲ କଲେଜରେ ଭୁଲ ଇଂଜେକ୍ସନ ପାଇଁ ୫ ଜଣ ନିରିହ ଜୀବନ ଗଲା ଟଙ୍କାଟିଏ ବି ସାହାଯ୍ୟ ନାହିଁ । ରାଜ୍ୟରେ ମହିଳା ନିର୍ଯାତନା ବଢ଼ିଚାଲିଛି । ଗୁଣିଗାରେଡ଼ି ସନ୍ଦେହରେ ମହିଳାଙ୍କ ହାତଗୋଡ଼ ବାନ୍ଧି ନିର୍ଯାତନା ଦିଆଯାଉଛି । ଅନୁରୂପ ଭାବେ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲାଲୁ କହିଥିଲେ ଯେ ବର୍ଷ ଏକ, ପ୍ରତାରଣା ଅନେକ । ପ୍ରାକୃତିକ ସମ୍ପଦରେ ସବୁଠୁ ଧନୀ ରାଜ୍ୟର ଲୋକ ସବୁଠୁ ଗରିବ ।

# ବରୁଣେଇଁ ରଜ ମହୋତ୍ସବ : ଦ୍ୱିତୀୟ ଦିବସରେ ପାରମ୍ପରିକ ପ୍ରତିଯୋଗିତା

ଖୋର୍ଦ୍ଧା,(ସବ୍ୟୁ) ବରୁଣେଇ ପୀଠ ରେ ସାଂସ୍କୃତିକ ଅନୁଷ୍ଠାନ ଦିଶାନ୍ତ ଆନୁକୁଲ୍ୟରେ ଚାଲିଥିବା ୧୭ତମ ରଜ ମହୋତ୍ସବର ଆଜିଥିଲା ଦ୍ୱିତୀୟ ଦିବସ । ଦିଶାନ୍ତର ସମ୍ପାଦକ ଦିଲିପ ପରିଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପିପିଏଲ୍ ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ କୁମାର ପଟନାୟକ, ମୁଖ୍ୟବକ୍ତା କଳିଙ୍ଗ ଟିଭିର ଏମ୍.ଡ଼ି. ହିମାଂଶୁ ଶେଖର ଖଟୁଆ ପ୍ରମୁଖ ଯୋଗଦେଇଥିଲେ । ସୋମବାର ଦ୍ୱିତୀୟ ଦିବସରେ ପାରମ୍ପରିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି ।

ତନ୍ମଧ୍ୟରେ ରଜ ପିଠା ପ୍ରତିଯୋଗିତା ରେ ରଶ୍ମିତା ପ୍ରଧାନ ପ୍ରଥମ, ପ୍ରିୟଦର୍ଶିନୀ ମହାପାତ୍ର ଦ୍ୱିତୀୟ, ତୃତୀୟ ରେ ସୌଭାଗିନୀ ଭୋଇ ଏବଂ ରଜ ଝୋଟି ରେ ପ୍ରଥମ ସୌଦାମିନୀ ଭୋଇ, ଯୁଗ୍ମଭାବେ ଦ୍ୱତୀୟ ମେଘନା ଦଳେଇ ଓ ସ୍ମରଣିକା ପ୍ରିୟଦର୍ଶିନୀ ତୃତୀୟ



ରୋଜାଲିନ ପ୍ରଧାନ ଏବଂ ରଜ ଦୋଳି ରେ ପ୍ରଥମ ସରୋଜିନୀ ବେହେରା, ଦ୍ୱିତୀୟ ସଂଗୀତ ଦାସ ଓ ତୃତୀୟ ପୂଜାରାଣୀ ବାରିକ ପାନ ଭଙ୍ଗା ରେ ପ୍ରଥମ ସନ୍ଧ୍ୟାରାଣୀ ମିଶ୍ର, ଦ୍ୱିତୀୟ ଜ୍ୟୋଷ୍ଣନାରାଣୀ ରାଉଳ, ତୃତୀୟ ଆରାଭ୍ୟା ନାୟକ ହୋଇଥିଲେ । ପ୍ରତିଯୋଗିତାରେ ବିଚାରକଭାବେ ନିରୁପମା ସୁନ୍ଦରାୟ, ସୁଷମା ଦାସ, ଉର୍ମିଳା ସାହୁ, ଏବଂ ସମ୍ପାଦକ ଦିଲୀପ ପରିଡା ରହିଥିଲେ । କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ତୁଲାଉ ଥିଲେ, ଦୀନବନ୍ଧୁ ବଳିୟାର ସିଂହ, ରତ୍ନାକର ସାହୁ ।

## ରଜରେ ନନ୍ଦନକାନନ ବୁଲିଲେ ୭୮ ହଜାର ପର୍ଯ୍ୟଟକ

ଭୁବନେଶ୍ୱର(ସବ୍ୟୁ): ତୃତୀୟ ରଜରେ ନନ୍ଦନକାନନରେ ୧୮୧୩୪ ପର୍ଯ୍ୟଟକ ବୁଲିବାକୁ ଆସିଛନ୍ତି । ଟିକେଟ କରିଥିବା ପର୍ଯ୍ୟଟକଙ୍କ ସଂଖ୍ୟାରୁ ଏହା ଜଣାପଡିଛି । ସେହିଭଳି ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ୧୨୭୪ ଖଣ୍ଡ ଟିକେଟ ବିକ୍ରି ହୋଇଥିବା ସୂଚନା ମିଳିଛି ।

ରଜ ତିନି ଦିନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ଏହାର ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ମୋଟ ୭୮,୩୨୨ ଜଣ ପର୍ଯ୍ୟଟକ ଆସିଥିବା ଟିକେଟ ବିକ୍ରିରୁ ଜଣାପଡିଛି । ଏହା ପୂର୍ବରୁ ନନ୍ଦନକାନନ ପକ୍ଷରୁ କୁହାଯାଇଥିଲା, ରଜ ମହୋତ୍ସବର ଦ୍ୱିତୀୟ ଦିନରେ, ନନ୍ଦନକାନନରେ ୩୯,୫୮୨ ଜଣ ଦର୍ଶକଙ୍କ ଆଗମନ ରେକର୍ଡ କରାଯାଇଛି । ସେଥିମଧ୍ୟରୁ ପ୍ରାଣୀ ଉଦ୍ୟାନକୁ ୩୭,୧୦୮ ଏବଂ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୨,୪୭୪ ଜଣ ଦର୍ଶକ ଆସିଥିଲେ । ସୁରକ୍ଷା ଏବଂ ପରିଦର୍ଶକଙ୍କ ସହାୟତା ବ୍ୟବସ୍ଥା ସଠିକ୍ ଭାବରେ କରାଯାଇଥିଲା, ଯାହା ସୁଗମ ପରିଚାଳନାକୁ ସୁନିଶ୍ଚିତ କରିଥିଲା । ସେହିପରି ଚଳିତବର୍ଷ ରଜ ମହୋତ୍ସବର ପ୍ରଥମ ଦିନରେ ନନ୍ଦନକାନନରେ ୨୪,୮୫୬ ଜଣ ପରିଦର୍ଶକ ଆସିଥିଲେ । ଭିଡ଼ ପରିଚାଳନା ପାଇଁ ୧୦୬ ଜଣ ସୁରକ୍ଷା କର୍ମୀ ଏବଂ ୩୨ ଜଣ ସ୍ୱେଚ୍ଛାସେବକଙ୍କୁ ନିୟୋଜିତ କରାଯାଇଥିଲା । ପର୍ଯ୍ୟଟକଙ୍କ ଆରାମ ପାଇଁ ୩୨ଟି ପାନୀୟ ଜଳ ପଏଣ୍ଟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା ବୋଲି ନନ୍ଦନକାନନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ଜିନ୍ଦଲ ଫାଉଣ୍ଡେସନକୁ ସମ୍ମାନଜନକ ୨ଟି ବର୍ଗରେ ଗ୍ରୀନଟେକ୍ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): କୃଷି ପ୍ରୋତ୍ସାହନ ଓ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାଓ୍ୱାର (ଜେଏସପି)କୁ ୨ଟି ବର୍ଗରେ ସମ୍ମାନଜନକ ଗ୍ରୀନଟେକ୍ ପୁରସ୍କାର ପ୍ରଦାନ କରାଯାଇଛି । ଜୁନ୍ ୧୪ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ ଦ୍ୱୟ କରାଯାଇଥିଲା । ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଅଭିନନ୍ଦନ ଜଣାଇବା ସହ କହିଛନ୍ତି, ଯେ ଆମେ ଏହି ପୁରସ୍କାର ଗ୍ରହଣ କରି ଅତ୍ୟନ୍ତ ଆନନ୍ଦିତ । ଏହି ସ୍ୱୀକୃତି ସାମଗ୍ରିକ ବିକାଶ ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାକୁ ଆହୁରି ମଜଭୁତ କରୁଛି । ନିରନ୍ତର କୃଷି ପାଇଁ କୃଷକମାନଙ୍କୁ କୁଶଳୀ କରିବା ହେଉ ଅଥବା ବରିଷ୍ଠମାନଙ୍କ ପାଇଁ ସମ୍ମାନଜନକ ପରିବେଶ ତିଆରି କରିବା ହେଉ ଆମର କାର୍ଯ୍ୟ ସବୁବେଳେ ଗଭୀର ଦାୟିତ୍ୱବୋଧ ଦ୍ୱାରା ପରିଚାଳିତଛ ଆମ ଟିମ୍ ଏବଂ ଯେଉଁ ମାନଙ୍କ ପାଇଁ ଆମେ କାର୍ଯ୍ୟ କରୁଛୁ, ସେମାନଙ୍କୁ ଏହି ପୁରସ୍କାରକୁ ସମର୍ପିତ କରୁଛି । ଏହି ଦୁଇଟି ସମ୍ମାନ ପାଇଁ ସେ ବିଚାରକମଣ୍ଡଳୀଙ୍କୁ ଧନ୍ୟବାଦ ଦେଇଛନ୍ତି । ଗ୍ରାମାଞ୍ଚଳ ଓ ଆଦିବାସୀବହୁଳ ଅଞ୍ଚଳରେ ନିରନ୍ତର କୃଷି କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଜେଏସପି ର ଅଭିନବ ଓ ପ୍ରଭାବଶାଳୀ ପଦକ୍ଷେପକୁ ଏହି ପୁରସ୍କାର ସ୍ୱୀକୃତି ପ୍ରଦାନ କରୁଛି । କୃଷି ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅଧୀନରେ ଜେଏସପିର ସାମାଜିକ ସଂସ୍ଥା, ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ୨୫ହଜାରରୁ ଅଧିକ କୃଷକମାନଙ୍କୁ ଜୈବିକ କୃଷି, ଜଳସଂଚୟ ଉପଯୋଗୀ ସେଚ କୌଶଳ, ଅତ୍ୟାଧୁନିକ କୃଷି ଉପକରଣର ବ୍ୟବହାର ଓ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଛି । ଏହି ପଦକ୍ଷେପ ଫସଲ ଉତ୍ପାଦନ, କୃଷି ଆୟ ବୃଦ୍ଧି କରିବା ସହ ପରିବେଶ ସୁରକ୍ଷା କ୍ଷେତ୍ରରେ ମଧ୍ୟ ସହାୟତା କରୁଛି । ପ୍ରାକୃତିକ କୃଷି ପ୍ରକଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ମାନ୍ୟବର ସାଂସଦ ଓ ଜିନ୍ଦଲ ଷ୍ଟିଲ ଏଣ୍ଡ ପାଓ୍ୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଲକ୍ଷ୍ୟକୁ ଆଧାର କରି, ନିକଟରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଜିନ୍ଦଲ ଅନୁଗୁଳର ଚାଷୀମାନଙ୍କ ପାଇଁ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷଣ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି ।

# ୨୦ରେ ମୋଦିଙ୍କ ରୋଡ ଶୋ'

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟ ବିଜେପି ସରକାରର ବର୍ଷପୂର୍ତ୍ତି ଅବସରରେ ହେବାକୁ ଥିବା ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ନେଇ ସୂଚନା ମିଳିଛି । ଜୁନ୍ ୨୦ ତାରିଖ ଦିନ ୩.୪୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ପହଞ୍ଚିବେ । ୩.୪୫ ରୁ ୪.୧୫ ଯାଏ ରୋଡ୍ ଶୋରେ ଜନତା ମୈଦାନ ସଭାସ୍ଥଳକୁ ଯିବେ । ୫.୩୦ ଯାଏ ସଭାସ୍ଥଳରେ ରହିବେ । ୫.୫୦ରେ ଭୁବନେଶ୍ୱର ବିମାନ ବନ୍ଦରରୁ ଦିଲ୍ଲୀ ଫେରିଯିବେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ବିଜେପି ପକ୍ଷରୁ ଜୋରଦାର ଆୟୋଜନ କରାଯାଇଛି । ଦଳୀୟ କାର୍ଯ୍ୟାଳୟରେ ବୈଠକ କରାଯାଇ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା



ଲାଗି ପଦକ୍ଷେପ ନିଆଯାଇଛି । ରୋଡଶୋ'ରେ ଅଧିକ ଜନଗହଳି ଲାଗି ମଧ୍ୟ ଉଦ୍ୟମ କରାଯାଇଛି । ତେବେ ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିବାରୁ ୬୦ରୁ ଉର୍ଦ୍ଧ୍ୱ ଅଧିକାରୀଙ୍କୁ ଉତ୍ସବ ଆୟୋଜନର ତଦାରଖ ଲଗି ଦାୟିତ୍ୱ ଦିଆଯାଇଛି ।

## ବ୍ରହ୍ମପଡ଼ାରେ ରଜ ମହୋତ୍ସବ

କଣାସ,(ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକ ଆଳିବାଡ ପଞ୍ଚାୟତ ବ୍ରହ୍ମପଡ଼ା ଠାରେ ଥିବା ମା ଭଗବତୀ ପୀଠରେ ୨୨ତମ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବରେ ଅତିଥିଭାବେ ପୁରୀ ଲୋକସଭା ସାଂସଦ ଡଃ ସମ୍ବିତ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇଥିଲେ ।ଏହି ଅବସରରେ ଗୁଜୁରାଟର ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

# ଷ୍ଟପ୍ ଡାଇରିଆ ଅଭିଯାନ ଆରମ୍ଭ

ଢ଼େଙ୍କାନାଳ/ଭୁବନ/ଭୁବନେଶ୍ୱର(ସବ୍ୟୁ): ବର୍ଷା ଋତୁରେ ଜଳବାହିତ ରୋଗ ଡାଇରିଆର ନିରାକରଣ ନିମନ୍ତେ ସାରା ରାଜ୍ୟରେ ଷ୍ଟପ ଡାଇରିଆ ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନ ଆଜିଠୁ ଆରମ୍ଭ ହୋଇ ୩୧ ଜୁଲାଇ ପର୍ଯ୍ୟନ୍ତ ଚାଲିବ । ଡାଇରିଆ ଏକ ବର୍ଷା ଋତୁକାଳୀନ ଜଳ ବାହିତ ରୋଗ । ଡାଇରିଆ ସ୍ଥିତି ଉପରେ ନଜର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସରକାର ନିରାକରଣ ଓ ପ୍ରତିଷେଧ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି । ଉନ୍ନତ ସ୍ୱାସ୍ଥ୍ୟସେବା, ଆନୁସଙ୍ଗିକ ଉପକରଣ, ଔଷଧ, ଭିତ୍ତିଭୂମି ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଏହା କହିଛନ୍ତି ।

ଢେଙ୍କାନାଳ ଜିଲ୍ଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ସୋମବାର ଏହି ଅଭିଯାନର ଉଦଘାଟନ୍ କରି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଥିଲେ, ଡାଇରିଆ ନିରାକରଣ ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ସଚେତନତା ସହ ସମ୍ମିଳିତ ଉଦ୍ୟମ କରାଯାଉଛି । ହାତ ଧୋଇବା, ପରିଚ୍ଛନ୍ନତା ନିୟମ ପାଳନ କରିବା, ସୁଷମ ଖାଦ୍ୟ ଖାଇବା, ନିରାପଦ ପାଣି ପିଇବା, ଜଳ ଉତ୍ସକୁ ବିଶୋଧିତ ରଖିବା ବାହାରେ ମଳତ୍ୟାଗ ନକରିବା ଆଦି ଅଭ୍ୟାସ ଦ୍ୱାରା ଆମେ ଡାଇରିଆ ରୋଗର ପ୍ରତିରୋଧ କରିପାରିବା । ସଚେତନତା ଓ ସାବଧାନତା ମାଧ୍ୟମରେ ନିଜେ ସୁସ୍ଥ ରହିବା ସହ ଆମ ପରିବାର ଏବଂ ପଡୋଶୀମାନଙ୍କୁ ସୁରକ୍ଷିତ ରଖିପାରିବା ।




ଏହି ଅଭିଯାନ ମାଧ୍ୟମରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟ ଉପକେନ୍ଦ୍ର, କମ୍ୟୁନିଟି ସେଣ୍ଟର ଓ ଆରୋଗ୍ୟ ମନ୍ଦିରମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ ପ୍ୟାକେଟ, ଜିଙ୍କ ଟାବଲେଟ୍ ଓ ଔଷଧ ମହଜୁଦ ରଖାଯାଇଛି । ଗ୍ରାମ ଓ ସହରାଞ୍ଚଳରେ କାର୍ଯ୍ୟରତ ସମସ୍ତ କ୍ଷେତ୍ର ସ୍ତରୀୟ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି କର୍ମୀ, ଏଏନଏମ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରାରମ୍ଭିକ ଅବସ୍ଥାରୁ ଡାଇରିଆ ରୋଗର ଚିହ୍ନଟ ଓ ପରିଚାଳନା ବିଷୟରେ ତାଲିମ ଦିଆଯାଇଛି । ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ବୁଲି ସଚେତନତା ବାର୍ତ୍ତା ସମ୍ବନ୍ଧିତ ସୂଚନାପତ୍ର ଓଆରଏସ, ଜିଙ୍କ ଟାବଲେଟ୍ ଓ ଔଷଧ ବଣ୍ଟନ କରିବାକୁ ମନ୍ତ୍ରୀ ଡଃ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱାସ୍ଥ୍ୟକର୍ମୀ ଏବଂ ଡାକ୍ତରମାନଙ୍କ ପରାମର୍ଶକୁ ଦୈନନ୍ଦିନ ଜୀବନରେ ଅନୁପାଳନ କରିବା ସହ ଡାଇରିଆ ଲକ୍ଷଣ ଦେଖାଯିବା ମାତ୍ରେ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ଡାକ୍ତରୀ ଚିକିତ୍ସା କରିବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ ।

ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡାଇରିଆ ନିରାକରଣ ନିମନ୍ତେ ସମବେତ ମା'ମାନଙ୍କୁ ଓଆରଏସ୍ ଏବଂ ଜିଙ୍କ ଟାବଲେଟ ପ୍ୟାକେଟ ବଣ୍ଟନ କରିଥିଲେ ।

ଏହି ଅବସରରେ ଡାଇରିଆ ସଚେତନତା ଏବଂ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧିତ ସୂଚନା, ଶିକ୍ଷା ଓ ଜନ ଯୋଗାଯୋଗ (ଆଇ.ଇ.ସି) ପତ୍ରିକା ଓ ସୂଚନା ପତ୍ର ଗୁଡ଼ିକୁ ଉନ୍ମୋଚିତ ହୋଇଥିଲା । ଶୂନ୍ୟରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ଡାଇରିଆ କ୍ଷେତ୍ରରେ କେଉଁ ପର୍ଯ୍ୟାୟରେ କେତେ ପରିମାଣର ଓଆରଏସ, ତରଳ ପଦାର୍ଥ ଏବଂ ଜିଙ୍କ ଦିଆଯିବା ଆବଶ୍ୟକ ସେ ବିଷୟରେ ବିସ୍ତୃତ ସୂଚନା ସହ ବିଭିନ୍ନ ସ୍ୱାସ୍ଥ୍ୟ ସେବା କେନ୍ଦ୍ରମାନଙ୍କରେ ଓଆରଏସ ଏବଂ ଜିଙ୍କ କର୍ଣ୍ଣର ଖୋଲିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଥିଲା । ଉଦଘାଟନୀ ଉତ୍ସବରେ ଢ଼େଙ୍କାନାଳର ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକବିଭୂତି ପ୍ରଧାନ, ହିନ୍ଦୋଳ ବିଧାୟକ ସିମାରଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଭୁବନ ଏନଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପଧ୍ୟାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର



ଭଞ୍ଜନଗର, (ସବ୍ୟୁ): ଗାଙ୍ଗପୁର ଥାନା ଅନ୍ତର୍ଗତ କ୍ଷତ୍ରୀୟବରପୁର ଗ୍ରାମ ନିକଟସ୍ଥ କାଙ୍ଗୁ ବଗିଚାରେ ଗଣ୍ଡୋଗଳ ଘଟି ଶିବ ଶଙ୍କର ସେଠୀ ନାମକ ଜଣେ ଯୁବକ ଗୁରୁତର ଭାବେ ଆହାତ ହୋଇଛନ୍ତି । ଶିବ ଶଙ୍କରଙ୍କ ଡାହାଣ ହାତରେ ପ୍ରଚଣ୍ଡ ଆଘାତ ଲାଗିଛି । ଏହି ହାତର ପାପୁଲି ଛିଣ୍ଡି ପଡ଼ିଥିବା ବେଳେ ଗୋଟିଏ ଚୋଟ ଲାଗିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବିରୋଧୀ ଗୋଷ୍ଠିର ୪/୫ ଜଣ ଯୁବକ ସଙ୍ଗଠିତ ଭାବେ ଶିବ ଶଙ୍କର ଉପରେ ଖଣ୍ଡାରେ ପ୍ରଚଣ୍ଡ ଭାବେ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରୁ ମୁଣ୍ଡକୁ ରକ୍ଷା କରିବାକୁ ଯାଇ ଡାହାଣ ହାତ ଦେଖାଇଥିଲେ । ଆକ୍ରମଣକାରୀମାନେ ଏହି ହାତକୁ ଦୁଇ ଚୋଟ ପକାଇବା ବେଳେ ଜୀବନ ରକ୍ଷା କରିବା ପାଇଁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରାୟ ଦେଢ଼ କି.ମି ଦୂର ଗୌଡି ମେନ୍ ରୋଡକୁ ଦୌଡି ଆସିଥିଲେ ବୋଲି ମେଡିକାଲ ଚିକିତ୍ସା ପାଇଁ ଆସିଥିବା ଶିବ ଶଙ୍କର ପ୍ରକାଶ କରିଛନ୍ତି । ଏହି ଘଟଣାରେ ଥାନାରେ କୌଣସି ଏତଲା ପହଁଚି ନଥିବା କଥା ଥାନା ଅଧିକାରୀ ଶୁଭଲକ୍ଷ୍ମି ପୂଜାରୀ ପ୍ରକାଶ କରିଛନ୍ତି । ଫଳରେ ଗଣ୍ଡୋଗୋଳର ସଠିକ୍ କାରଣ ଜଣାପଡି ନଥିବା କଥା ଥାନା ଅଧିକାରୀଙ୍କ ଠାରୁ ଜଣାପଡିଛି । ଏକ ଗଞ୍ଜେଇ ବେପାରକୁ କେନ୍ଦ୍ରକରି ଦୁଇ ଗୋଷ୍ଠି ମଧ୍ୟରେ ବିବାଦ ଲାଗି ରହିଥିବା କଥା ଶିବ ଶଙ୍କର ପ୍ରକାଶ କରିଛନ୍ତି । ତେବେ, ପୁଲିସ ଚୋରା ଗଞ୍ଜେଇ କାରବାର ମାମଲାରେ ଉଭୟ ପକ୍ଷକୁ ଗିରଫ କରି କୋର୍ଟ ଚାଲଣ କରିଥିଲେ । ତେବେ, ସମସ୍ତେ ଜାମିନରେ ଆସିବା ପରେ ବିବାଦ ହିଂସାତ୍ମକ ମୋଡକୁ ଗତି କରିଥିଲା । ଶିବ ଶଙ୍କର ଛତ୍ରପୁର ଠାରେ କୌଣସି ଏକ କମ୍ପାନୀରେ କାମ କରୁଥିବା ବେଳେ ବିରୋଧି ଗୋଷ୍ଠିର ଯୁବକମାନେ ପରସ୍ପର ମଧ୍ୟରେ ଲାଗିଥିବା ବିବାଦର ସମାଧାନ ପାଇଁ ତାଙ୍କୁ ଡକାଇ ଗାଁକୁ ଡାକିଥାଣି ନିକଟସ୍ଥ କାଙ୍ଗୁ ବଗିଚାକୁ ନେଇଥିଲେ। ସେଠାରେ ଉଭୟ ପକ୍ଷ ମଧ୍ୟରେ ପୁନର୍ବାର ଗଣ୍ଡୋଗଳ ଘଟି ପୂର୍ବ ପ୍ରସ୍ତୁତି ଅନୁଯାୟୀ ଶିବ ଶଙ୍କରଙ୍କ ଉପରେ ଖଣ୍ଡାରେ ଆକ୍ରମଣ କରିଥିଲେ ବୋଲି ଶିବଶଙ୍କର ପ୍ରକାଶ କରିଛନ୍ତି । ଗୁରୁତର ଅବସ୍ଥାରେ ଶିବ ଶଙ୍କରଙ୍କୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତରିତ କରାଯାଇଛି। ସମସ୍ତ ଗଣ୍ଡୋଗଳକାରୀଙ୍କ ଘର କ୍ଷତ୍ରୀୟବରପୁର ଗ୍ରାମ ବୋଲି ଶିବ ଶଙ୍କର ପ୍ରକାଶ କରିଛି ।

# ହିମାଳୟ ମହେନ୍ଦ୍ରଶିଖରରେ ୩ ରାଜ୍ୟର ସାଧୁସନ୍ଥଙ୍କ ସମ୍ମିଳନୀ



ପାରଳାଖେମୁଣ୍ଡି, (ସବ୍ୟୁ): ହିମାଳୟ ଭାବେ ପ୍ରଖ୍ୟାତ ଗଜପତି ମହେନ୍ଦ୍ରପର୍ବତ ଶିଖରରେ ଗତ ତିନିଦିନ ଧରି ଆୟୋଜିତ ୩ ଗୋଟି ରାଜ୍ୟର ସାଧୁସନ୍ଥ ସମ୍ମିଳନୀର ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମିଳନୀ ମହେନ୍ଦ୍ରଗିରି ଠାରେ ଥିବା ମହେନ୍ଦ୍ରଆଶ୍ରମରେ ଅନୁଷ୍ଠିତ ହୋଇଥିଲା। ଆନ୍ଧ୍ର, ଓଡ଼ିଶା ଓ ତେଲେଙ୍ଗାନାର ଶତାଧିକ ସାଧୁସନ୍ଥ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ମହେନ୍ଦ୍ର ଆଶ୍ରମର ପୂଜ୍ୟସ୍ୱାମୀ ଭାସ୍କରତୀର୍ଥ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପରମାନନ୍ଦ ସେବା ଆଶ୍ରମର ଅଧ୍ୟକ୍ଷ ସ୍ୱାମୀ ଭୁବେଶାନନ୍ଦ ସରସ୍ୱତୀ କାର୍ଯ୍ୟକ୍ରମ ସଂଯୋଜନା ଓ ପୂଜ୍ୟ ସ୍ୱାମୀ ଅକ୍ଷୟାନନ୍ଦ ଏଥିରେ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ବାବା ଡମ୍ବୁରୁଧର ଦାସ (ତପ୍ତପାଣି), ବାବା ନାଗରାଜ (ଜୟପୁର), ସ୍ୱାମୀ ଆଖିଳାନନ୍ଦ ତୀର୍ଥ, ସ୍ୱାମୀ ଯୋଗାନନ୍ଦ ସରସ୍ୱତୀ ଓ ସ୍ୱାମୀ ହରିଶରଣାନନ୍ଦ ସରସ୍ୱତୀ (ବ୍ରହ୍ମପୁର), ମହନ୍ତ ରାମାନନ୍ଦ ଦାସ ମହାରାଜ(ପାରଳାଖେମୁଣ୍ଡି), ସ୍ୱାମୀ ସନିଷ୍ଠାନନ୍ଦ ସରସ୍ୱତୀ (ବଦ୍ରୀନାଥ)ଙ୍କ ସମେତ ବହୁ ସନ୍ଥ ମିଳିତ ହୋଇ ମହେନ୍ଦ୍ରପର୍ବତ ସମ୍ପର୍କରେ ନିଜ ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ। ବିଶେଷ କରି ମହେନ୍ଦ୍ର ପର୍ବତକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଲେ ବଦ୍ରୀନାଥ ଓ କେଦାରନାଥ ଭଳି ତପ ମନ୍ଦିରର ମାନ୍ୟତା ପାଇବ । ତେଣୁ ରାଜ୍ୟ ସରକାର ଧ୍ୟାନ ଦେବା ଆବଶ୍ୟକ ବୋଲି ସମ୍ମିଳନୀରେ ସାଧୁସନ୍ଥମାନେ ସେମାନଙ୍କ ମତବ୍ୟକ୍ତ କରିଥିଲେ । ମହେନ୍ଦ୍ରଗିରିରେ ଜୀବ ହତ୍ୟା ବନ୍ଦ କରିବା ସହ ଏହି ଅଞ୍ଚଳକୁ ମାଦକଦ୍ରବ୍ୟ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଉ ବୋଲି ସମସ୍ତେ ମତ ଦେଇଥିଲେ। ମହେନ୍ଦ୍ରଗିରି ଅଞ୍ଚଳର ଉନ୍ନୟନ କମିଟି ଗଠନ କରାଯାଉ। ଉନ୍ନୟନ ଯୋଜନା କାର୍ଯ୍ୟକାରୀ ସମୟରେ ସାଧୁସନ୍ଥଙ୍କୁ ସାମିଲ କରାଯାଉ ବୋଲି ମଧ ମତ ପ୍ରକାଶ ପାଇଥିଲା। ମହେନ୍ଦ୍ରଗିରିରେ ସନ୍ଥଙ୍କ ନିବାସ ପାଇଁ ସନ୍ଥ ନିବାସ, ଭକ୍ତ ନିବାସ, ସତସଙ୍ଗ କେନ୍ଦ୍ର, ପର୍ଯ୍ୟାବରଣ ସୁରକ୍ଷା ପାଇଁ ଘୃତଯଜ୍ଞ ମଣ୍ଡପ, ଧ୍ୟାନ ମନ୍ଦିର, ଭକ୍ତଙ୍କ ପାଇଁ ଶୌଚାଳୟ ଓ ରୋଷଶାଳା ନିର୍ମାଣ କଲେ ଅଞ୍ଚଳକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବ । ତେଣୁ ସରକାର ଏନେଇ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ କରାଯାଇଛି । ଏହି ସମ୍ମିଳନୀର ସମସ୍ତ କାର୍ଯ୍ୟକ୍ରମକୁ ଋଷିପୁତ୍ର, ଋଷୀକନ୍ୟାଗଣ ଆୟୋଜନ କରିବା ସହ ପ୍ରସାଦ ସେବନ ବ୍ୟବସ୍ଥାର ପରିଚାଳନା କରିଥିଲେ ।

# ଛାତ୍ରୀଙ୍କୁ ଅସଦାଚରଣ, ଯୁବକ ଅଟକ

ବ୍ରହ୍ମପୁର, (ସବ୍ୟୁ): ଟାଉନ ଥାନା ଅନ୍ତର୍ଗତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛକ ଠାରେ ଜଣେ ନାବାଳିକା ଛାତ୍ରୀଙ୍କୁ ଦିନ ଦ୍ୱିପହରରେ ଅସଦାଚରଣ ହୋଇଛି। ଏନେଇ ପିଡ଼ିତାଙ୍କ ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ୨୩୨/୨୫ ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ସମ୍ପୃକ୍ତ ଯୁବକଙ୍କୁ କାବୁ କରିଛି। ଯୁବକ ଜଣଙ୍କ ବଳରାମ ସାହୁ(୩୫) ଓ ତାଙ୍କ ଘର ଶେରଗଡ ଥାନା ଅଞ୍ଚଳର ହୋଇଥିବା ବେଳେ ସେ ବ୍ରହ୍ମପୁରରେ ରହି ଘରୋଇ ଅନୁଷ୍ଠାନରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି। ସୂଚନାପ୍ରକାରେ, ସାମବାର ଅପରାହ୍ନରେ ବିଶ୍ୱବିଦ୍ୟାଳୟ ଛକ ଠାରେ ଜଣେ ନାବାଳିକା ଛାତ୍ରୀଙ୍କୁ ଜଣେ ଯୁବକ ଟଣାଓଟରା କରିଥିଲେ। ତେବେ ଏ ବିଷୟରେ ନାବାଳିକା ଜଣଙ୍କ ନିଜ ପରିଚିତ ଲୋକଙ୍କୁ ଜଣାଇବା ପରେ ସେଠାରେ କିଛି ଯୁବକ ଓ ଯୁବତୀ ଜମା ହୋଇଥିଲେ। ସେଥିରୁ ଜଣେ ଯୁବତୀ ବଳରାମଙ୍କୁ ଗାଳିଗୁଲଜ କରିବା ସହ ଠେଲାପେଲା କରିଥିଲେ। ବଳରାମ ତଳେ ପଡିଯିବା ସହ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ରାସ୍ତାକଡରେ ବେଶ କିଛି ସମୟ ଧରି ଏଭଳି ଡ୍ରାମା ଲାଗି ରହିଥିଲା । ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ବଳରାମଙ୍କୁ କାବୁ କରି ଥାନାକୁ ନେଇଥିଲା । ସଂପୃକ୍ତ ଛାତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ବଳରାମଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି।

# ଭଞ୍ଜନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ଓଡ୍ର ଖଣ୍ଡାୟତ କାଳିଞ୍ଜି ସମାଜ ଗୃହ ଠାରେ ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ବ୍ଲକର ସମସ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ ସଭାପତି ବିଭୁତିଭୂଷଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥିଭାବେ ରାଜ୍ୟ ସଂଘ ସମ୍ପାଦକ ଶ୍ୟାମସୁନ୍ଦରଖାଡ଼ଙ୍ଗା ଯୋଗଦେଇ ପେନସେନ ଉପରେ କେନ୍ଦ୍ରସରକାର ନେବାକୁ ଯାଉଥିବା ବିଷୟରେ ରହିଥିବା ଅସୁବିଧା ଓ ସମସ୍ୟା ଉପରେ ବକ୍ତବ୍ୟ ରଖିଥିଲେ । ଭବିଷ୍ୟତରେ ଏହାର ପ୍ରଭାରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପେନ୍‌ସନରେ କୌଣସି ପ୍ରକାର ସୁବିଧା ରହୁନଥିବା ଦର୍ଶାଇଥିଲେ । ଏହାକୁ ନେଇ ପରବର୍ତ୍ତୀ ଦିନରେ ଏକ ବଡ ଧରଣର ସମାବେଶ ସହ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ ସ୍ୱାଗତ ଭାଷଣ ସହ ଏହାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିସହ ସଚେତନ ରଥ ମାଧ୍ୟମରେ ବ୍ରହ୍ମପୁର ଠାରୁ ଫୁଲବାଣୀ ଭାୟା ଆସ୍କା, ଭଞ୍ଜନଗର ଦେଇ ପ୍ରସ୍ତାବିତ ରେଳ ଲାଇନ କାର୍ଯ୍ୟକୁସଂଘ ସମ୍ପୂର୍ଣ୍ଣ ସ୍ୱାଗତ କରିବା ସହ ସମର୍ଥନ କରାଯାଇଥିଲା। ଏଥିରେ କବିରାଜ ପଲେଇ, ଜଗବନ୍ଧୁ ଜେନା, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଜୟଦେବ ତାରିଣୀ, ଅମରବିଳାସ ବେହେରା,ଅନୁପମ ବାନାର୍ଜୀ, ଅନିଲ କୁମାର ପଣ୍ଡା, ସନ୍ତୋଷ କୁମାର ଜେନା, ପର୍ଶୁରାମ ସ୍ୱାଇଁ, ରିତାରାଣୀ ମହାପାତ୍ର, ବିପିନ ବିହାରୀ ପାଢ଼ୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଶତାଧିକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସନ୍ତୋଷ ଜେନା ସଂଯୋଜନା କରିଥିବାବେଳେ ସୁବାସ ଚନ୍ଦ୍ର ତାରିଣୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଫୁଲବାଣୀ ଝିଅ ଶ୍ରାବଣୀ ନିଟ୍‌ରେ ସର୍ବଭାରତୀୟ ସ୍ତରରେ ୧୦୮୬ ର୍‍ୟାଙ୍କ

ଫୁଲବାଣୀ, (ସବ୍ୟୁ): ସଦ୍ୟ ପ୍ରକାଶିତ ସର୍ବ ଭାରତୀୟ ନିଟ ପରୀକ୍ଷାରେ ୭୨୦ ମାର୍କରୁ ୬୦୫ ମାର୍କ ଆଣି ତଥା ସର୍ବଭାରତୀୟ ସ୍ତରରେ ୧୦୮୬ ର୍‍ୟାଙ୍କରେ ରହିଛନ୍ତି । ଶ୍ରାବଣୀ ପିଲାଟି ଦିନରୁ ଡାକ୍ତର ହେବାର ସ୍ୱପ୍ନ ଦେଖିଥିଲେ । ଯାହା ବିନା କୋଚିଂରେ ନିଜ ଉଦ୍ୟମ ବଳରେ ଡାକ୍ତରୀ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇ ଫୁଲବାଣୀ ପାଇଁ ଗର୍ବ ଆଣିଛନ୍ତି । ବାପା ବନଜ ଦାସ ଓ ମା ସୁଦେଷ୍ଣା ମିଶ୍ରଙ୍କର ସେ



ଏକ ମାତ୍ର କନ୍ୟା । ବାପା ପିଲାଙ୍କୁ ଟିଉସନ କରି ଓ ଏଲଆଇସିରେ ଏଜେଣ୍ଟ ଭାବେ କାର୍ଯ୍ୟକରି ଘର ଚଳାନ୍ତି। ଶ୍ରାବଣୀ ପିଲାଟି ଦିନରୁ ଡାକ୍ତର ହେବାର ସ୍ୱପ୍ନ ଦେଖି ପାଠ ପଢୁଥିଲେ। ଦଶମରେ ଫୁଲବାଣୀ ଶିଶୁମନ୍ଦିର ଓ ଯୁକ୍ତ ୨ରେ ବ୍ରହ୍ମପୁର ନୀଳକଣ୍ଠ ନଗର ଶିଶୁମନ୍ଦିରରେ ପଢି ସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିଲେ । ଗତବର୍ଷ ପ୍ରଥମଥର ନିଟ ପରୀକ୍ଷାରେ ମଧ୍ୟ ସେ ମେଡିକାଲ ପାଇଥିଲେ । କିନ୍ତୁ ଭଲ କଲେଜ ନଆସିବାରୁ ଚଳିତବର୍ଷ ପୁଣି ପରୀକ୍ଷା ଦେଇ ସର୍ବ ଭାରତୀୟ ସ୍ତରରେ ୧୦୮୬ ର୍‍ୟାଙ୍କ ରଖି ନିଜ ବାପା, ମା ଓ ଫୁଲବାଣୀ ପାଇଁ ଗର୍ବ ଆଣିଛନ୍ତି। ସେ ତାଙ୍କ ପରିଶ୍ରମ, ନିଷ୍ଠା ଓ ଏକାଗ୍ରତା ତାଙ୍କୁ ଏହି ସଫଳତା ଦେଇଛି ଓ ତାଙ୍କର ସମସ୍ତ ଶ୍ରେୟ ବାପା, ମା ଓ ସ୍କୁଲର ଗୁରୁଜୀଙ୍କୁ ଦେଇଛନ୍ତି। ଶ୍ରାବଣୀଙ୍କର ଏହି ସଫଳତା ପାଇଁ ଚାରିଆଡୁ ଶୁଭେଚ୍ଛାର ଛୁଟୁଛି ।

# ଜଗନ୍ନାଥ ପ୍ରସାଦ ରେଞ୍ଜ କାର୍ଯ୍ୟାଳୟକୁ ବୋମାମାଡ

ଭଞ୍ଜନଗର, (ସବ୍ୟୁ): ଢେଙ୍କାନାଳ ବନଖଣ୍ଡର ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କୁ ଗୁଳିକରି ହତ୍ୟା ଘଟଣାର ଆତଙ୍କ ଥମି ନଥିବାବେଳେ ରବିବାର ବିଳମ୍ବିତ ରାତିରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅଧିନସ୍ଥ ଜଗନ୍ନାଥପ୍ରସାଦ ରେଞ୍ଜ କାର୍ଯ୍ୟାଳୟ ଉପରକୁ ବୋମାମାଡ଼ ହୋଇଛି। ଏଥିରେ ରେଞ୍ଜ କାର୍ଯ୍ୟାଳୟରେ ଶୋଇଥିବା ଗୋଟିଏ କୁକୁରର ମୃତ୍ୟୁ ଘଟିଛି। ଏଥିସହ ଗୋଦାମ ଗୃହର କବାଟ ଭାଙ୍ଗିଯିବା ସହ କେତେକ ସାଇକେଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ନିକଟରେ ଶୋଇଥିବା କର୍ମଚାରୀମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ବିଭାଗୀୟ କର୍ମଚାରୀମାନେ ଆତଙ୍କିତ ହୋଇପଡ଼ିବା ସହ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। କିଏ କେଉଁ କାରଣରୁ ବୋମାମାଡ଼ କଲା ତାହାର ସଠିକ କାରଣ ଜଣାପଡ଼ିନାହିଁ। ରେଞ୍ଜ ପକ୍ଷରୁ ଏନେଇ ଜଗନ୍ନାଥପ୍ରସାଦ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ ପାଇଁ ଏତଲା ଲେଖା ଚାଲିଛି। ବିଭାଗୀୟ କର୍ମଚାରୀଙ୍କ ସହ ସେଭଳି କୌଣସି କାହା ସହ ଶତ୍ରୁତା ନଥିବା ବେଳେ ଏଭଳି କାହିଁକି ଘଟିଲା ତାହା ଜଣାପଡ଼ିନାହିଁ। ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ଅଫିସ କାର୍ଯ୍ୟରେ ବ୍ରହ୍ମପୁର ଯାଇଥିବା ବେଳେ ଏସିଏଫ୍ ରଶ୍ମି ରଞ୍ଜନ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି। ଏନେଇ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତିଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଘଟଣାର ତଦନ୍ତ ଚାଲିଛି। ଏଥିସହ ଥାନାରେ ମଧ ଏତଲା ଦିଆଯାଉଛି। ଏନେଇ ଓଡ଼ିଶା ଅଣ ଗେଜେଟେଡ୍ ବନସେବା ସଂଘ ବ୍ରହ୍ମପୁର ଜୋନ୍ ସଭାପତି ଅନୁପ କୁମାର ବିଷୋୟୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଦୋଷୀମାନଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ କରାଯିବ । ଅପରପକ୍ଷେ ଜଗନ୍ନାଥପ୍ରସାଦ ରେଞ୍ଜ କର୍ମଚାରୀ ଏବଂ ବନସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ମଧ୍ୟରେ ଦିନକୁ ଦିନ ଦୂରତ୍ୱ ବଢୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି ।

# କଳାବ୍ୟାଜ୍ ପିନ୍ଧି ବୁଗୁଡା ବନକର୍ମଚାରୀଙ୍କ ଧାରଣା

ବୁଗୁଡା, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବନାଞ୍ଚଳ ଅଧିନରେ କାର୍ଯ୍ୟରତ ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କୁ ଗତ ମେ ମାସ ୨୪ ତାରିଖ ଦିନ ନିର୍ମମ ଭାବେ ହତ୍ୟା କରାଯିବା ଘଟଣାକୁ ନେଇ ରାଜ୍ୟ ବନକର୍ମଚାରୀ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ତିନୋଟି ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ମାତ୍ର ରାଜା ସରକାର ଦାବି ତ୍ରୟକୁ ଅଣଦେଖା କରୁଥିବା ପ୍ରତିବାଦରେ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ବୁଗୁଡା ବନାଞ୍ଚଳ ଅଧିନରେ କାର୍ଯ୍ୟରତ ବନପାଳ ଓ କ୍ଷେତ୍ର କର୍ମଚାରୀମାନେ ସୋମବାର ଦିନଠୁ କଳାବ୍ୟାଜ୍ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିଥିବା ଜଣାଯାଇଛି। ବୁଗୁଡା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କର୍ମଚାରୀମାନେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏଭଳି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିବେ ବୋଲି ଜଣାଯାଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ଦାବିଗୁଡିକ ପୂରଣ ଦିଗରେ ଧ୍ୟାନ ନଦେଲେ ଆସନ୍ତା ୨୨ ତାରିଖରୁ କର୍ମଚାରୀମାନେ ସମୂହ ଛୁଟିରେ ରହି ଅନଶନ କରିବାକୁ ବାଧ୍ୟ ହେବେ ବୋଲି ସଂଘ ନିଷ୍ପତ୍ତି ଗ୍ରହଣ କରିଥିବା ଜଣାଯାଇଛି। ତେବେ ବନକର୍ମଚାରୀଙ୍କ ବିଭିନ୍ନ ଦାବି ମଧ୍ୟରେ ଶିକାରୀ ଗୁଳିରେ ମୃତ କର୍ମଚାରୀଙ୍କ ପରିବାରକୁ ଏକ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିବା, ବନ କର୍ମଚାରୀମାନଙ୍କୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବା ଏବଂ ଫରେଷ୍ଟ କମିଶନ ଗଠନ ପରି ଅନ୍ୟାନ୍ୟ ଦାବିଗୁଡିକ ପୂରଣ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି କରାଯାଇଛି ।

# ବରିଷ୍ଠ ନାଗରିକ ସମିତି ବାରିପଦାର ସ୍ୱତନ୍ତ୍ର ବୈଠକ




ବାରିପଦା, (ସବ୍ୟୁ) : ବରିଷ୍ଠ ନାଗରିକ ସମିତି, ବାରିପଦା, ମୟୂରଭଞ୍ଜର ଏକ ବିଶେଷ ଅଧିବେଶନ, ଅନୁଷ୍ଠାନର ସ୍ଥାୟୀ ସଭାପତି ଡଃ ଯୋଗେନ୍ଦ୍ର ନାଥ ପଣ୍ଡାଙ୍କ ପୌରହିତ୍ୟରେ ମଧୁବନ ସ୍ଥିତ ମୟୂରଭଞ୍ଜ କେମିଷ୍ଟ ଓ ଡ୍ରାଗିଷ୍ଟ ଭବନରେ ଅନୁଷ୍ଠିତ ହୋଇଯାଇଛି। 'ବରିଷ୍ଠ ନାଗରିକ ମାନଙ୍କର ମାନସିକ ସ୍ୱାସ୍ଥ୍ୟ ସଚେତନତା ପାଇଁ ଯୋଗ ଓ ଦୈନନ୍ଦିନ ଶାରିରୀକ ବ୍ୟାୟାମର ଆବଶ୍ୟକତା ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ନିମନ୍ତେ ବିଷୟ ବିଶାରଦ ଭାବରେ କନ୍ୟାକୁମାରୀ ବିବେକାନନ୍ଦ କେନ୍ଦ୍ରର ଜିଲ୍ଲା ପ୍ରମୁଖ ଅନିଲ କୁମାର କର, ଜିଲ୍ଲା କେନ୍ଦ୍ର ପରିଚାଳକ ଅବସରପ୍ରାପ୍ତ ଅଧକ୍ଷ ସନ୍ଦିପ କୁମାର ଚାନ୍ଦ, ସହର ମୁଖ୍ୟ କେନ୍ଦ୍ର ପରିଚାଳକ ଶିବ ଶଙ୍କର ଗିରି ପ୍ରମୁଖ ଯୋଗଦେଇ ବିଷୟ ବସ୍ତୁ ଭିତ୍ତିକ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅଥିତି ସାମ୍ବାଦିକ ସଂଜୟ ଚୌଧୁରୀ ଜିଲ୍ଲା ତଥା ଆଞ୍ଚଳିକ ଉନ୍ନତି ପାଇଁ ଅନୁଷ୍ଠାନର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ବିଷୟ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ଅନୁଷ୍ଠାନର ସମ୍ପାଦକ ବସନ୍ତ କୁମାର ଦାସ ଆଗାମି ଦିନରେ ଅନୁଷ୍ଠାନ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନେବା ବିଷୟ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଅନୁଷ୍ଠାର ଉପସଭାପତି ରଘୁନାଥ ପଣ୍ଡା ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ସର୍ବେଶ୍ୱର ଭୂୟାଁ, ରଞ୍ଜନ କୁମାର ପାତ୍ର ଓ ଡଃ କୁଞ୍ଜବନ ପୃଷ୍ଟି ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ବରିଷ୍ଠ ନାଗରିକ ଏହି ବୈଠକରେ ଯୋଗଦେବା ସଙ୍ଗେ ସଙ୍ଗେ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଅନୁଷ୍ଠାନର ପ୍ରମୋଟର ବିକ୍ରମ କେଶରୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ଇଶ୍ୱର ଚନ୍ଦ୍ର ଦାସ, ସୁବୋଧ କୁମାର ପଲେଇ ଓ ନନୀଗୋପାଲ ମହାନ୍ତି ସହଯୋଗ କରିଥିଲେ। ପରିଶେଷରେ ବରିଷ୍ଠ ସଦସ୍ୟ ତଥା ଅନୁଷ୍ଠାନର ଉପସଭାପତି ରଘୁନାଥ ପଣ୍ଡା କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୩ ଦିନିଆ ଅମ୍ବିକା ସାହି 'ରଜ ମଉଜ ଉଦ୍‌ଯାପିତ, ଅଲିଭା ରଜ କୁଇନ୍



ବାରିପଦା, (ସବ୍ୟୁ) : ସ୍ଥାନୀୟ ଅମ୍ବିକା ସାହି ସ୍ଥିତ ଶିଶୁ ଉଦ୍ୟାନ ପରିସରରେ ୧୩ତମ 'ରଜ ମଉଜ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ୩ଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ଶତାଧିକ ପ୍ରତିଯୋଗୀ ସମେତ ସେମାନଙ୍କର ପିତାମାତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବେଶ ଉପଭୋଗ କରିଥିଲେ । ଏବର୍ଷ ଅଲିଭା ତ୍ରିପାଠୀ ରଜ କୁଇନ୍ ବିବେଚିତ ହୋଇଥିବାବେଳେ ମୋନାଲିସା ନାଏକ ୨ୟ ଓ ସାଇ ଶ୍ରଦ୍ଧା ୩ୟ ସ୍ଥାନ ଅଧିକାର କରିଥିଲେ । ଶେଷ ସନ୍ଧ୍ୟାରେ କୌତୁକ ପୋଷାକ, ଛୁଞ୍ଚି ସୁତା ଓ ଝୁଣ୍ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଗୁରୁକୁଳ ଡ୍ୟାନ୍ସ ଏଣ୍ଡ ଭିଜୁଆଲ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ପୂର୍ବତନ ଉପ ନଗରପାଳ ଜୀତେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଡଃ ଦେବାଶିଷ ମାର୍ଣ୍ଡି, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମନିୟମ ମହାନ୍ତି ଓ ପୂର୍ବତନ କୃଷି ନିଗମ ଅଧକ୍ଷ ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବାରିପଦାରେ ଅନୁଷ୍ଠିତ 'ରଜ ମଉଜର ଆୟୋଜକ ମାନଙ୍କୁ ବେଶ ପ୍ରଶଂସା କରିଥିଲେ ।

# ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଜିଲ୍ଲାସ୍ତରୀୟ ଉତ୍ସବ



ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଇତି ମଧ୍ୟରେ 'ବିକାଶ ବାହନ ଯାତ୍ରା ଜୁନ୍ ୧୨ତାରିଖ ରେ ଶୁଭାରମ୍ଭ ହେବା ସହିତ ବିକାଶ ମେଳା-୨୦୨୫ ଜୁନ ୧୨ତାରିଖ ରେ ବାରିପଦା ସ୍ଥିତ ଛଉ ପଡିଆ ଠାରେ ଉଦ୍‌ଘାଟିତ ହୋଇସାରିଛି। ଆଜି ଏହି ବର୍ଷ ପୂର୍ତ୍ତି ପାଳନ କ୍ରମରେ ବାରିପଦା ସ୍ଥିତ କଲେଜ ପଡିଆ ଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ଉତ୍ସବରେ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟଅତିଥ, ଲୋକସଭା ସାଂସଦ ନବଚରଣ ମାଝୀ ସମ୍ମାନୀତ ଅତିଥି, ବିଧାୟକ ଭାସ୍କର ମଢେଇ, ବିଧାୟକ ପ୍ରକାଶ ସୋରେନ, ବିଧାୟକ ସନାତନ ବିଜୁଳି, ବିଧାୟକ ଭାଦବ ହାଁସଦାଃ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟଅତିଥି ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିବୃନ୍ଦଙ୍କ ସହ ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଭକ୍ତିପୁଷ୍ପ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ଜିଲ୍ଲାପାଳ ଶ୍ରୀ ସୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି କହିଥିଲେ ଯେ, ଲୋକଙ୍କ ସେବାରେ ସମର୍ପିତ ଆମ ସରକାରଙ୍କୁ ରାଜ୍ୟରେ ଏଇ ଏକବର୍ଷ ମଧ୍ୟରେ ଅନେକ ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟର ସଫଳତା ଉପଲବ୍ଧି ମିଳିଛି ଏବଂ ଓଡ଼ିଶା ଏକ ନିରନ୍ତର ବିକାଶ ଧାରାରେ ଅଗ୍ରଗତି କରୁଛି। ସେହିପରି ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥବା ଗରିବ ସାଧାରଣ ଲୋକଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରି ଯୋଜନା ଗୁଡିକ ଲୋକଙ୍କ ପାଖରେ ପହଞ୍ଚାଇ ସେମାନଙ୍କୁ ଉପକୃତ କରାଇବାରେ ସକ୍ଷମ ହୋଇଛୁ ଯଦ୍ୱାରା ଲୋକଙ୍କ ନିକଟତର ହେବା ସହ ଲୋକଙ୍କ ବିଶ୍ୱାସ ଭାଜନ ହୋଇ ପାରିଛୁ। ତଥାପି ଏଇ ବିକାଶ ଧାରାକୁ ଆମକୁ ଆହୁରି ଆଗକୁ ନେବାକୁ ପଡିବ। କାରଣ ଯେପର୍ଯ୍ୟନ୍ତ ସମାଜର ସବୁ ବର୍ଗର ଲୋକମାନଙ୍କର ତଥା ଅଂଚଳର ସାମଗ୍ରିକ ବିକାଶ ନହୋଇଛି ଏବଂ ସମାଜରେ ଶେଷ ଧାଡିର ଲୋକଙ୍କ ପାଖରେ ଯୋଜନା ନପହଂଚିଛି ସେପର୍ଯ୍ୟନ୍ତ ଆମେ ସମସ୍ତେ ଆମ ମିଳିତ ଉଦ୍ୟମରେ ବିକାଶର ଧାରାକୁ ତ୍ୱରାନ୍ୱିତ କରି ବିକଶିତ ଓଡିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ଯେଉଁ ପରିକଳ୍ପନା କରାଯାଇଛି ତାହାକୁ ସାକାର କରିବା ପାଇଁ ଉଦ୍ୟମ ଜାରି ରଖିବା ପାଇଁ ଆହ୍ୱାନ ଜଣାଇବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିମାନେ ମଧ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ବିସ୍ତୃତ ଭାବେ ଉଲ୍ଲେଖ କରିବା ସହ 'ବର୍ଷ ଏକ – ଉପଲବ୍ଧି ଅନେକ ' କଥା ଦେଇ କଥା ରଖିଲେ ସରକାର ' ର ଯଥାର୍ଥତା ପ୍ରତିପାଦନ କରିଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ବିଭାଗ ଅନ୍ତର୍ଗତ ଯୋଜନାରେ ସହାୟତା ପାଇ ସଫଳ ଉଦ୍ୟୋଗୀ ହୋଇଥିବା ସୁକେଶିନୀ ସାହୁ (ପନିପରିବା ଚାଷୀ), ଅସୀମ ପଣ୍ଡା ଓ ରମେନ ମଲ୍ଲିକ (ଦୁଗ୍ଧ ଚାଷୀ) ଜିତେନ୍ଦ୍ର ହେମ୍ବ୍ରମ (ଆମ୍ବ ଚାଷୀ), ଉର୍ମିଳା ଦେହୁରୀ (ସବାଇ ହସ୍ତ ଶିଳ୍ପ), ଗ୍ରୁପ ଲିଡର କୁମୁଦିନୀ ନାଏକ ସେମାନଙ୍କର ସଫଳତାର ଅନୁଭୂତି କାହାଣୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅନ୍ୟମାନଙ୍କ ମଧ୍ୟରେ ବାଣ୍ଟିଥିଲେ। ଏତଦ୍‌ବ୍ୟତୀତ ଜିଲ୍ଲା କୃଷି ଅଧିକାରୀ, ମୁଖ୍ୟ ଜିଲ୍ଲା ପ୍ରାଣୀଚିକିତ୍ସା ଅଧିକାରୀ, ମୟୂରଭଞ୍ଜ ଜଳସେଚନ ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ, ଓରମାସର ଡେପୁଟି ସିଇଓ ପ୍ରମୁଖ ନିଜ ନିଜ ବିଭାଗର ବିଭିନ୍ନ ଯୋଜନା ଓ ବାର୍ଷିକ ଉପଲବ୍ଧି ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ବାରିପଦା ଲାସ୍ୟକଳା ଡ୍ୟାନ୍ସ ଭିଜନ ଦ୍ୱାରା ପାରମ୍ପରିକ ଓଡିଶୀ ନୃତ୍ୟ, କପ୍ତିପଦାର ମାରଙ୍ଗବୁରୁ ପାର୍ଷି ଡହର ଧର୍ମ ପାର୍ଟି ଦ୍ୱାରା ଘଟ ନୃତ୍ୟ, ବୈଶିଙ୍ଗାର ବିନାରୀ ୱେଲ ଫେୟାର ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯିବା ସହ ସଂଜୀବ ଦଳେଇ ସୁମଧୁର ସଂଗୀତ ପରିବେଶଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ବିଭିନ୍ନ ଯୋଜନାର ହିତାଧିକାରୀ, ଉଦ୍ୟୋଗୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଳାଭୂମିରେ ଛାତ୍ରୀଙ୍କୁ ଗଣ ବଳାତ୍କାର, ୭ ଅଟକ

ବ୍ରହ୍ମପୁର, (ସବ୍ୟୁ) : ଏକ ଲଜ୍ଜା ଜନକ ଘଟଣା ରବିବାର ରାତ୍ର ଗୋପାଳପୁର ଥାନା ଅନ୍ତର୍ଗତ ବେଳାଭୂମି ନିକଟ ଏକ ନିର୍ଜନ ସ୍ଥାନରେ ଘଟିଛି। ଜନୈକା ଯୁକ୍ତ ତିନି ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁ ସମ୍ମୁଖରେ ଗଣ ବଳାତ୍କାର କରାଯାଇଛି । ପୋଲିସ ଅଭିଯୋଗକୁ ଗ୍ରହଣ କରି ବେଳାଭୂମି ଅଞ୍ଚଳରେ ଚଢଉ କରି ୭ ଜଣଙ୍କୁ କାବୁ କରିଛି। ଥାନାରେ ସେମାନଙ୍କୁ ଅଟକ ରଖି ଜେରା କରୁଛି ପୋଲିସ । ଏଭଳି ଏକ ଲଜ୍ଜା ଜନକ ଘଟଣାର ପୋଲିସ ଛାନଭିନ ଜାରିରଖିଛି। ପ୍ରାଥମିକ ତଦନ୍ତରୁ ଏହି ଘଟଣାରେ ୧୦ଜଣ ଯୁବକଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି । ସୋମବାର ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ. ଥାନାରେ ପହଞ୍ଚି ତଦନ୍ତ କରିଛନ୍ତି । ସେହିପରି ଏହି ମାମଲାର ସଠିକ ପରିଚାଳନା ପାଇଁ ଜଣେ ମହିଳା ଡ଼ିଏସପି ର୍‍ୟାଙ୍କର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ସନ୍ଧ୍ୟାରେ ଏସପି, ସାଇଣ୍ଟିଫିକ ଟିମ, ଥାନାଧିକାରୀ ଓ ପିଡ଼ିତାଙ୍କ ପୁରୁଷ ବନ୍ଧୁଙ୍କୁ ନେଇ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି। ଘଟଣାରେ ସଂପୃକ୍ତ ରହି ଫେରାର ଥିବା ଅନ୍ୟ ତିନି ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରିଛି। ସେମାନଙ୍କ ମୋବାଇଲ ଟ୍ରାକିଂ କରାଯାଉଛି । ଖୁବଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ପୋଲିସ କହିଛି । ପୋଲିସ କବଜାରେ ଥିବା ଅଭିଯୁକ୍ତଙ୍କ ମାନେ ଏକ କଲେଜର ଛାତ୍ର ବୋଲି ଜଣାପଡିଛି।

# ପଞ୍ଚାୟତ ଆଡ଼ଭାନ୍ସମେଣ୍ଟ ଇଣ୍ଡେକ୍ସ ଦିନିକିଆ କର୍ମଶାଳା

## ଯୋଗଦେଲେ ସରପଞ୍ଚ, ବିଡ଼ିଓ ଏବଂ ବିଦ୍ୟୁତ୍ ଅଧିକାରୀ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପରିଷଦ ଭନର ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ପଞ୍ଚାୟତ ଆଡ଼ଭାନ୍ସମେଣ୍ଟ ଇଣ୍ଡେକ୍ସ -୨. ୦ ଆର୍ଥିକ ବର୍ଷ ୨୦୨୫-୨୬ ସମ୍ବନ୍ଧୀୟ ଏକ ଦିନିକିଆ କର୍ମଶାଳା ସରପଞ୍ଚ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ବିଡ଼ିଓ ଏବଂ ବିଭିନ୍ନ ବିଭାଗର ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତରାଜ ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମିନା ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ଗ୍ରାମ ପଞ୍ଚାୟତରୁ ବେରୋଜଗାର ଦୂର କରିବା ପାଇଁ ଗ୍ରାମସଭା, ପଲ୍ଲୀ ସଭାରେ ତଥ୍ୟ ଉପସ୍ଥାପନ କରି ପଞ୍ଚାୟତର ସମସ୍ତ କାର୍ଯ୍ୟକୁ ସଫଳ କରାଯାଇପାରିବ ସେନେଇ ଦୀର୍ଘ ସ୍ଥାୟୀ ବିକାଶ ଲକ୍ଷ୍ୟ, ପିଏଆଇ ପୋର୍ଟାଲର କାର୍ଯ୍ୟ, ୨୦୨୩-୨୪ର ଡାଟାବେଶ ପ୍ରସ୍ତୁତ କରିବା, ଭୁତଳ ଜଳ କିପରି ସଂରକ୍ଷଣ କରାଯାଇ ପାରିବ, ରୋଜଗାର କ୍ଷମ, ପଂଚାୟତର ବିକାଶ ଏବଂ ଅଗ୍ରଗତି କରିବା ବିଷୟରେ ଆଲୋଚନା କରାଯାଇଥିଲା। ଏହା ସହିତ ଗତବର୍ଷ ଭଳି ଚଳିତବର୍ଷ କିପରି ପଂଚାୟତ ଓ ବ୍ଲକ ସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଆୱାର୍ଡ ମିଳିବ ସେଥିପାଇଁ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ କାର୍ଯ୍ୟର ସଫଳ ରୂପାୟନ ଏବଂ ୯ଟି ମାନଦଣ୍ଡ ଉପରେ ଡାଟା ବେଶ ପ୍ରସ୍ତୁତ କରିବା ନିମନ୍ତେ କୁହାଯାଇଥିଲା, ୨୦୩୦ ଏଜେଣ୍ଡା ଅନୁଯାୟୀ ତୃଣମୂଳ ସ୍ତରକୁ ଯାଇ ସରକାରଙ୍କ ଯୋଜନା ସଫଳ ରୂପାୟନ କରିବା, ପ୍ରଥମେ ପଞ୍ଚାୟତ ସ୍ୱରରୁ ବ୍ଲକ ସ୍ତର ଏବଂ ଜିଲ୍ଲାସ୍ତରରେ ଯୋଜନାର ସଫଳ ରୂପାୟନ ହୋଇପାରିଲେ ରାଜ୍ୟରେ ୨୦୩୦ ସୁଦ୍ଧା ଏହି ଦୀର୍ଘ ସ୍ଥାୟୀ ବିକାଶର ଲକ୍ଷ୍ୟ ହାସଲ କରିପାରିବ । ଏହି ପ୍ରଶିକ୍ଷଣ ଶିବିରରେ ଦାରିଦ୍ର୍ୟ ଦୂରୀକରଣକୁ ପ୍ରାଥମିକତା ଦିଆଯାଇଥିବା ବେଳେ ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣକୁ ମଧ ସମାନ ଗୁରୁତ୍ୱ ଦେଲେ ଲକ୍ଷ୍ୟ ନିଶ୍ଚିତ ସାଧନ ହୋଇପାରିବ ବୋଲି ସୂଚନା ଦେଇଥିଲେ। ସମାଜରେ ଥିବା ବିଭିନ୍ନ ସମସ୍ୟାକୁ ଦୂର କରିବା ସହ ନିରନ୍ତର ଭାବେ ଅର୍ଥନୈତିକ ଅଭିବୃଦ୍ଧିକୁ ଗୁରୁତ୍ୱ ଦେଲେ ଏବଂ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନେଲେ ଏହି ଦୀର୍ଘସ୍ଥାୟୀ ବିକାଶ ନିଶ୍ଚିତ ସମ୍ଭବ ହୋଇପାରିବ ବୋଲି କୁହାଯାଇଥିଲା । ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାକୁ ଗୁରୁତର ସହ ନେଇ ଏହାକୁ ସମାଧାନ କରିବା ସହ ସେହି ଅଞ୍ଚଳର ସମ୍ବଳକୁ ଉପଯୋଗ କରି କାର୍ଯ୍ୟରେ ଲଗାଇଲେ ଏକ ଦୀର୍ଘସ୍ଥାୟୀ ବିକାଶ ସମ୍ଭବପର ହୋଇ ପାରିବ, ଯାହା ଫଳରେ ଭବିଷ୍ୟତ ପିଢ଼ିର ବିକାଶ ସମ୍ଭବ ବୋଲି କୁହାଯାଇଛ। ଏହି କର୍ମଶାଳାରେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟଉନ୍ନୟନ ଅଧିକାରୀ ମଧୁମିତା, ଏସଆଇଆରଡି ପ୍ରଦୀପ କୁମାର ମହାପାତ୍ର, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ଏନଆଇଆରଡି କନସୁଲଟାଣ୍ଟ ଦୀପକ କୁମାର ପାତ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପିଏଆଇ ୨୦୨୨-୨୩ରେ ବେଷ୍ଟ ସ୍କୋର ହୋଇ ଆୱାର୍ଡ ମିଳିଥିବା ଛତ୍ରପୁର, ପୋଲସରା ଓ ଭଞ୍ଜନଗର ବିଡ଼ିଓ ସମ୍ମାନିତ କରାଯାଇଥିଲା। ସେହିପରି ଜିଲ୍ଲାର ୧୦ ପଞ୍ଚାୟତକୁ ସମ୍ମାନିତ କରାଯାଇଥିଲା ।

# ଓଡିଶା ଅଣଗେଜେଟେଡ ବନସେବା ସଂଘର କଳାବ୍ୟାଚ ପିନ୍ଧି ଆନ୍ଦୋଳନ



କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ ଓଡିଶା ଅଣଗେଜେଟେଡ ବନସେବା ସଙ୍ଘ ତରଫରୁ ୩ ଦଫା ଦାବି ନେଇ କଳାବ୍ୟାଚ ପିନ୍ଧି ପ୍ରତୀକ ଆନ୍ଦୋଳନ ଓହ୍ଲାଇଥିବାର ଜଣାପଡିଛି। କାମାକ୍ଷାନଗର ଠାରେ ଢେଙ୍କାନାଳ ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ଫରେଷ୍ଟ ଗାର୍ଡ, ଫରେଷ୍ଟର ଓ ବନକର୍ମଚାରୀ ମାନେ ସାମିଲ ରହି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଗତ ମାସରେ ହିନ୍ଦୋଳ ରେଞ୍ଜରେ ଶିକାରୀଙ୍କ ଗୁଳିରେ ପ୍ରାଣ ହରାଇଥିବା ଫରେଷ୍ଟଗାର୍ଡ ପ୍ରହଲ୍ଲାଦ ପ୍ରଧାନଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ତରଫରୁ ଏକ କୋଟି ଟଙ୍କାର ଅନୁକମ୍ପା ସହାୟତା ପ୍ରଦାନ, ରାଜ୍ୟରେ ତୁରନ୍ତ ଫରେଷ୍ଟ କମିଶନ ଗଠନ, ଓ ସମସ୍ତ ବନକର୍ମଚାରୀଙ୍କୁ ଜାତୀୟ ବ୍ୟାଙ୍କ ଜରିଆରେ ପୋଲିସ ଭଳି ସାଲାରୀ ପ୍ୟାକେଜ ବୀମା ପ୍ରଦାନ କରିବା ଦାବି ନେଇ ସଙ୍ଘ ତରଫରୁ ଆନ୍ଦୋଳନ କରାଯାଇଛି । ବନ କର୍ମଚାରୀ ମାନେ ପ୍ରତିକୂଳ ପରିସ୍ଥିତିରେ ବିଭିନ୍ନ ସମୟରେ ଜୀବନକୁ ବିପଦରେ ପକାଇ କାର୍ଯ୍ୟରେ ନିୟୋଜିତ ଥିବାବେଳେ ସରକାରଙ୍କ ତରଫରୁ ସେମାନଙ୍କୁ ନାର୍ଯ୍ୟଦାବି ପ୍ରଦାନ କରାଯାଉନାହିଁ। ତୁରନ୍ତ ସରକାର ଦାବି ପୂରଣ ନକଲେ ଆସନ୍ତା ୨୨ ତାରିଖରୁ ରାଜ୍ୟ ବ୍ୟାପି ବନକର୍ମଚାରୀ ମାନେ ଛୁଟିରେ ରହିବା ସହ ଆଞ୍ଚଳିକ ବନ୍ୟପ୍ରାଣୀ ସରଂକ୍ଷକଙ୍କ କାର୍ଯ୍ୟାଳୟ ସାମ୍ନାରେ ବଡ଼ ଧରଣର ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି । ଆନ୍ଦୋଳନରେ ଓଡିଶା ଅଣ ଗେଜେଟେଡ଼ ବନ ସେବା ସଙ୍ଘ ଅନୁଗୁଳ ଜୋନ ସଭାପତି ବୀରେନ୍ଦ୍ର ଦେହୁରୀ, ଢେଙ୍କାନାଳ ବନଖଣ୍ଡ ଅଣ ଗେଜେଟେଡ଼ ବନ ସେବା ସଂଘ ସମ୍ପାଦକ ମହେଶ୍ୱର ପାତ୍ର, ଓ ବିଭିନ୍ନ ଫରେଷ୍ଟ ସେକ୍ସନର ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ବନ କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ଦୁର୍ଘଟଣାରେ ଦମ୍ପତି ଗୁରୁତର

ବଇଣ୍ଡା, (ସବ୍ୟୁ) : ହଣ୍ଡପା ଥାନା ଅନ୍ତର୍ଗତ ୫୫ ନମ୍ବରର ପାର୍ବତୀ ପୁର ଛକଠାରେ ଏକ ବୁଲେଟ ନଂ ଓଡି ୧୯ ଜେଡ୍ ୭୨୪୨ ଯୋଗେ କତଦାଠାରୁ ଆସୁଥିବା ବେଳେ ରାସ୍ତାରେ ପାଣି ଜମି ଥିବାରୁ ଟ୍ରକ୍‌କୁ ଅତିକ୍ରମ କଲା ବେଳେ ଭାରସାମ୍ୟ ହରାଇ ଖସି ପଡିବାରୁ ଦମ୍ପତି ୨ ଜଣ ହେଲେ ପାପସରା ଗ୍ରାମର ମନୋରଞ୍ଜନ ମାଝୀ ଓ ତାଙ୍କ ଜୁଲି ମାଝୀ ଗୁରୁତର ହୋଇଛନ୍ତି। ଖବରପାଇ ବଇଣ୍ଡାର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଆମ୍ବୁଲାନ୍ସ ସେବା କେହି ନାହିଁ ଯାହାର ଆମେ ଅଛୁ ତାହାର ପହଞ୍ଚି ପ୍ରଥମେ ବଇଣ୍ଡା ପ୍ରାଥମିକ ଚିକିତ୍ସା କରାଇ ସେହି ୧୦୮ ନ ଆସିବାରୁ ଉକ୍ତ ଆମ୍ବୁଲାନ୍ସରେ ଅନୁଗୋଳ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରଯାଇଥିଲା ଓ ସେଠାରୁ କଟକ ପଠାଇ ଦିଆଯାଇଥିଲା। ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ପତ୍ରୀ ଡାକ୍ତରଖାନାର ପହଞ୍ଚି ପ୍ରଥମେ ଗାଡ଼ି ଜବତ କରି ଏକ ମାମଲା ରୁଜୁ କରିଛନ୍ତି।

# ନିଟ ପରୀକ୍ଷାରେ ଛାତ୍ରଙ୍କ ସଫଳତା

ଆଠମଲ୍ଲିକ , (ସବ୍ୟୁ) : ସର୍ବ ଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ସଂଯାମୁରା ନିବାସୀ ବର୍ତ୍ତମାନ ମାଧପୁର ଅଞ୍ଚଳରେ ଶିକ୍ଷକତା କରୁଥିବା ଉଦିତ କୁମାର ପ୍ରଧାନ ମାତା ବୈଜୟନ୍ତୀ ପ୍ରଧାନଙ୍କ ପୁଅ ପ୍ରଭୁଦତ୍ତ ପ୍ରଧାନ ୫୬୩ ନମ୍ବର ରଖି ୭୩୫୧ ରାଙ୍କ ରଖି ଉତୀର୍ଣ୍ଣ ହୋଇ ସଫଳତା ପାଇଥିବା ଜଣା ପଡିଛି। ଚମ୍ପତି ମୁଣ୍ଡା ଅନୁଗୁଳ ସ୍ଥିତ ଜବାହର ନବଦୋୟ ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ପର୍ଯ୍ୟନ୍ତ ସେ ଶିକ୍ଷା ଗ୍ରହଣ କରିଥିଲେ । ସେହିପରି ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଜାମୁ ଡୋଲୀ ପଂଚାୟତ ତେନ୍ତୁଳିପଦର ଗ୍ରାମର ପିତା ଅନିଲ କୁମାର ପ୍ରଧାନ ମାତା ପ୍ରମୋଦିନୀ ପ୍ରଧାନଙ୍କ ସୁପୁତ୍ର ଅଭିଷେକ ପ୍ରଧାନ ୫୪୯ ନମ୍ବର ରଖି ସର୍ବ ଭାରତୀୟ ସ୍ତରରେ ୧୨୦୦୦ରାଙ୍କ ରେ ଉତ୍ତୀର୍ଣ୍ଣ ହୋଇ ସଫଳତା ପାଇଥିବା ଜଣା ପଡିଛି । ଉଭୟଙ୍କ ସଫଳତାରେ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି ।

# ପବିତ୍ରନଗର ମଣ୍ଡଳସ୍ତରୀୟ ସଂକଳ୍ପ ସମାବେଶ



କଣିହାଁ, (ସବ୍ୟୁ) : ବିକଶିତ ଭାରତର ଅମୃତ କାଳ ସେବା ସୁଶାସନ ଏବଂ ଗରିବ କଲ୍ୟାଣରେ କେନ୍ଦ୍ରର ୧୧ ବର୍ଷ ଓ ରାଜ୍ୟର ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ମଣ୍ଡଳ ସ୍ତରୀୟ ସଂକଳ୍ପ ସଭା ପବିତ୍ର ନଗର ମଣ୍ଡଳ ତରଫରୁ ପବିତ୍ର ନଗର କଲ୍ୟାଣ ମଣ୍ଡପ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗ ଦେଇ ରାଜ୍ୟରେ ବିଜେପି ସୁଶାସନର ଏକ ବର୍ଷର ଅନୁଭୂତି ଏବଂ ଉପଲବ୍ଧି ଉପରେ ଆଲୋଚନା କରିବା ସହ ଆଗାମୀ ଦିନରେ ପାଲଲହଡ଼ା ବିଧାନସଭା କ୍ଷେତ୍ର ରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ଆସନ୍ତା ଦୁଇ ବର୍ଷ ଭିତରେ ସମ୍ପୂର୍ଣ୍ଣ କରିବା ପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନୀୟ ଅତିଥି ଭାବରେ ଅନୁଗୋଳ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ଯୋଗ ଦେଇ ଦଳୀୟ ସଂଗଠନ କୁ ମଜଭୂତ କରିବା ଉଦ୍ଦେଶ୍ୟ ରେ ମାର୍ଗଦର୍ଶନ ଦେଇଥିଲେ। ପବିତ୍ରନଗର ମଣ୍ଡଳ ସଭାପତି ମନୋଜ ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଏସସି ମୋର୍ଚ୍ଚା ର ରାଜ୍ୟ ସାଧାରଣ ସମ୍ପାଦକ ଚନ୍ଦନ ସ୍ୱରାଜ, ପାଲଲହଡ଼ା ସଂଯୋଜକ ପ୍ରହଲ୍ଲାଦ ସାମଲ, ବୁରୁକୁନା ସରପଞ୍ଚ ଦୁଃଖବନ୍ଧୁ ବେହେରା,ଏବଂ କୁଲେଇ ସମିତିସଭ୍ୟ ପ୍ରିୟ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।ସଭାରେ ମଣ୍ଡଳ ସଭାପତି ଶ୍ରୀ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ ସଂଯୋଜକ ପ୍ରହଲ୍ଲାଦ ସାମଲ ସ୍ୱାଗତ ଭାଷଣ ଓ ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ।

# ଆଲୁମିନିୟମ ମଜଦୂର ସଂଘର ଗଣବିକ୍ଷୋଭ

ବଅଁରପାଳ, (ସବ୍ୟୁ) : ବଅଁରପାଳ ବ୍ଲକ ନାଲକୋ ନଗର ସ୍ଥିତ ଆଲୁମିନିୟମ ମଜଦୂର ସଂଘ ପକ୍ଷରୁ ସ୍ମେଲଟର ପ୍ଲାଣ୍ଟ ପ୍ରଶାସନିକ ଭବନ ସମ୍ମୁଖରେ ଦୁଇ ଶହରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ନେଇ ଏକ ବିଶାଳ ଗଣ ବିକ୍ଷୋଭ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ସଙ୍ଗଠନର ସମସ୍ତ ଦାବିକୁ ହୃଦୟଙ୍ଗମ କରି ଉଚ୍ଚ କର୍ତ୍ତୃପକ୍ଷ ୟୁନିଅନ ସହିତ ଏକ ସ୍ୱତନ୍ତ୍ର ବୈଠକ କରିଥିଲେ । ଉକ୍ତ ବୈଠକରେ ଏସଆଣ୍ଡପି କମ୍ପ୍ଲେକ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁବ୍ରମଣ୍ୟମ ନେରାଲା, ସ୍ମେଲଟର ପ୍ଲାଣ୍ଟର ସମୂହ ମହାପ୍ରବନ୍ଧକ ସଚ୍ଚିଦାନନ୍ଦ ଜେନା, ମାନବ ସମ୍ବଳ ସମୂହ ମହାପ୍ରବନ୍ଧକ ଶୁଭେନ୍ଦୁ ନାୟକ ଓ ମହାପ୍ରବନ୍ଧକ ବିନୟ ଠାକୁରଙ୍କ ସହିତ ୟୁନିଅନ ତରଫରୁ ସଭାପତି ମୁନା ସାମଲ, ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ମଲିକ, ଉପଦେଷ୍ଟା ସଚ୍ଚିଦାନନ୍ଦ ଗଡ଼ନାୟକଙ୍କ ସମେତ ଶତାଧିକ କର୍ମଚାରୀ ଭାଗ ନେଇଥିଲେ । ଶ୍ରମିକ ସଂଘର ଦାବି ଗୁଡିକ ହେଲା ତୁରନ୍ତ କ୍ୱାର୍ଟର ଆବଣ୍ଟନ, ସୁଇମିଙ୍ଗ ପୁଲର ତୁରନ୍ତ କାର୍ଯ୍ୟକ୍ଷମ, ମେଡିକାଲରେ ମୌଳିକ ସମସ୍ୟା, ସ୍ଥାୟୀ କର୍ମଚାରୀ ନିଯୁକ୍ତିକୁ ତ୍ୱରାନ୍ୱିତ, ସ୍ମେଲଟର ପ୍ଲାଣ୍ଟରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ ନିର୍ବାଚନ, ପାରିପାର୍ଶ୍ୱିକ ଗ୍ରାମ ଗୁଡିକୁ ପାନୀୟ ଜଳ ଯୋଗାଣ, ୫ ବର୍ଷ ଧରି ବକେୟା ଥିବା ୟୁନିଫର୍ମ, ଅନୁଗୋଳ କଲେଜ ଗୁଡିକ ବସ ସେବା, ଏନ୍‌ଏଚ୍ ୫୫ ରେ ସୁରକ୍ଷା ବ୍ୟବସ୍ଥା, ମେଡିକାଲ ଛକରୁ କୁକୁଡାଙ୍ଗ ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ମରାମତି ଓ ପ୍ରଶସ୍ତୀକରଣ, ଦିଲ୍ଲୀ ପବ୍ଲିକ ସ୍କୁଲ ଓ ସରସ୍ୱତୀ ବିଦ୍ୟା ମନ୍ଦିରରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ଭଳି ଅନେକ ସମସ୍ୟା ଆଲୋଚନା ହୋଇଥିଲା । ସମସ୍ତ ସମସ୍ୟାର ମୁଳୋତ୍ପାଟନ କରିବା ନିମନ୍ତେ ନାଲକୋ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ସହିତ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ଏକ ଧାର୍ଯ୍ୟ ସୀମା ନିର୍ଦ୍ଧାରଣ କରିଥିଲେ।

# ମନ୍ତ୍ରୀଡାହି ଯୁବକ ସଂଘର ବାର୍ଷିକକ୍ରୀଡା

ବେତନଟୀ ,(ସବ୍ୟୁ) :ରଜ ଉତ୍ସବ ପାଳନ ଉପଲକ୍ଷେ ମନ୍ତ୍ରୀଡାହି ଯୁବକ ସଂଘ ତରଫରୁ ଦୁଇଦିନ ଧରି ବାର୍ଷିକ କ୍ରୀଡା ଓ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି ।ମିନି ମାରାଥନ ୫ କି.ମି. ଦୌଡରେ ବ୍ଲକର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ପୁରୁଷ ବିଭାଗରେ ଭୁଜୁ ହେମ୍ବ୍ରମ ପ୍ରଥମ, କଳମାର ପାଣ୍ଡୁ ହେମ୍ବ୍ରମ ଦ୍ୱିତୀୟ ଓ ଗଡପଦାର ରାକେଶ ମୁର୍ମୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ମହିଳା ବିଭାଗରେ ଗୁଆବଣିଆର ଶକୁନ୍ତଳା ସିଂ ପ୍ରଥମ, ପୁଣଗୀ ମୁର୍ମୁ ଦ୍ୱିତୀୟ ଓ ନୂଆସାହିର ନିରୁପମା ସିଂ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏଥି ସହିତ ବିଭିନ୍ନ ପାରମ୍ପରିକ କ୍ରୀଡା ମଧ୍ୟ ଅନୁଷ୍ଠିତ ହୋଇଥିଲା ପିଲାମାନଙ୍କ ପାଇଁ ଉଚ୍ଚ ଡିଆଁ, ଲମ୍ବ ଡିଆଁ ଓ ଗଣିତ କଷା ସହିତ ମ୍ୟୁଜିକ ଚେୟାର, ହାଣ୍ଡିପିଟା, ପହଁରା ଆଦି ପ୍ରତିଯୋଗିତା ଯୁବକ ସଂଘ ତରଫରୁ ଆୟୋଜନ କରାଯାଇଥିଲା । ପ୍ରତିଦିନ ନାଚ, ଗୀତ ଓ ଅଭିନୟର ଆୟୋଜନ ସହିତ ଶ୍ରେଷ୍ଠ ପ୍ରଦର୍ଶନକାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଗ୍ରାମର ୱାର୍ଡ ମେମ୍ବର ଲବ ସିଂ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଯୁବକ ସଂଘ ତରଫରୁ ସଭାପତି ସାକିଲା ହାଁସଦାଃ, ସଂପାଦକ ଜଟ ହାଁସଦାଃ, ତପନ କୁମାର ମହାନ୍ତ, କାଳୀଚରଣ ମହାନ୍ତ, ତ୍ରିଲୋଚନ ମହାନ୍ତ, ଅଜିତ ମହାନ୍ତ, ରଘୁ ମୁର୍ମୁ, ଲୋକନାଥ ସିଂ, ଲାକୁ ହାଁସଦାଃ ଓ ରବୀନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ଭୂ-ଅର୍ଜନ ଅଧିକାରୀ ଓ ଜମିହରାଙ୍କ ପଞ୍ଚମ ମିଳିତ ଅଭିଯୋଗ ଶୁଣାଣି

ଅନୁଗୋଳ, (ସବ୍ୟୁ) : ମହାନଦୀ କୋଲଫିଲଡ ଲିମିଟେଡ଼ର ସ୍ୱତନ୍ତ୍ର ଭୂ-ଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ପଞ୍ଚମ ମିଳିତ ଜମିହରାପ୍ରଜାଙ୍କ ପାଇଁ ତାଳଚେର ଉପ-ଜିଲ୍ଲାପାଳଙ୍କ ସଭାଗୃହଠାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଶିବିର ଗତ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣି ଶିବିରକୁ ଉପ-ଜିଲ୍ଲାପାଳ ସମୀର କୁମାର ଜେନା ଅଧ୍ୟକ୍ଷତା କରିଥିଲେ । ଶିବିରରେ ମହାନଦୀ କୋଲଫିଲଡ ଲିମିଟେଡ଼ର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ପ୍ରତାପ ହରି ପ୍ରଧାନ, ସମସ୍ତ କ୍ଷେତ୍ରର ଭୂମି ଅଗ୍ରହଣ ଅଧିକାରୀ, ପୁନଃ ସ୍ଥାପନ ଏବଂ ପୁନଃ ଥଇଥାନ ଅଭିଯୋଗ ସମାଧାନ କାର୍ଯ୍ୟାଳୟର ଅଧିକାରୀ ପ୍ରେମାନନ୍ଦ ପ୍ରଧାନଙ୍କ ସହ ବିଭିନ୍ନ ଗ୍ରାମର ଜମିହରା ପ୍ରଜା ମାନେ ସେମାନଙ୍କ ଅଭିଯୋଗ ଦାଖଲ କରିଥିଲେ । ଶିବିରରେ ସମୁଦାୟ ୧୪ ଟି ଅଭିଯୋଗ ଗ୍ରହଣ ହୋଇ ସେଗୁଡିକର ଶୁଣାଣି ହୋଇଥିଲା। ଏହି ୧୪ଟି ଅଭିଯୋଗ ମଧ୍ୟରୁ ୧୧ ଟି ଅଭିଯୋଗର ତୁରନ୍ତ ନିଷ୍ପତି ଗ୍ରହଣ କରାଯାଇଥିଲା ।

# ୨ ଗଞ୍ଜେଇ ବେପାରୀ ଗିରଫ



ଅନୁଗୁଳ, (ସବ୍ୟୁ) : ଅନୁଗୁଳ ଅବକାରୀ ବିଭାଗ ଅଧିକାରୀ ଏବଂ ଆରପିଏଫ ଷ୍ଟାଫ ମିଳିତ ଚଢ଼ଉ କରି ଅନୁଗୁଳ ରେଳ ଷ୍ଟେସନରୁ ୨ ଜଣ ଗଂଜେଇ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ତିନି ଲକ୍ଷ ଟଙ୍କାର ଚୋରା ଗଞ୍ଜେଇ ଜବତ ହୋଇଛି। ସୂଚନା ମୁତାବକ, ରବିବାର ସକାଳେ ୨ ଜଣ ବେପାରୀ ଚୋରାରେ ଟ୍ରେନ ଯୋଗେ ଗଞ୍ଜେଇ ଚାଲାଣ କରିବା ପାଇଁ ଅନୁଗୁଳ ରେଳ ଷ୍ଟେସନରେ ଟ୍ରେନକୁ ଅପେକ୍ଷା କରିଥିଲେ। ଖବର ପାଇ ଅନୁଗୁଳ ଅବକାରୀ ଅଧିକାରୀ ଆର୍‌ପିଏଫ୍ ଷ୍ଟାଫଙ୍କୁ ଖବର ଦେଇଥିଲେ। ଅବକାରୀ ଅଧିକାରୀ ଏବଂ ଆର୍‌ପିଏଫ୍ ଷ୍ଟାଫ ପ୍ରମୁଖ ମିଳିତ ଭାବେ ରେଳ ଷ୍ଟେସନରେ ଚଢ଼ଉ କରି ୨ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଥିଲେ। ଗିରଫ ଦ୍ୱୟ ହେଲେ ଝାଡ଼ଖଣ୍ଡର ମନୀଷ କୁମାର ଏବଂ ବୀରେନ୍ଦ୍ର କୁମାର। ସେମାନଙ୍କ ଠାରୁ ୩ ଲକ୍ଷ ଟଙ୍କାର ୩୨ କେଜି ଗଞ୍ଜେଇ ଜବତ କରିଛନ୍ତି ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆଇଲର୍ଣ୍ଣ ଶିକ୍ଷାନୁଷ୍ଠାନକୁ ରାଜ୍ୟର ଶ୍ରେଷ୍ଠ ଅନୁଷ୍ଠାନ ସମ୍ମାନ



ତାଳଚେର, (ସବ୍ୟୁ) : ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଉଛି। କିନ୍ତୁ ଅନେକ କ୍ଷେତ୍ରରେ ଏହାର ସୁଫଳ ମିଳି ପାରୁନାହିଁ, ସେଥିପାଇଁ ମାଳ ମାଳ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ଏବେ ମୁଣ୍ଡ ଟେକୁଛି। ଏହି ସବୁ ଶିକ୍ଷାଅନୁଷ୍ଠାନ ପାଇଁ ଅନେକ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ ହେଉଛି। ତେବେ ତାଳଚେରର ଆଇଲର୍ଣ୍ଣ ଶିକ୍ଷାନୁଷ୍ଠାନ ରାଜ୍ୟର ବଛା ବଛା ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରାଇବା ପାଇଁ ଉଦ୍ୟମ ଜାରି ରଖି ସଫଳତା ହାସଲ କରିପାରିଛି। ଏହି ଶିକ୍ଷାଅନୁଷ୍ଠାନ ଲଗାତାର ୧୪ବର୍ଷ ଧରି ପାସହାର ଶତପ୍ରତିଶତ ହେବା ସହ ଛାତ୍ର ଛାତ୍ରୀ ମାନେ ଅଧିକ ନମ୍ବର ରଖି ସମସ୍ତଙ୍କୁ ଚକିତ କରିବା ସହିତ ଅନୁଷ୍ଠାନକୁ ଗୌରବାନିତ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ନେଇ ଫୋକସ୍ ଓଡ଼ିଶା ପକ୍ଷରୁ ସର୍ଭେ କରାଯାଇଥିଲା । ଏଥିରେ ଆଇଲୋର୍ଣ୍ଣ ଶିକ୍ଷାନୁଷ୍ଠାନର ସଫଳତାକୁ ବିଶେଷ ଭାବରେ ପ୍ରତିଫଳିତ ହୋଇଛି ବୋଲି ଅନୁଭବ କରି ଫୋକସ୍ ଓଡ଼ିଶା ପକ୍ଷରୁ ଏହି ଅନୁଷ୍ଠାନକୁ ରାଜ୍ୟର ବେଷ୍ଟ ଅନୁଷ୍ଠାନ ବୋଲି ବିବେଚନା କରାଯାଇ ଗତ କାଲି ଆମ ଗାଁ ରଜର ସ୍ୱତନ୍ତ୍ର ଉତ୍ସବରେ ଅନୁଷ୍ଠାନକୁ ବେଷ୍ଟ ଅନୁଷ୍ଠାନର ମାନ୍ୟତାପୂର୍ବକ ଆଇଲର୍ଣ୍ଣ ଶିକ୍ଷାନୁଷ୍ଠାନର ଏମଡି ଚିତରଞ୍ଜନ ପାଣିଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ତାଳଚେରର ଏହି ଅଗ୍ରଣୀ ଶିକ୍ଷାନୁଷ୍ଠାନର ସଫଳତା ଓ ରାଜ୍ୟ ସ୍ତରରେ ମାନ୍ୟତା ପାଇବା ପରେ ଏହି ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଖୁସି ଓ ଉତ୍ସାହ ପରିଲକ୍ଷିତ ହୋଇଛି ଏବଂ ଅଭିଭାବକ ମହଲରେ ମଧ୍ୟ ଆନନ୍ଦ ପ୍ରକାଶ ପାଇବା ସହ ସାଧାରଣରେ ମଧ୍ୟ ଅନୁଷ୍ଠାନର ଏହି ସଫଳତା ପାଇଁ ଆନନ୍ଦ ପ୍ରକାଶ ପାଇଛି।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି

ଅନୁଗୋଳ, (ସବ୍ୟୁ) : ଆଜି ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧକ୍ଷତାରେ ଜିଲ୍ଲା ସଦର ମହକୁମା ସର୍କିଟ ହାଉସ୍ ଅଡିଟୋରିୟମ ଠାରେ ଜିଲ୍ଲା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ। ଜନଶୁଣାଣି ଶିବିରରେ ସମୁଦାୟ ୫୧ଟି ଅଭିଯୋଗ ଗ୍ରହଣ କରାଯାଇ ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୪୦ଟି ବ୍ୟକ୍ତିଗତ ଓ ୧୧ଟି ଗ୍ରାମ୍ୟଭିତ୍ତକ ଅଭିଯୋଗର ଶୁଣାଣି ହୋଇଥିବା ବେଳେ ୧୧ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୩ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ମୋଟ ୧୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଗୌରୀ ଶଙ୍କର ବଳ, ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ୍ ଧଳ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ଯୋଗାଣ ଅଧିକାରିଣୀ ସ୍ମିତା ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଉପ- ନିର୍ଦ୍ଦେଶକ ଉଦ୍ୟାନ ଅମର ଲୁଗୁନ୍, ଜିଲ୍ଲା ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ଶିବାଶିଷ କାନୁନଗୋ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ.ନିରୋଦ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

# ତାଳଚେରରେ ଖଣି ସୁରକ୍ଷା ପକ୍ଷ ଉଦ୍‌ଯାପିତ



ତାଳଚେର, (ସବ୍ୟୁ) : ଖଣି ସୁରକ୍ଷା ପକ୍ଷ ୨୦୨୪/୨୫ ଉଦଯାପିତ ହୋଇଯାଇଛି । ମହାନଦୀ କୋଇଲା କମ୍ପାନୀ ଲିଙ୍ଗରାଜ କୋଇଲା କ୍ଷେତ୍ର ପକ୍ଷରୁ ଲିଙ୍ଗରାଜ କଲୋନୀ ଦୁର୍ଗାମଣ୍ଡପ ପଡ଼ିଆରେ ଆୟୋଜିତ ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଡ଼ାଇରେକ୍ଟର ଧନବାଦ ମାଇନ୍ସ ସେଫ୍ଟି ଉଜ୍ଜ୍ୱଳ ଟକ୍ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥିଭାବେ ଡ଼େପୁଟି ଡ଼ାଇରେକ୍ଟର ମାଇନ୍ସସେଫ୍ଟି ଏସଏସ ପ୍ରସାଦ, ମହାନଦୀ କୋଇଲା କମ୍ପାନୀ ଅଧକ୍ଷ ଉଦୟ ଅନନ୍ତ କାଓଲ, ମୁଖ୍ୟ ସତର୍କତା ଅଧିକାରୀ ପିକେ ପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଟେକନିକାଲ ଅପରେଟର୍ ଜେକେ ଭୋରା, ବୈଷୟିକ ନିର୍ଦ୍ଦେଶକ ପ୍ରକଳ୍ପ ଏସକେ ଝା, ନିର୍ଦ୍ଦେଶକ ଅର୍ଥ ଏକେ ବେହୁରିଆ ଓ ନିର୍ଦ୍ଦେଶକ କାର୍ମିକ କେଶବ ରାଓଙ୍କ ସମେତ ବିଭିନ୍ନ ଶ୍ରମିକ ସଂଗଠନ ନେତୃବୃନ୍ଦ ସିଆଇଏସଟିଏ, ସିଏମଓଆଇଏ, କର୍ପୋରେଟ ଜେସିସି ସୁରକ୍ଷା ସଦସ୍ୟ ଓ ବିଭିନ୍ନ କ୍ଷେତ୍ରର ମହାପ୍ରବନ୍ଧକମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସୁରକ୍ଷା ପତାକା ଉତୋଳନ, ଅତିଥି ପରିଚୟ, ଅତିଥିଙ୍କୁ ସମ୍ମାନୀତ, ଲିଙ୍ଗରାଜ ଜିଏମ ପକ୍ଷରୁ କରାଯାଇଥିଲା ଓ ପରେ କର୍ପୋରେଟ୍ ସଙ୍ଗୀତ ଗାନ କରାଯାଇ ସୁରକ୍ଷାପାଠ ଶପଥ କରାଯାଇଥିଲା। ଏହି ଅବସରରେ ଖଣିରେ କାର୍ଯ୍ୟ କରୁଥିବା ଅବସ୍ଥାରେ ମୃତ୍ୟୁବରଣ କରୁଥିବା ଶ୍ରମିକଙ୍କ ପାଇଁ ଏକ ମିନଟ୍ ନିରୋବ ପ୍ରର୍ଥନା କରାଯାଇଥିଲା। ଅତିଥିମାନେ ଖଣି ସୁରକ୍ଷାନେଇ ବିଭିନ୍ନ ଷ୍ଟଲକୁ ବୁଲି ପରିଦର୍ଶନ କରିଥିବା ବେଳେ ଖଣି ସୁରକ୍ଷା ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀତକ ଖୁସି ବ୍ୟକ୍ତି ହେବା ସହିତ ଶ୍ରମିକଙ୍କ ପାଇଁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଶ୍ରମିକମାନେ ସଚେତନ ହୋଇ କାର୍ଯ୍ୟକଲେ ବିପଦ ସହଜରେ ଟାଳି ହୋଇଯିବ ଓ କିଭଳି ସୁରକ୍ଷିତ ଭାବେ ଖଣି ଗୁଡ଼ିକରୁ କୋଇଲା ଉତୋଳନ ଓ ପରିବହନ ହୋଇପାରିବ ସେଥିନେଇ ବକ୍ତବ୍ୟ ମାଧମରେ ସେ ପ୍ରକାଶ କରିଥିଲେ।


# ବିଶ୍ୱ ରକ୍ତଦାତା ଦିବସରେ ସଚେତନତା ରଥ ଶୋଭାଯାତ୍ରା

ପାଞ୍ଚପୀଢ଼,(ସବ୍ୟୁ) :ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ସୋମବାରଦିନ ରାଜ୍ୟ ରକ୍ତ ସଞ୍ଚାଳନ କାଉନସିଲ ସହଯୋଗରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓଡ଼ଶା ରକ୍ତକେନ୍ଦ୍ର ପକ୍ଷରୁ ସଚେତନତା ରଥ ଶୋଭାଯାତ୍ରା ଏବଂ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି।ସକାଳ ପ୍ରାୟ ୭ ଟାରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ରକ୍ତ କେନ୍ଦ୍ର ଅଧିକାରୀ ଡ଼ଃ ଗୌରାଙ୍ଗ ନାୟକଙ୍କ ନେତୃତ୍ୱରେ ଏବଂ ଡଃ ସମିର ରଞ୍ଜନ ବେହେରା, ଡଃ ଆଦ୍ୟା ସିଂ, ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ ଓ ମୁଖ୍ୟ ନର୍ସିଂ ସିଷ୍ଟର ଅହଲ୍ୟା ରାଉତଙ୍କ ଉପସ୍ଥିତିରେ ଏକ ସଚେତନତା ରଥ ଶୋଭାଯାତ୍ରାରେ ପ୍ଲାକାର୍ଡ ମାନ ଧରି ଚିକିତ୍ସାଳୟ କର୍ମଚାରୀ ମାନେ ବାହାରି ସହର ପରିକ୍ରମା କରିଥିଲେ ଏବଂ ସୁରକ୍ଷିତ ରକ୍ତଦାନର ଆବଶ୍ୟକତା ଓ ରକ୍ତଦାନ ମହତ ଦାନ ବିଷୟରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ।ପରେ ପରେ ଏକ ସଚେତନତା ସଭା ଓ ସମ୍ବର୍ଦ୍ଧନା ସଭା ଉପଖଣ୍ଡ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ସଭାପତିତ୍ୱ ରକ୍ତ କେନ୍ଦ୍ର ସଭାପତି ତଥା ପାଞ୍ଚପୀଢ ଭାରପ୍ରାପ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାଶ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଓ ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡ଼ଃ ଅନିତା ସିଂ ଯୋଗଦାନ କରିଥିଲେ।। ଏହି କାର୍ଯ୍ୟକ୍ରମରେ ଅତିଥି ମାନଙ୍କ ଦ୍ୱାରା ୪୦ ଛଣ ରକ୍ତଦାତା ଓ ୨୦ ରକ୍ତ ସଂଗ୍ରହ ପରିଚାଳନା ସଂସ୍ଥା ଓ କର୍ମଚାରୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଉତ୍ତୋରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।ଏହି କାର୍ଯ୍ୟକ୍ରମ ଉପଖଣ୍ଡ ରକ୍ତଦାନ କେନ୍ଦ୍ର ପରିଚାଳନା ଅଧିକାରୀ ଡ଼ଃ ଗୌରାଙ୍ଗ ଚରଣ ନାୟକ ପରିଚାଳନା ପ୍ରାରମ୍ଭିକ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କର୍ମଚାରୀ ମନୋଜ ରାଉତ,ମାନସ ବାରିକ୍, ଗାୟତ୍ରୀ ସାହୁ,ରାନୀ ସୋରେନ୍ ସୁମନ୍ତ ମହାନ୍ତ, ତ୍ରିଲୋଚନ ମହାନ୍ତ, ଅଭିଜିତ ମୁଖି,ରଜତ ମହାକୁଡ଼ ଏବଂ ଚିକିତ୍ସାଳୟର ସମସ୍ତ କର୍ମଚାରୀଙ୍କ ସହଯୋଗରେ ସମ୍ପନ୍ନ ହୋଇଥିଲା। ପରିଶେଷରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୧୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ସ୍ୱରୂପ' ସ୍ୱେଚ୍ଛାସେବୀ ଅନୁଷ୍ଠାନର ସାଂସ୍କୃତିକ କାର୍ଯ୍ୟକ୍ରମ

କେନ୍ଦୁଝର, (ସବ୍ୟୁ): ରଜ ଉପଲକ୍ଷେ 'ସ୍ୱରୂପ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ହରିଚନ୍ଦନପୁର ବ୍ଲକର ତମ୍ବାହରା ଗ୍ରାମରେ ଗସାଂସ୍କୃତିକ କାର୍ଯ୍ୟକ୍ରମ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ରାମଚନ୍ଦ୍ର ମୁଣ୍ଡା ଯୋଗଦେଇଥିଲେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ, ସମ୍ବଲପୁରୀ ନୃତ୍ୟ, ନାଗପୁରୀ, ସାନ୍ତଳି, ଏବଂ ଝୁମର ଇତ୍ୟାଦି ଲୋକନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସତ୍ୟବାନ ମହାନ୍ତ, କ୍ଷେତ୍ରବାସୀ ମହାନ୍ତ, ପ୍ରଜ୍ଞା ପ୍ରିୟଦର୍ଶନୀ ମହାନ୍ତ, ପିଂଟୁ ପାତ୍ର, ସୁରେଶ ମୁଣ୍ଡା, ଶିବ ମୁଣ୍ଡା, ବବୁଲୁ ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଏତଦ୍‌ବ୍ୟତୀତ ସୁବାସିନୀ ମୁଣ୍ଡା ଓ ସୁରେଶ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ । ଏଥିରେ ବିକାଶ ଓ ତାଙ୍କ ସାଥୀ, ଲିଲି ଓ ତାଙ୍କ ସାଥୀ, ଲତାସା ଓ ତାଙ୍କ ସାଥୀ, କାମିନୀ ଓ ତାଙ୍କ ସାଥୀ, ଚୁଟ୍‌କୀ ଓ ତାଙ୍କ ସାଥୀ ଏବଂ ରାଜା ଓ ରଶ୍ମିତାଙ୍କ ସାଥୀ ପ୍ରମୁଖ ନୃତ୍ୟ ପରିବେଷଣ କରିଥିବାବେଳେ ବିଜୟ କୁମାର ପାତ୍ର ଭଜନ ଓ ଆଧୁନିକ ଗୀତ ପରିବେଷଣ କରିଥିଲେ ।

# ଗୁଣଦେଇ ପଞ୍ଚାୟତରେ ବିକାଶ ବାହନ କାର୍ଯ୍ୟକ୍ରମ



ଓଡାପଡା, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା। ଓଡ଼ାପଡ଼ା ବ୍ଲକ ଗୁଣଦେଇ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ବିକାଶ ବାହାନ କାର୍ଯ୍ୟକ୍ରମ ଫିକା ପଡିଯାଇଛି। ରାଜ୍ୟ ସରକାରଙ୍କ ଶାସନର ଏକ ବର୍ଷ ପୂର୍ତ୍ତି ଅବସରରେ ଜନସାଧାରଣଙ୍କୁ ଯୋଗାଇ ଦିଆଯାଇଥିବା ସେବା ଓ ସୁଶାସନ ସଂମ୍ପର୍କରେ ଅବଗତ କରାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିକାଶ ବାହାନକୁ ଓଡ଼ାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ ରେ ବୁଲି ବୁଲି ପ୍ରଚାର କରାଯାଉଥିବା ଦେଖିବାକୁ ମିଳିଛି। ଆଜି ଗୁଣଦେଇ ପଞ୍ଚାୟତ ରେ ଏହି କାର୍ଯ୍ୟକ୍ରମ ହେବା ପାଇଁ ସ୍ଥିର କରାଯାଇ କାର୍ଯ୍ୟକ୍ରମ କରାଯାଇଛି। କିନ୍ତୁ ଏ ସମ୍ପର୍କରେ ଗୁଣଦେଇ ସରପଞ୍ଚ ସୁବ୍ରତ କୁମାର ନାୟକଙ୍କୁ କୌଣସି ଅବଗତ କିମ୍ବା ପରାମର୍ଶ କରାଯାଇନଥିବା ଯୋଗୁଁ ଆଜି ଗୁଣଦେଇ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ବିକାଶ ବାହାନ କାର୍ଯ୍ୟକ୍ରମ ରେ ସରପଞ୍ଚଙ୍କ ସହିତ ୱାର୍ଡ ସଭ୍ୟ/ସଭ୍ୟା ଓ ମାନଙ୍କ ସହିତ ଅନ୍ୟାନ୍ୟ ଗ୍ରାମବାସୀଙ୍କୁ ଦେଖିବାକୁ ମିଳିନଥିଲା। ଓଡ଼ାପଡ଼ା ବ୍ଲକ ପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ ଆଶା କର୍ମୀ ,ଅଙ୍ଗନୱାଡି କର୍ମୀଙ୍କୁ ନେଇ ୨୦ ମିନିଟ୍ ମଧ୍ୟରେ ବିକାଶ ବାହାନ କାର୍ଯ୍ୟକ୍ରମକୁ ଶେଷ କରି ଚାଲି ଯାଇଥିବାର ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଗୁଣଦେଇ ପଞ୍ଚାୟତ ସରପଞ୍ଚ ସୁବ୍ରତ କୁମାର ନାୟକଙ୍କୁ ପଚାରିବାରୁ ସେ ମହାଶୟ କହିଥିଲେ କି ରାଜନୈତିକ ଆକ୍ରୋଶ ରଖି ଓଡ଼ାପଡ଼ା ବ୍ଲକ ପ୍ରଶାସନ ଆମ ପଞ୍ଚାୟତର ବିକାଶ କାର୍ଯ୍ୟକ୍ରମରେ ସହଯୋଗ କରୁନାହାଁନ୍ତି। ଜନସାଧାରଣଙ୍କ ବିରୋଧର ସମ୍ମୁଖିନ ହେବା ଭୟରେ କୌଣସି ଜନ ପ୍ରତିନିଧି ମାନଙ୍କୁ ନଡାକି ଓଡ଼ାପଡ଼ା ବ୍ଲକ ପ୍ରଶାସନ ନିଜର ହାତ ଗଣତି କର୍ମଚାରୀଙ୍କୁ ନେଇଏହି କାର୍ଯ୍ୟକ୍ରମ ଶେଷ କରି ଦେଇଥିବା କହିଛନ୍ତି।ଏ ସମ୍ପର୍କରେ ଗ୍ରାମର ସଭାପତି ଫକୀର ଚରଣ ବେହେରାଙ୍କ ସହିତ ଅନ୍ୟାନ୍ୟ ଗ୍ରାମବାସୀ କୁହନ୍ତି ଏହା ଏକ ଦୁର୍ଭାଗ୍ୟଜନକ ବିଷୟ । ସରପଞ୍ଚ ଓ ୱାର୍ଡ ସଭ୍ୟଙ୍କ ଅନୁପସ୍ଥିତିରେ କାର୍ଯ୍ୟକ୍ରମ ଫିକା ପଡ଼ିଥିବା ଗ୍ରାମବାସୀ ମାନେ ପ୍ରକାଶ କରିବା ସହିତ ଜନସାଧାରଣଙ୍କ ବିକାଶରେ ଓଡ଼ାପଡ଼ା ବ୍ଲକ ପ୍ରଶାସନ କେତେ ଆନ୍ତରିକତା ରହିଛି ତାହା ଏହି ଘଟଣାରୁ ପ୍ରମାଣିତ ହୋଇଥିବା ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

# ସତ୍ୟସାଇ ସାମାଜିକ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର



ବାଲେଶ୍ୱର,(ସବ୍ୟୁ) :ସାମାଜିକ କ୍ଷେତ୍ରରେ ବାଲେଶ୍ୱର ଏବଂ ଜିଲ୍ଲାର ଆଖ ପାଖ ଅଞ୍ଚଳରେ ଅତ୍ୟନ୍ତ ସୁନାମ ଅର୍ଜନ କରିଥିବା ସ୍ୱର୍ଗତଃ ବେଣୁ ମାଧବ ପଣ୍ଡାଙ୍କ ଆଜି ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀରେ ସତ୍ୟସାଇ ସାମାଜିକ ଅନୁଷ୍ଠାନ ପକ୍ଷରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା।ସମ୍ବାଦ ଆମ ଓଡ଼ିଶା ସହଯୋଗରେ ଆୟୋଜିତ ଶିବିରକୁ ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ବାଗ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବାଲେଶ୍ୱର ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ସମାଜସେବୀ ସାହିରୁଲ ହକ, ଅର୍ଦ୍ଧେନ୍ଦୁ ଶେଖର ଦାସ, ପ୍ରଦୀପ କୁମାର ସାହୁ, ସିଦ୍ଧାର୍ଥ ବାଗ, ଅଭଜିତ ଦାସ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରନେତା ତଥା ସତ୍ୟସାଇ ସାମାଜିକ ଅନୁଷ୍ଠାନ ମୁଖ୍ୟ ବିଭୂଦତ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୪୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ। ସୌଭାଗ୍ୟ ଖୁଣ୍ଟିଆ, ବିକାଶ ବେହେରା, ସଞ୍ଜୀବ ହାତୀ, ଆଶୁତୋଷ ବେହେରା, ଭବେଶ ମାଝୀ, ପ୍ରଭାତ ମାଝୀ, ହୃଷିକେଶ ବେହେରା ଓ ଆମ ଓଡ଼ିଶା ସହଯୋଗୀ ଲକ୍ଷ୍ମୀଧର ବାରିକ ଶିବିରକୁ ପରିଚାଳନା କରିଥିଲେ।

# ଧାମନଗରକୁ ବ୍ୟାପିଲା ଝାଡ଼ାବାନ୍ତି: ୪୦ଉର୍ଦ୍ଧ୍ୱ ଆକ୍ରାନ୍ତ

ଭଦ୍ରକ/ଧାମନଗର,(ସବ୍ୟୁ) :ପ୍ରଥମେ ଯାଜପୁର ଜିଲ୍ଲା ଓ ପରେ ପଡୋଶୀ ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀରେ ଝାଡା ବାନ୍ତି ବ୍ୟାପିଥିବା ବେଳେ ଏବେ ଧାମନଗରରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ଦୁଇ ଦିନରେ ୪୦ଜଣରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଜଣାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଆକ୍ରାନ୍ତଙ୍କୁ ସାଲାଇନ ଓ ଔଷଧ ଦିଆଯାଇ ଛଡ଼ାଯାଇଥିବାବେଳେ ରବିବାର ଦିନ ୧୪ଜଣ ଆକ୍ରାନ୍ତଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯଇଛି। ରାଧାବଲ୍ଲଭପୁରର ଗୋଟିଏ ପରିବାରର ୫ ଜଣ ଲୋକ କାଲିଠାରୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ନେଇ ଭଦ୍ରକ ଜିଲ୍ଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଅବଗତ କରାଯାଇଥିବାବେଳେ ଏସମ୍ପର୍କରେ ଏକ ଜିଲ୍ଲାସ୍ତରୀୟ ଆଲୋଚନା କରାଯାଇ ତା'ର ନିରାକରଣ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡାକ୍ତର ମନ୍ମୟ କୁମାର ସାମନ୍ତସିଂହାର କହିଛନ୍ତି। ବକରିଦ ପର୍ବରେ ତିନିଦିନ ଧରି ଖିଆପିଆ ଓ ରଜ ପର୍ବରେ ଘରେ ଘରେ ପିଠାପଣା ଖାଦ୍ୟ ସାଂଗକୁ ବର୍ଷା ଦିନ ଆରମ୍ଭ ହୋଇଥିବାରୁ ସ୍ୱାଭାବିକ ଭାବେ କେତେକ ସ୍ଥାନରେ ଝାଡ଼ାବାନ୍ତି ଦେଖାଦେଇଛି। ସେଥିପାଇଁ ଆବଶ୍ୟକ ଔଷଧ ଓ ସାଲାଇନ ମହଜୁଦ ରଖାଯିବା ସହ ସ୍ୱାସ୍ଥ୍ୟ ବିଭାଗ ସଂପୂର୍ଣ୍ଣ ସଜାଗ ରହିଛି ବୋଲି ଡାକ୍ତର ସାମନ୍ତସିଂହାର କହିଛନ୍ତି। ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର, ବନ୍ଧଟିଆ, ଇଛଦା, ଜାହାଙ୍ଗୀର, ଧାମନଗର ଏନଏସିର କାଜିମହଲା ଆଦି ଅଂଚଳରୁ ଏହି ଆକ୍ରାନ୍ତମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମେନ୍ତ ଆସିଥିବା ଜଣାଯାଇଛି। ତେବେ ଝାଡାବାନ୍ତିର ମୁକାବିଲା କରିବା ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନେ ସଜାଗ ରହିଛନ୍ତି ବୋଲି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସାମନ୍ତସିଂହାର କହିଛନ୍ତି।

# ସ୍ତ୍ରୀ ଓ ପୁଅକୁ ହାଣି ଯୁବକ ଫେରାର

ଭୋଗରାଇ,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ଆରୁହାବୃତ୍ତି–୨ (ଦହମୁଣ୍ଡା ) ଗ୍ରାମର ରବିବାର ରାତି ୨ଟା ରେ ଏକ ବିଭତ୍ସ କାଣ୍ଡ ଘଟିଛି। ଉକ୍ତ ଗ୍ରାମର ପ୍ରଶାନ୍ତ ଜେନା ଓରଫ ପଲଟୁ ଜେନା (୪୪ ) ଘରୋଇ କଳହରୁ ଭାରସାମ୍ୟ ହରାଇ ସ୍ତ୍ରୀ ଦେବୀରାଣୀ ଜେନା (୩ ୨ ) ବଡପୁଅ କାର୍ତ୍ତିକ( ୫ ) କୁ ଏକ ଧାରୁଆ ଅସ୍ତ୍ରରେ ମୁଣ୍ଡ, ଗୋଡ଼ ଓ ହାତକୁ କାଟିବାପରେ ସାନପୁଅ ଗଣେଶ (୨ )କୁ ଘର ସିମେଣ୍ଟ ଖୁଣ୍ଟିକୁ ଠେଲିଦେଇ ଘରୁ ପଳାଇ ଯାଇଛି । ଘରେ ଯୁବକଙ୍କ ମାତା ପିତା ଥିବାବେଳେ ଏଭଳି ଅଭାବନୀୟ ଘଟଣା ପାଖ ପଡୋଶୀଙ୍କୁ ଚକିତ କରିଛି । ମଧ୍ୟ ରାତ୍ରିରେ ଘରେ ଚିତ୍କାର ଶୁଣି ପଡୋଶୀ ଛୁଟିଆସିବା ସହିତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳା ଓ ୨ ଶିଶୁପୁତ୍ରକୁ ପ୍ରଥମେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା । ସେଠାରେ ମହିଳା ଓ ୨ ଶିଶୁଙ୍କ ଅବସ୍ଥା ଉଦ୍‌ବେଗ ଜନକ ହେବାରୁ ସୋମବାର ସକାଳୁ କଟକ ବଡଡାକ୍ତରଖାନାକୁ ପଠାଯାଇଛି । ଖବର ଲେଖାବେଳକୁ ସେଠାରେ ମା ଓ ବଡପୁଅର ଅବସ୍ଥା ସଂକଟଜନକ ରହିଥିବାବେଳେ ସାନପୁଅର ଅବସ୍ଥା ସ୍ଥିର ରହିଥିବାର ସୂଚନା ମିଳିଛି । କମର୍ଦ୍ଦା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଜାରିରଖିଛନ୍ତି । ସୂଚନା ଅନୁଯାୟୀ ଯୁବକ ଜଣକ ଶିକ୍ଷିତ ଓ ଗରିବ କୃଷକ । ସେ କେବେ ନିଶାଗ୍ରସ୍ତ ହୁଅନ୍ତିନାହିଁ । ସ୍ତ୍ରୀର ମେରୁଦଣ୍ଡ ଜନିତ ରୋଗରେ ବହୁ ଅର୍ଥ ଖର୍ଚ୍ଚ କରିଛନ୍ତି । ମାଗିଯାଚି ଆଣି ୫ କୁଟୁମ୍ବ ପ୍ରତିପୋଷଣ କରିଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି । ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ଥିବାରୁ ଘରେ ସ୍ତ୍ରୀ ଓ ସ୍ୱାମୀସହିତ କଳହ ଲାଗୁଥିବାର ପାଖ ପଡୋଶୀ କହିଛନ୍ତି । ଯୁବକର ଏଭଳି କାଣ୍ଡ ଗ୍ରାମବାସୀମାନଙ୍କୁ ଆଶ୍ଚର୍ଯ୍ୟ କରିଥିବା ବେଳେ ଯୁବକ ମୃତ କିମ୍ବା ଜୀବିତ ତାହା ସ୍ପଷ୍ଟ ଜଣାପଡି ନାହିଁ ।

# ବଦଳିଲେ ମଞ୍ଜୁରୀରୋଡ ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ

ଭଣ୍ଡାରିପୋଖରୀ, (ସବ୍ୟୁ): ମଞ୍ଜୁରୀରୋଡ ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ତଥା ଫାଣ୍ଡିର ପ୍ରଥମ ସବଇନିସପେକ୍ଟର ଦେବରାଜ ଜେନାଙ୍କୁ ଆଗରପଡା ଭାରପ୍ରାପ୍ତ ଅଧିକାରୀ ଭାବେ ଗତ ଶୁକ୍ରବାର ବଦଳି କରାଯାଇଛି। ଗତ ମଇ ମାସ ୧୩ ତାରିଖରେ ବଦଳି ହୋଇ ମଞ୍ଜୁରୀରୋଡ ଫାଣ୍ଡିରେ ଯୋଗ ଦେଇଥିବା ଶ୍ରୀଜେନା ମାତ୍ର ଏକମାସ ମଧ୍ୟରେ ପଦଳି ହୋଇଛନ୍ତି। ଜଣେ ଦକ୍ଷ ଅଧିକାରୀ ହୋଇଥିବାରୁ ତାଙ୍କୁ ଥାନା ଭାରପ୍ରାପ୍ତ ଅଧିକାରୀ ଦାଇତ୍ୱ ଅର୍ପଣ କରାଯାଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଥିବା ସବଇନିସପେକ୍ଟର ବୁଦ୍ଧିରାମ ମହାନ୍ତିଙ୍କୁ ମଞ୍ଜୁରୀରୋଡ ଭାରପ୍ରାପ୍ତ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ଗତ ଶୁକ୍ରବାର ପୁଲିସ ମୁଖ୍ୟାଳୟ ଆଦେଶ ସଂଖ୍ୟା ୮୨୮ ଅନୁଯାୟୀ ସବଇନିସପେକ୍ଟର ସ୍ନିଗ୍‌ଧା ରଶ୍ମି ସାହୁଙ୍କୁ ଆଗରପଡା ଥାନାରୁ ପୀରହାଟ ଥାନାକୁ, ପୁଲିସ ମୁଖ୍ୟାଳୟରେ ଥିବା ସହକାରୀ ସବଇନିସପେକ୍ଟର ବିଶ୍ୱମ୍ଭର ନାୟକଙ୍କୁ ସାବରଙ୍ଗ ଥାନାକୁ, ଓ.ଏ.ପି.ଏଫ. ସୁଚିସ୍ମିତା ଜାମୁଡାଙ୍କୁ ତିହିଡି ଥାନାରୁ ପୁଲିସ ମୁଖ୍ୟାଳୟକୁ ଓ ଡି.ପି.ଓ.ରେ ଥିବା ହାବିଲଦାର ସୁଶାନ୍ତ କୁମାର ମହାପାତ୍ରଙ୍କୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ସହ ସଂଯୁକ୍ତ କରାଯାଇଛି।

# ବଜ୍ରାଘାତରେ ମହିଳା ଆହତ

ଆଗରପଡ଼ା,(ସବ୍ୟୁ): ବର୍ତ୍ତନା ଗ୍ରାମର ସତ୍ୟଭାମା ବେହେରା (୫୫)ଘରଭିତରେ କବାଟ, ଝରକା ବନ୍ଦ କରି ପରିବାର ଅନ୍ୟ ସଦସ୍ୟଙ୍କ ସହ ବସିଥିଲେ। ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ହଠାତ ବଜ୍ରାଘାତ ହେବାରୁ ସେ ତଳେ ପଡ଼ିଯାଇ ବେହୋସ ହୋଇ ଯାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଆଗରପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ହାତରେ ବଜ୍ରାଘାତ ହୋଇଛି। କାନ୍ଥ ଫାଟି ବଜ୍ରାଘାତ ହୋଇଥିବାର ଜଣାପଡ଼ିଛି।

# ବଜ୍ରାଘାତରେ ଆଇସିଡିଏସ୍ ସୁପରଭାଇଜରଙ୍କ ମୃତ୍ୟୁ

କେନ୍ଦୁଝର , (ସ୍ୱପ୍ର): କେନ୍ଦୁଝର ଜିଲ୍ଲା ବାଉଁଶୁଳି ଗ୍ରାମର ଦିଲେଶ୍ୱର ନାଏକଙ୍କ ସ୍ତ୍ରୀ ଶୈଳେନ୍ଦ୍ରୀ ନାଏକ(୫୭) ରବିବାର ଦିନ ବଜ୍ରାଘାତରେ ପ୍ରାଣ ହରାଇଛନ୍ତି। ସେ ହରିଚନ୍ଦନପୁର ଆଇସିଡିଏସ୍ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ରବିବାର ଅପରାହ୍ଣରେ ଘର ପଛପଟକୁ ଶୌଚ ହେବାକୁ ଯାଇଥିବା ସମୟରେ ବଜ୍ରାଘାତରେ ଗୁରୁତର ହୋଇଥିଲେ। ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶୈଳେନ୍ଦ୍ରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଜୁଆ ଖେଳକୁ ନେଇ ଯୁବକଙ୍କୁ ହତ୍ୟା ଗଛରେ ଝୁଲନ୍ତା ମୃତଦେହ

ଆନନ୍ଦପୁର,(ସବ୍ୟୁ) ଜୁଆ ଖେଳକୁ ନେଇ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ହତ୍ୟାପରେ ଦୃର୍ବୁର୍ତ୍ତମାନେ ମୃତ ଦହକୁପୋଖରୀ କୂଳ ଗଛରେ ଝୁଲାଇ ଦେଇଛନ୍ତି। । ଘଷିପୁରା ଥାନା ଶୈଳଙ୍ଗ ଗ୍ରାମର ଧରଣୀ ରାଉତଙ୍କ ମୃତଦେହ ସୋମବାର ସକାଳୁ ଗାଁ ପୋଖରୀ କୂଳରେ ଥିବା ଗଛରେ ଝୁଲୁଥିବା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଧରଣୀଙ୍କୁ କେହି ହତ୍ୟା କରି ଝୁଲାଇ ଦେଇଥିବା ଅଭିଯୋଗ କରିଛନ୍ତି। ଧରଣୀଙ୍କର କାହା ସହ ଶତ୍ରୁତା ନଥିଲା। ସ୍ଥାନୀୟ ଅଞ୍ଚଳରେ ଜୁଆ ଖେଳ ହେଉଛି । ଏହି ଜୁଆଖେଳକୁ ନେଇ କେହି ହତ୍ୟା କରିଥାଇ ପାରନ୍ତି ବୋଲି ପରିବାର ଲୋକେ କହିଛନ୍ତି। ଅନ୍ୟ ପକ୍ଷରେ ଖବର ପାଇ ଘଷିପୁରା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଜଳଦା ଓ ଡଗରପଡାରେ କୃଷି ସଂକଳ୍ପ ଅଭିଯାନ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ଜଳଦା ଓ ଡଗରପଡା ପଞ୍ଚାୟତରେ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଗୁରୁବାର ପୂର୍ବାହ୍ଣରେ ଜଳଦା ପଞ୍ଚାୟତରେ ସରପଞ୍ଚ ଗୀତାଞ୍ଜଳୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତିସଭ୍ୟ ରମାକାନ୍ତ ମହାନ୍ତି,କୃଷି ବୈଜ୍ଞାନିକ ଡା ଓମପ୍ରକାଶ ବର୍ମା ଓ ଡା ଅନିତାରାଣୀ ପାତ୍ର,ଖଇରା ବ୍ଲକ ସହକାରୀ କୃଷି ଅଧିକାରୀ ରମ୍ୟ ରଞ୍ଜନ ସାହୁ,କ୍ଷେତ୍ର ପରିଚାଳକ ଲକ୍ଷ୍ମୀକାନ୍ତ ମୁର୍ମୁ,ସାଗର ମିତ୍ର ସୁପ୍ରିତୀ ନାୟକ ପ୍ରମୁଖ ଅଧିକାରୀ ଜୈବିକ ପଦ୍ଧତିରେ ଚାଷ କରିବା,ଗୃହିଣୀ ମାନେ ନିଜ ପରିବାରର ଆବଶ୍ୟକତା ମେଣ୍ଟାଇବାକୁ ନିଜ ବାଡିରେ ନିଜ ସାମର୍ଥ୍ୟ ଭିତରେ ପରିବା ଚାଷ ପାଇଁ ପରାମର୍ଶ ଦେଇଥିଲେ । ସେହିଭଳି ଅପରାହ୍ଣରେ ଡଗରପଡା ହରିହାଟ ଠାରେ ସରପଞ୍ଚ ରତ୍ନାକର ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସମିତିସଭ୍ୟ ବିମ୍ବାଧର ଦଳେଇ ଙ୍କ ସମେତ କୃଷି ବୈଜ୍ଞାନିକ ମାନେ ଯୋଗଦେଇ ପାରମ୍ପରିକ ଚାଷ ସହିତ ସମ୍ୟକ ପରିମାଣର ଅତ୍ୟାଧୁନିଜ୍ଞାନ କୌଶଳ ଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଖଇରା କୃଷି ପରାମର୍ଶ କେନ୍ଦ୍ର ଅଧିନସ୍ଥ କାର୍ଯ୍ୟରତ କର୍ମଚାରୀ,ବିଜୟ କୁମାର ଦାସ,ଶୁଭ୍ରଜିତ ଷଡଙ୍ଗୀ,କମଳଲୋଚନ ବିଶ୍ୱାଳ,ରଞ୍ଜିତା ବେହେରା,ସଞ୍ଜିବ କୁମାର ଜେନା,ସସ୍ମିତା ଜେନା,ଦନଞ୍ଜୟ ମହାନ୍ତି,ରୁଦ୍ର ନାରାୟଣ ମଲ୍ଲିକ,ଦିନକୃଷ୍ଣ ପରିଡା,ଜିବନଜ୍ୟୋତି ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଗନ୍ନାଥପୁର ଯୁବ ସଂଘର ବାର୍ଷିକ ରଜ ମହୋତ୍ସବ



କେନ୍ଦୁଝର,(ସବ୍ୟୁ) : କେନ୍ଦୁଝର ସହରର ଜଗନ୍ନାଥପୁର ସହି ଠାରେ ଜଗନ୍ନାଥପୁର ଯୁବ ସଂଘ ର ତୃତୀୟ ବାର୍ଷିକ ରଜ ମହୋତ୍ସବ ଉଦଘାଟିତ। ଏହି ତୃତୀୟ ବାର୍ଷିକ ରଜ ମହୋତ୍ସବର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବ ସାମ୍ବାଦିକ ବ୍ରଜକିଶୋର ରାୟ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ଦିବାକର ଜେନା ଏବଂ ଯୁବ କ୍ରୀଡ଼ାବିତ ମନୋଜ କୁମାର ଜେନା କାର୍ଯ୍ୟକ୍ରମକୁ ଉଦଘାଟିତ କରିଥିଲେ। ଏହି ଅବସରରେ କୁନିକୁନି କଳାକାର ମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।ଉପସ୍ଥିତ ମଞ୍ଚାସିନ ଅତିଥିମାନେ ରଜ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସୁନାମଧନ୍ୟ ଭାଷ୍ୟକାର ସତ୍ୟଜିତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଭବ୍ୟ ରଜ ମହୋତ୍ସବ କାର୍ଯ୍ୟକ୍ରମ ଜଗନ୍ନାଥପୁର ଯୁବ ସଂଘର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଅନୁଷ୍ଠିତ ହେଉଛି।

# କୀଟନାଶକ ଉପଚାରିତ ମଶାରୀ ବଣ୍ଟନ

ଠାକୁରମୁଣ୍ଡା ,(ସବ୍ୟୁ) : ଠାକୁରମୁଣ୍ଡା ବ୍ଲକରେ ଔଷଧ ବୋଳା ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଭାଲିଆଡାଳ ଠାରେ ଉଦଘାଟିତ ହୋଇଯାଇଛି ୯ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି ।ମ୍ୟାଲେରିଆ ନିୟନ୍ତ୍ରଣ ଓ ମଶା ଦାଉରୁ ରକ୍ଷା ପାଇଁ କୀଟନାଶକ ଉପଚାରିତ ମଶାରୀ ବରଦାନ ସଦୃଶ ବୋଲି ବିଧାୟକ କହିଥିଲେ । ଆୟୁଷ୍ମାନ ଯୋଜନାରେ ଆମ ସରକାର ମାଗଣା ଚିକିତ୍ସା ଯୋଗାଇ ଦେଉଛନ୍ତି ମାତ୍ର ଆମେ ରୋଗରେ ନପଡ଼ିବା ପାଇଁ ଯତ୍ନବାନ ହେବା ହିଁ ବୁଦ୍ଧିମାନ କାର୍ଯ୍ୟ ୯ ତେଣୁ ସମସ୍ତେ ସଚେତନ ନାଗରିକ ଭାବେ ତଥା ଦାୟିତ୍ୱସମ୍ପର୍ଣ୍ଣ ଭାବେ କାମ କରିବାକୁ ସେ ପରାମର୍ଶ ଦେଇଥିଲେ । ଆମେ ସୁସ୍ଥ ରହିବା ପାଇଁ ହେଲେ ସର୍ବଦା ମଶାରୀ ବ୍ୟବହାର କରିବା ବୋଲି ସେ କହିଥିଲେ । ମେଡିକାଲ ଅଫିସର ଚିତ୍ତରଞ୍ଜନ ନାୟକଙ୍କ ସଭାପତିତ୍ୱ ରେ ଆୟୋଜିତ ଉଦଘାଟନୀ ସଭାରେ ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ସରପଞ୍ଚ ଜାହ୍ନବୀ ସଏ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ ।ଭାଲିଆଡାଳ ଗ୍ରାମପଞ୍ଚାୟତ ଅଧିନସ୍ତ ଗ୍ରାମ ଗୁଡିକ ପାଇଁ ମଶାରୀ ବଣ୍ଟନ କରାଯାଇଛି । ଆରତୀ ବେହେରା, ଗୋପୀନାଥ ଚାମ୍ପିୟା, ସତ୍ୟ ଦାସ, ଅଙ୍ଗନବାଡି ସୁପରଭାଇଜର ସରସ୍ୱତୀ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ଏସ୍‌ଏନ୍‌ଏମ୍ ବିଜନେସ୍ ପ୍ରାଇଭେଟ ଲିମିଟେଡର ପ୍ରସ୍ତୁତି ମୁଡ୍‌ଡି ବାଇଟ୍‌ସ୍ ମସଲା

# ମୁଢି ପ୍ୟାକେଟର ବଜାର ପ୍ରବେଶ

ବାଲେଶ୍ୱର,(ସବ୍ୟୁ) : ମସଲା ମୁଢି ପ୍ରାୟ ସମସ୍ତଙ୍କ ପ୍ରିୟ । ହାତ ତିଆରି ମସାଲା ମୁଢିରୁ ଅନୁପ୍ରାଣିତ ହୋଇ ସମ୍ପ୍ରତି ଏକାଧିକ କମ୍ପାନୀ ପକ୍ଷରୁ ମସଲା ମୁଢିକୁ ପ୍ୟାକେଜ୍ ଫୁଡ୍‌ସ୍ ଅକାରରେ ମଧ୍ୟ ପ୍ରସ୍ତୁତ କରାଯାଉଛି । ଏହି କ୍ରମରେ ବାଲେଶ୍ୱରର ଅଗ୍ରଣୀ ଶିଳ୍ପାନୁଷ୍ଠାନ ଏସ୍‌ଏନ୍‌ଏମ୍ ବିଜନେସ୍ ପ୍ରାଇଭେଟ ଲିମିଟେଡ ପକ୍ଷରୁ ସମସ୍ତଙ୍କ ପ୍ରିୟ ମସଲା ମୁଢିକୁ ଛଅ ଗୋଟି ଆକର୍ଷଣୀୟ ସ୍ୱାଦରେ ଆରମ୍ଭ କରାଯାଇଛି । ତେବେ ବଜାରରେ ମିଳୁଥିବା ଅଧିକ କେମିକାଲ ଓ କ୍ୟାଲୋରୀ ଯୁକ୍ତ ସ୍ନାକ୍‌ସ ବଦଳରେ ଉଭୟ ପାରମ୍ପରିକ ଓ ଆଧୁନିକ ସ୍ୱାଦରେ ଫ୍ରେସ ସ୍ନାକ୍‌ସର ଏକ ବିକଳ୍ପ ଭାବେ ଏସଏନଏନ ଦ୍ୱାରା ପ୍ରସ୍ତୁତ ମୁଡ୍‌ଡି ବାଇଟସ୍ ନାମରେ ପ୍ୟାକେଜ ଫୁଡସ୍‌ର ବଜାର ପ୍ରବେଶ ହୋଇଯାଇଛି । ସ୍ଥାନୀୟ ଲକି ଇଂଟରନ୍ୟାସନାଲ ହୋଟେଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମ୍ପାନୀର ପ୍ରତିଷ୍ଠାତା ସଞ୍ଜୟ ସୋମାନୀଙ୍କ ପିତା ସତ୍ୟନାରାୟଣ ସୋମାନୀ ଓ ମାତା ଗୋମତୀ ଦେବୀ ସୋମାନୀ ଆନୁଷ୍ଠାନିକ ଭାବେ ମୁଡ୍‌ଡି ବାଇଟ୍‌ସ ମସଲା ମୁଢିକୁ ଲୋକାର୍ପିତ କରିଥିଲେ । ସଞ୍ଜୟ ସୋମନୀ ଏଥିରେ ପୌରହିତ୍ୟ କରିବା ସହିତ ମୁଡ୍‌ଡି ବାଇଟ୍‌ସ୍‌ର ପ୍ରସ୍ତୁତି ଓ ବ୍ୟବସାୟିକ ଚାହିଦା ସମ୍ପର୍କରେ ଆଲୋକପାତ କରିଥିଲେ । ପୂର୍ବରୁ ଏସଏନଏମ ବିଜନେସ ପ୍ରାଇଭେଟ ଲିମିଟେଡ ଚାଉଳ, ତେଲ ଓ ମୁଢି ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପ୍ରସ୍ତୁତ କରାଯାଉଥିବା ବେଳେ ଏକ ନୂତନ ଢଙ୍ଗରେ ଭାରତୀୟ ସ୍ନାକ୍‌ସ ବଜାରରେ ଉପସ୍ଥିତି ଓ ବ୍ୟବସାୟ ଲକ୍ଷ୍ୟରେ ମୁଡ୍‌ଡି ବାଇଟ୍‌ସ୍‌ର ପରିକଳ୍ପନା ହୋଇଥିବା ସେ ସୂଚନା ଦେଇଥିଲେ । ସ୍ପାଇସ୍ ମ୍ୟାଜିକ୍, ଏନେନ୍ସ୍ ପୁଦିନା, ଲେମନ୍ ଚିଲି, ଚିଜି ଡିଲାଇଟ୍, ସ୍ୱାଦିଷ୍ଟ ଭେଲ୍ ଓ ଦେଶୀ ଝାଲ ମୁଢି ପ୍ରଭୃତି ନାମରେ ୬ ପ୍ରକାରର ସ୍ୱାଦ ଯୁକ୍ତ ମସଲା ମୁଢି ବଜାରରେ ଉପଲବ୍ଧ ହେବ । ୫ଟଙ୍କିଆ ଓ ୧୦ ଟଙ୍କିଆ ପ୍ୟାକ୍ ସହ ଫ୍ୟାମେଲି ପ୍ୟାକ୍ ମସଲା ମୁଢି ମଧ୍ୟ ମିଳିବ । ପ୍ରାଥମିକ ସ୍ତରରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରେ ଏହାର ବିତରଣ ପାଇଁ ଭିତ୍ତିଭୂମୀ ପ୍ରସ୍ତୁତ ହୋଇଥିବା ବେଳେ ଆଗାମୀ ଦିନରେ ସମ୍ପୂର୍ଣ୍ଣ ଦେଶରେ ବିତରକଙ୍କ ମାଧ୍ୟମରେ ମୁଡ୍‌ଡି ବାଇଟ୍‌ସର ଯୋଗାଣ ଆରମ୍ଭ ହେବ । ସମ୍ପ୍ରତି ଦୈନିକ ୫ ହଜାର କିଲୋଗ୍ରାମ ମୁଢି ସମ୍ପୂର୍ଣ୍ଣ ମାନବ ସ୍ପର୍ଶ ବିନା ପ୍ୟାକେଜିଂ କରାଯାଉଛି । ଏଥିରେ ଗୁଣବତ୍ତା ରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଏକ ସୁସ୍ୱାଦୁ ଓ ସ୍ୱାସ୍ଥ୍ୟକର ଭାବେ ମୁଡ୍‌ଡି ବାଇଟ୍‌ସ ସମଗ୍ର ଦେଶରେ ଗ୍ରାହକଙ୍କ ପ୍ରଥମ ପସନ୍ଦ ହେବ ବୋଲି ଶ୍ରୀ ସୋମାନୀ ଆଶା ପ୍ରକାଶ କରିଛନ୍ତି । ଏହି ଅବସରରେ ବିତରକ ଭାବେ ବାଲେଶ୍ୱରର ରାଓ୍ୱତ ବ୍ରଦର୍ସଙ୍କ ସହ ବଜାର ପ୍ରବେଶ ଉତ୍ସବ ସଫଳତା ପାଇଁ ଓଡିନେଟ୍ ଜି ଫାଇବର, ସେଲୋପେଡିଆ, ଲକି ଇଂଟରନ୍ୟାସନାଲ ହୋଟେଲର କ୍ରିଷ୍ଣା ଦାସ, ବିଜ୍ଞାପନ ପାଇଁ ନଜିମୁଦ୍ଦିନ ଖାଁ, ପ୍ରମୋଦ ସିଂହ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ସୌମ୍ୟା ସୋମାନୀ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସ୍ୱର୍ଣ୍ଣ ସୋମାନୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।





GOVT. OF ODISHA : OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNDARGARH
Bid Identificaiton No. Online-PMGSY/RWCCESNG-05 of 2025-26
O-294
Letter No. 1507// Date : 13.06.2025 Email ID : serw_sundargarh@gmail.com

1. Name of the work : Repair and Maintenance of Rural roads under PMGSY roads
2. Total No of Packages : 03 Nos.
3. Estimated Cost of indivisual package : Rs. 87.49 lakh to 177.21 lakh.
4. Pereod of Completion : 05 (Five) years.
5. Other details :

| Procurement Officer | Bid Identification No. | No. of Packages | Availability of tender On-line for bidding | | Date & Time of Technical Bid Bid opening | Date & Time of Fiancial Bid opening |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | PMGSY/ RWCCESNG-05 of 2025-26 | 03 Nos. | 19.06.2025 at 11.00 A.M. | 03.07.2025 upto 5.00 P.M. | 04.07.2025 at 11.00 A.M. | Will be intimated separately |

* Further details cna be seen from the website : www.pmgsytenders.gov.in

Sd/- Chief Construction Engineer
Rural Works Circle, Sundargarh
OIPR : 25133/11/0054/2526

ODISHA HYDRO POWER CORPORATION LTD.
(A Government of Odisha Undertaking)
OFFICE OF THE SENIOR GENERAL MANAGAR (ELECTRICAL)
UPPER KOLAB HYDRO ELECTRIC PROJECT
AT/PO : BARINIPUT, DIST : KORAPUT - 764006, ODISHA
PHONE : (06854) 242001 (O), FAX : (06854) 242038, E-mail : sgmel.ukhep@gmail.com
TENDER CALL NOTICE NO UKHEP-12/25-26, DATED 11/06/25

CAD-789 : Sealed tenders are invited in sealed envelopes from the Authorized dealers / Reputed Suppliers for "Procurement of Bilarve WP-25 for mosquito killing, UKHEP, Bariniput.

| Description of work | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|
| Procurement of Bilarve WP-25 for mosquito killing, UKHEP, Bariniput | 2360/- (Non-refundable) (Rs. 2,000/- + 18% GST) | 2500/- |

The sale of Tender Paper will be from : 17.06.25 to 11.00 Hrs of 02.07.25
The last date & time of receipt of Tender : 12.00 Hrs. of 02.07.2025
The date and time of opening of Tender : 12.30 Hrs. of 02.07.2025
For details of tender documents, Terms & conditions, downloading, please visit our website www.ohpcltd.com.

Sd/- C & P Head,
Upper Kolab H.E. Project, Bariniput
OIPR : 04002/11/0097/2526

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA
DIST : KALAHANDI-766026, ODISHA, E-mail : sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel : 91-0674-2542983, 2542802, 2555626, 2542826, Fax : 2542102, E-Mail : ohpc.co@gmail.com/ md@ohpcltd.com
WEB : www.ohpcltd.com, CIN : U40101OR1995SGC003963
CAD-787
NOTICE INVITING TENDER No. UIHEP-12/2025-26 DATE 12.06.2025

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed original equipment manufacturers / channel partners / reputed supplier / service provider having similar works experience for the work as mentioned below .

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale/ download of tender document | Last date & time of receipt of tender | Date & time of opening of techno commercial Bid |
|---|---|---|---|---|---|
| Re-filling, Hydraulic Testing & painting of different types of fire extinguishers of UIHEP, Mukhiguda | 708/- (inclusive of GST) | 1,400/- | From 19.06.2025 to 02.07.2025 upto 12.00 hrs. | 02.07.2025 (up to 13.00 Hrs.) | 02.07.2025 at 16.30 Hrs. |

For details of the tender documents, terms and conditions please visit our website www.ohpcltd. com.
OIPR : 04008/11/0029/2526
Sd/- C&P Head, UIHEP, Mukhiguda

GOVERNMENT OF ODISHA : DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
ROURKELA IRRIGATION DIVISION, ROURKELA
email Id : seridrkl@gmail.com
A-284
'e' procurement Notice
e-PROCUREMENT NOTICE No. SERID-RKL-01/2025-26 (ONLINE) DT. 11.06.2025

The Superintending Engineer, Rourkela Irrigation Division, Rourkela on behalf of Governor of Odisha invites Percentage Rate Bid in single cover system to be received in online mode from the eligible contractors registered with the State Government,contractors of equivalent Grade / Class Registered with Central Government/MES/Railway/CPWD work as detailed below :

| | | | |
|---|---|---|---|
| 1. | Nature of Work | : | CIVIL WORKS |
| 2. | Total Number of works | : | 12( twelve) nos |
| 3. | Bid Identification No. | : | SERID-RKL-01/2025-26 (ONLINE) |
| 4. | Estimated Cost | : | Rs. 2.68 lakh to 4.46 lakh |
| 5. | Class of Contractor | : | "D" & "C" class Contractor |
| 6. | Cost of Tender Paper | : | Referred to DTCN |
| 7. | Earnest Money Deposit | : | Referred to DTCN |
| 8. | Period of completion | : | Referred to DTCN |
| 9. | Date & time of Availability of Bid documents in the portal | : | From dt 17.06.2025 at 10.00 A.M to dt. 26.06.2025 up to 01.00 P.M. |
| 10. | Last Date / time for receipt of bids in the portal | : | Dt. 26.06.2025 up to 01.00 P.M. |
| 11. | Date and time of Opening of Bids | : | dt. 26.06.2025 at 03.00 P.M. |
| 12. | Last date & time of seeking of clarification | : | Dt. 23.06.2025 at 05.00 P.M |
| 13. | Place of Opening | : | Office of the Superintending Engineer, Rourkela Irrigation Division, Rourkela |
| 14. | Name and Address of the Officer Inviting Bid | : | Superintending Engineer, Rourkela Irrigation Division, Rourkela |

1. Any addendum / corrigendum/cancellation / erratum of tender can also be seen in the said website.
2. Further details can be seen from Government Website http://tenderodisha.gov.in

Sd/- SUPERINTENDING ENGINEER
ROURKELA IRRIGATION DIVISION, ROURKELA
OIPR : 3201811/0017/2526

GOVERNMENT OF ODISHA : DEPARTMENT OF WATER RESOURCES
Office of the Superitending Engineer, Drainage Division, Jajpur
email Id : ddekl121@gmail.com
A-299
e-PROCUREMENT NOTICE No. DDJPR-01/2025-26

| | | |
|---|---|---|
| 1 | Name of work: - | Drainage works (Under D.I.P Scheme) |
| 2 | Total No. of Project: - | 1 No. of Individual work. |
| 3 | Estimated cost of individual works: | Rs. 82,12,517 /- (Excluding G.S.T.) |
| 4 | Period of completion: - | 08 (Eight) Calendar Months |
| 5 | Bid Identification Number | DDJPR – 02/2025-26 |
| 6 | Date & Time of availability of Bid document in the Portal | From Dt. 18.06.2025 at 10.00 hours to Dt.02.07.2025 at 17.00 hours |
| 7 | Date of Opening of bid | Dt.03.07.2025 at 11.30Hrs in the O/O The Superintending Engineer, Drainage Division, Jajpur |
| 8 | Date of Opening of Financial bid | Dt.11.07.2025 at 11.30Hrs in the O/O The Superintending Engineer, Drainage Division, Jajpur |
| 9 | Date of Lottery (if required) | Dt.15.07.2025 at 11.30 Hrs in the O/O The Superintending Engineer, Drainage Division, Jajpur |
| 10 | Procurement Officer/ Name & address of the officer inviting Bids. | Superintending Engineer, Drainage Division, Jajpur. |

Further details can be seen from the Govt. Websie www.tendersodisha.gov.in

Sd/- Superintending Engineer
Drainage Division, Jajpur
OIPR : 32360/11/0002/2526

यूनियन बैंक ऑफ इंडिया Union Bank of India
କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡ଼ା
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ୍.ଆଇ. ବିଲ୍ଡିଙ୍ଗ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧
ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ବର୍ଣ୍ଣାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ବର୍ଣ୍ଣାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।

| ମାଲକାନଗିରି ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ତାରିଖ/ ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ: ୧) ଶ୍ରୀ ମନୋଜ କୁମାର ଦାସ, ପିତା: ପର୍ଶୁରାମ ଦାସ, ୨) ଶ୍ରୀମତୀ ବାସନ୍ତୀ ଦାସ, ସ୍ୱାମୀ: ପର୍ଶୁରାମ ଦାସ, ଉଭୟଙ୍କ ଠିକଣା- ସା: କୁମୁଟିଗୁଡା, ପୋ: ମାଲକାନଗିରି, ଜିଲ୍ଲା: ମାଲକାନଗିରି, ଓଡିଶା-୭୬୪୦୪୮ | ୧୬.୦୬.୨୦୨୫ ସୁଦ୍ଧା ୮.୬,୭୨,୮୩୦/- + ସେବାବଦ ସୁଧ ଏବଂ ଦେୟ | ୦୪.୧୨.୨୦୨୪ / ୧୩.୦୬.୨୦୨୫ | ଶ୍ରୀମତୀ ବାସନ୍ତୀ ଦାସଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ସ୍ଥିତ, ଯାହାର ପରିମିତ କ୍ଷେତ୍ର: ଏକର୦.୦୨୦ ଡିସିମିଲି, ଖାତା ନଂ.: ୩୭୧ |

(ପୁରୁଣା), ୯୯୪।୩୬୪ (ନୂଆ), ପ୍ଲଟ୍ ନଂ.: ୧୪୬୧ (ପୁରୁଣା), ୧୪୬୧।୬୨୭୮ (ନୂଆ), ମୌଜା: ମାଲକାନଗିରି, ଥାନା: ମାଲକାନଗିରି, ତହସିଲ: ମାଲକାନଗିରି, ଜିଲ୍ଲା: ମାଲକାନଗିରି, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ୟାସେଜ, ଦକ୍ଷିଣ: କଲୋନୀ ରାସ୍ତା, ପୂର୍ବ: ଶ୍ରୀମତୀ ବାସନ୍ତୀ ଦାସ, ପଶ୍ଚିମ: ଉମେଶ ଚନ୍ଦ୍ର ପଟ୍ଟନାୟକ

ସ୍ଥାନ: ରାୟଗଡ଼ା, ତାରିଖ: ୧୬.୦୬.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

(ଶ୍ରୀମଭଗବଦ୍ ଗୀତା ୧୬/୧୮)
-ଦୈବାସୁରସମ୍ପଦ୍‌ବିଭାଗ-
(ଶ୍ରୀଭଗବାନୁବାଚ)

**ଅହଙ୍କାରଂ ବଳଂ ଦର୍ପଂ କାମଂ କ୍ରୋଧଂ ଚ ସଂଶ୍ରିତାଃ ।**
**ମାମାତ୍ମପରଦେହେଷୁ ପ୍ରଦ୍ୱିଷନ୍ତୋଽଭ୍ୟସୂୟକାଃ ।।୧୮।।**

ସେହି ଆସୁର ପ୍ରକୃତି ମନୁଷ୍ୟମାନେ ଅହଂକାର, ବଳ, ଦର୍ପ, କାମ, କ୍ରୋଧ ପ୍ରଭୃତିକୁ ଆଶ୍ରୟ କରି, ନିଜ ଦେହରେ ଓ ପର ଦେହରେ ଅବସ୍ଥିତ ମୋ ପ୍ରତି ଦ୍ୱେଷ କରନ୍ତି ଏବଂ ଏହିପରି ସାଧୁମାନଙ୍କ ଗୁଣରେ ମଧ୍ୟ ଦୋଷାରୋପ କରିଥାନ୍ତି ।।୧୮।।

# ଅଣାୟତ୍ତ ହଇଜାର ନିରାକରଣ

**ସମ୍ପାଦକୀୟ**

ଏବେ ହଇଜାର ସଂକ୍ରମଣ ବଢ଼ି ଚାଲିଥିବାରୁ ଉପକୂଳ ଓଡ଼ିଶାର ଯାଜପୁର, କଟକ, ଭଦ୍ରକ, କେନ୍ଦୁଝର ଓ ଢେଙ୍କାନାଳ ପ୍ରଭୃତି ଜିଲ୍ଲାରେ ପରିସ୍ଥିତି ଗମ୍ଭୀର ହୋଇଥିବା ଯୋଗୁଁ ଅନେକ ମୃତ୍ୟୁମୁଖରେ ପଡୁଛନ୍ତି ଓ ଆଉ କେତେକ ଡାକ୍ତରଖାନାମାନଙ୍କରେ ଚିକିତ୍ସାଧୀନ ହୋଇଛନ୍ତି । ଏ ଘଟଣା ଉଦ୍‌ବେଗଜନକ ହୋଇପଡ଼ିଛି । ଏହାକୁ ଆୟତ୍ତାଧୀନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିବେଦନ କରିଥିବା ବେଳେ ଯାଜପୁରରେ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ଓ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ପହଞ୍ଚି ପରିସ୍ଥିତିକୁ ଅନୁଧ୍ୟାନ କରିଛନ୍ତି, କାହିଁକି କେଜାଣି ପ୍ରକୃତ ମୃତ୍ୟୁ ଘଟଣାକୁ ସରକାରୀ ଭାବେ କୁହାଯାଉ ନାହିଁ । ଏହି ରୋଗରେ ସମୁଦାୟ ୧୪ଜଣ ପ୍ରାଣ ହରାଇଲେଣି ବୋଲି କୁହାଯାଉଥିଲେ ମଧ୍ୟ ରୋଗର କାରଣ ହଇଜା ବୋଲି ସନ୍ଦେହ କରାଯାଉଛି । କେବଳ ଯାଜପୁର ଅଞ୍ଚଳରେ ଖଇରାବାଜ ଗ୍ରାମର ଜୟଶ୍ରୀ ସାହୁ (୪୫)ଙ୍କ ସମେତ କୋଟାବସନ୍ତପୁର ଗ୍ରାମର ମଦନ ମୋହନ ସେନାପତି (୫୫) ଓ କମଳପୁର ଗ୍ରାମର ଜଟାଧାରୀ ସାହୁ (୪୫) ଏହି ରୋଗାକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି ବୋଲି ରାଜ୍ୟ ସରକାର ଆଶଙ୍କା କରୁଛନ୍ତି । ଏ ପର୍ଯ୍ୟନ୍ତ ପ୍ରାୟ ୨୫୮ ଜଣ ଏହି ହଇଜା ବା ଝାଡ଼ାବାନ୍ତି ପରି ସଂକ୍ରାମକ ରୋଗ ଯେପରି ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲା ପ୍ରଭୃତିକୁ ବ୍ୟାପି ନଯାଏ ସେଥିପାଇଁ ସଜାଗ ରହିବାକୁ ସ୍ୱାସ୍ଥ୍ୟ ବିଭାଗର ସରକାରୀ ଅଧିକାରୀ ଓ କର୍ମଚାରୀମାନେ ପଦକ୍ଷେପ ନେଉଥିବା ଏକ ସ୍ୱାଗତଯୋଗ୍ୟ ଉଦ୍ୟମ । ବର୍ଷାଦିନେ ଜଳ ଦ୍ୱାରା ସଂକ୍ରମିତ ହେଉଥିବା ଏହି ରୋଗର ନିରାକରଣ ପାଇଁ ସେମାନେ ଆଲୋଚନା ଜାରି ରଖିଛନ୍ତି । ରାଜ୍ୟର ଜନସ୍ୱାସ୍ଥ୍ୟ ବିଭାଗ ବର୍ଷାଦିନ ପୂର୍ବରୁ ସତର୍କତାମୂଳକ ପଦକ୍ଷେପ ନେଇଥିଲେ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଏହି ଭୟାବହ ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା ।

ଇତିମଧ୍ୟରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ରବିବାରରେ ଏକ ନିର୍ଦ୍ଦେଶନାମା ଜାରି କରି ଭୁବନେଶ୍ୱରର ବିଭିନ୍ନ ହାଉସିଂ ସୋସାଇଟିରେ ଭୂତଳ ଜଳର ସଂକ୍ରମଣ କାରଣରୁ ହେପାଟାଇଟିକ୍ (ଯକୃତଜନିତ) ପ୍ରଭୃତି ରୋଗ ହେଉଥିବା ବିଷୟରେ ସତର୍କ ସୂଚନା ଜାରି କରିଛନ୍ତି । ଅପରପକ୍ଷରେ ରାଜଧାନୀ ଭୁବନେଶ୍ୱରର କଳିଙ୍ଗ ନଗର ପ୍ରଭୃତି ଅଞ୍ଚଳରେ ମଧ୍ୟ ହଇଜାର ଲକ୍ଷଣମାନ ପ୍ରକାଶ ପାଉଛି ଏବଂ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ନଗର ଉନ୍ନୟନ ବିଭାଗର ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ସଂକ୍ରମିତ ଯାବତୀୟ ରୋଗର ନିରାକରଣ ଲାଗି ଦୃଢ଼ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

ହଇଜାକ୍ରାନ୍ତ ରୋଗୀମାନେ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବାବେଳେ ସେମାନେ ମୃତ୍ୟୁମୁଖରେ ପଡ଼ିଥିଲେ ଏବଂ ସେମାନଙ୍କ ଶବ ବ୍ୟବଚ୍ଛେଦ ହେବା ପରେ ରିପୋର୍ଟ ଆସିଲେ ସେମାନଙ୍କର ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସକ ଡାକ୍ତର ବିଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି । ସେମାନେ ଯେ ହଇଜାରୋଗାକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି, ଏ କଥାକୁ ସ୍ୱୀକାର କରିବାରେ ଅସୁବିଧା ନାହିଁ । ବ୍ରିଟିଶ ଅମଳରୁ ଚାଲି ଆସିଥିବା ଏପରି ପଦ୍ଧତିକୁ ରାଜ୍ୟ ସରକାର ବଦଳାଇବା ଆବଶ୍ୟକ । କାରଣ ଏ ହେଉଛି 'ଲୋକଙ୍କ ସରକାର' ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବ ଦିନ ବିଭିନ୍ନ ସମ୍ବାଦପତ୍ରରେ ଲେଖି ଜଣାଇଛନ୍ତି ।

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମହାଲିଙ୍ଗ ଯାଜପୁର ଅଞ୍ଚଳକୁ ଗସ୍ତ କରି ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି । ଏହି ସଂକ୍ରାମକ ରୋଗ ପାଇଁ ପ୍ରତିଷେଧକମୂଳକ ଇଂଜେକସନ୍ ଦିଆଯାଇ ଏହି ରୋଗର ନିରାକରଣ ଅବିଳମ୍ବେ କରାଯିବାକୁ ସେ ମଧ୍ୟ ଏହି ସମୀକ୍ଷା ବୈଠକରେ ପରାମର୍ଶ ଦେଇଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମହାଲିଙ୍ଗ କହିଛନ୍ତି ଯେ ରାସ୍ତାକଡ଼ର ଖୋଲା ଦୋକାନମାନଙ୍କରୁ ଖାଦ୍ୟ ଖାଇ ସମ୍ଭବତଃ ଲୋକେ ଏପରି ସଂକ୍ରମଣର ଶିକାର ହୋଇଛନ୍ତି । ହଇଜା ସଂକ୍ରମଣର ଏହା ବି ଅନ୍ୟତମ କାରଣ ହୋଇପାରେ । ଏବେ ତ ରାଜଧାନୀ ଭୁବନେଶ୍ୱର ବା କଟକର ରାସ୍ତାମାନଙ୍କରେ ଜଙ୍କ୍‌ଫୁଡ୍ ଖାଇବାକୁ ଲୋକମାନଙ୍କ ବ୍ୟାକୁଳତା ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ହେଲେ ସଚେତନ ନାଗରିକମାନଙ୍କୁ ସତର୍କ କରିବାକୁ ପଡ଼ିବ ଏବଂ ସରକାର ମଧ୍ୟ ସଚେତନ ରହିବା ଆବଶ୍ୟକ । ବର୍ଷାଦିନେ ଶୁଦ୍ଧ ପାନୀୟ ଜଳ ସବୁଠାରୁ ବେଶୀ ଆବଶ୍ୟକ । ସେଥିପ୍ରତି ସମସ୍ତେ ଦୃଷ୍ଟି ଦେବା ଦରକାର ।


ଯାଜପୁରରେ ଯେଉଁ କେନ୍ଦ୍ରୀୟ ଦଳ ପରିସ୍ଥିତି ଅନୁଧ୍ୟାନ କରିବାକୁ ଆସିଛନ୍ତି, ସେମାନଙ୍କ ରିପୋର୍ଟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସେହି ରିପୋର୍ଟକୁ ଅପେକ୍ଷା କରି ରାଜ୍ୟ ସରକାର ହଇଜା ନିୟନ୍ତ୍ରଣ ପାଇଁ ପଦକ୍ଷେପ ତ ନେବେ । ମାତ୍ର ଜନସାଧାରଣଙ୍କୁ ନିଜ ନିଜ ସ୍ୱାସ୍ଥ୍ୟରକ୍ଷା ଲାଗି ଯତ୍ନବାନ ହେବାକୁ ପଡ଼ିବ ।

**ସଙ୍କଳ୍ପ**
**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସାମ୍ବାଦିକର ଉପଲବ୍ଧି



ପପୁ ମହାନ୍ତି

୨୦୨୪ ଜୁନ୍ ୧୨ ତାରିଖରେ ଓଡିଶା ରାଜନୈତିକ ଦୃଶ୍ୟପଟରେ ଏକ ବିରାଟ ପରିବର୍ତ୍ତନ ଘଟିଲା। ଦୀର୍ଘ ୨୪ ବର୍ଷ ଧରି ଶାସନ ଗାଦିରେ ଥିବା ବିଜୁ ଜନତା ଦଳ ସରକାରକୁ ଗାଦିଚ୍ୟୁତ କରି ଶାସନ ଗାଦିକୁ ଆସିଲା ବିଜେପି। ଓଡିଶାରେ ଗଠନ ହେଲା ଭାରତୀୟ ଜନତା ପାର୍ଟିର ସରକାର । ଏବେ ଅର୍ଥାତ ୧୨ ଜୁନ୍ ୨୦୨୫ ଦିନ ଏହି ସରକାର ତାର ବର୍ଷକର କାର୍ଯ୍ୟକାଳ ପୂରଣ କରିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ସରକାରଙ୍କ ରିପୋର୍ଟ କାର୍ଡ ଦେଇଛନ୍ତି । ଯେତେବେଳେ ସେ କ୍ଷମତା ଡୋରି ଧରିଲେ ଏ ସରକାର ଲୋକଙ୍କ ସରକାର, ଆଉ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି ସ୍ଲୋଗାନ ଦିଆଗଲା । ଦୀର୍ଘ ୨୪ ବର୍ଷ ଅତିକ୍ରାନ୍ତ ପରେ ଏକ ବଡ ପରିବର୍ତ୍ତନ ଘଟି ନୂଆ ସରକାର ଆସିଥିବାରୁ ରାଜ୍ୟବାସୀ ସରକାରଙ୍କଠାରୁ ବହୁକିଛି ଆଶା କରିବା ସ୍ୱାଭାବିକ । ସେହି କ୍ରମରେ ବର୍ଷକର ଅବଧି ମଧ୍ୟରେ ସରକାର ରାଜ୍ୟର ବିକାଶ ଓ ଲୋକଙ୍କ କଲ୍ୟାଣ ପାଇଁ କଣ କରିଛନ୍ତି ଓ ଆଗାମୀ ଦିନ ପାଇଁ କଣ ସ୍ୱପ୍ନ ଦେଖିଛନ୍ତି ତାର ରିପୋର୍ଟ କାର୍ଡ ମଧ୍ୟ ଦେବା ଜରୁରୀ । ଏହି କ୍ରମରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ତାଙ୍କ ସରକାରଙ୍କ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଏ ଲେଖକ ମଧ୍ୟ ଜଣେ ସାମ୍ବାଦିକ ଭାବେ ସେଠାରେ ଉପସ୍ଥିତ ଥିଲା । ସାମ୍ବାଦିକମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରାଗଲା ଯେ, ଗତ ବର୍ଷକର କାର୍ଯ୍ୟକୁ ଅନୁଧ୍ୟାନ କରି ଆପଣଙ୍କ ସରକାରଙ୍କୁ ଯଦି ମାର୍କ ଦିଆଯାଏ ତାହେଲେ ଆପଣ କେତେ ମାର୍କ ପାଇବେ ? ତାର ଉତ୍ତରରେ ଅତି ବିନମ୍ରତାର ସହ ମୁଖ୍ୟମନ୍ତ୍ରୀ ଏ କଥା ରାଜ୍ୟବାସୀ ଓ ସାମ୍ବାଦିକମାନଙ୍କ ଉପରେ ଛାଡି ଦେଇଥିଲେ। ସେ କହିଥିଲେ, 'ସରକାର ତାଙ୍କ କାମ କରିବେ, ମୂଲ୍ୟାଙ୍କନ କରିବା ଦାୟିତ୍ୱ ରାଜ୍ୟବାସୀଙ୍କର ତଥା ଆପଣ ମାନଙ୍କର ।' ଠିକ୍ ସେହିପରି ସ୍ୱଭାବ ସୁଲଭ ଢଙ୍ଗରେ ମୁଖ୍ୟମନ୍ତ୍ରୀ ସାମ୍ବାଦିକଙ୍କ ସମସ୍ତ ପ୍ରଶ୍ନର ଉତ୍ତର ରଖିବା ସହ ସରକାର ନେଇଥିବା ଗୁରୁତ୍ୱ ପୂର୍ଣ୍ଣ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସାମ୍ବାଦିକଙ୍କ ପ୍ରଶ୍ନକୁ ମୁଖ୍ୟମନ୍ତ୍ରୀ ନିଜେ ନୋଟ୍ କରୁଥିଲେ ଓ ତାର ସଠିକ ଉତ୍ତର ମଧ୍ୟ ଆନ୍ତରିକତାର ସହ ପ୍ରଦାନ କରୁଥିଲେ ।

ଏହା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ମୋହନ ଚରଣ ମାଝି ଗତ ୨୪ ବର୍ଷ ପରେ ସାମ୍ବାଦିକମାନଙ୍କୁ ସିଧାସଳଖ ଭେଟି ଆଲୋଚନା କରୁଥିବା ଜଣେ ମୁଖ୍ୟମନ୍ତ୍ରୀ, ଯାହା ବିଗତ ସରକାରଙ୍କ ଅମଳରେ ସମ୍ଭବ ହୋଇନଥିଲା । ସରକାର ଗଠନ ଆରମ୍ଭରୁ ସେ କହି ଆସିଛନ୍ତି, ରାଜ୍ୟର ବିଜେପି ସରକାର ହେଉଛି ଲୋକଙ୍କ ସରକାର ଆଉ ସେ ଲୋକଙ୍କ ମୁଖ୍ୟମନ୍ତ୍ରୀ । ବାସ୍ତବରେ ସେ ତାହା କରି ଯେ ଦେଖାଇଛନ୍ତି ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଗତ ଜୁନ୍ ୧୦ ତାରିଖର ସାମ୍ବାଦିକ ସମ୍ମିଳନୀ। ଅତ୍ୟନ୍ତ ନମ୍ର, ଭଦ୍ର ଓ ସରଳ ଭାବେ ତାଙ୍କର ଆଚରଣ ଓ ଉଚ୍ଚାରଣ ତାଙ୍କ ଲୋକପ୍ରିୟତାକୁ ଯେ, ବାଟ କଢେଇ ନେଉଛି ତାହା ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ ବାରି ହୋଇପଡୁଥିଲା ।

କେବଳ ସାମ୍ବାଦିକ ସମ୍ମିଳନୀ ଗୋଟିଏ ଉଦାହରଣ ନୁହେଁ, ଦୀର୍ଘ ୨୪ ବର୍ଷ ଧରି ବନ୍ଦ ପଡିଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଖୋଲିବା ମଧ୍ୟ ତାଙ୍କ ସରକାରଙ୍କ ଲୋକପ୍ରିୟତାର ଆଉ ଏକ ନମୁନା ବୋଲି କୁହାଯାଇପାରେ। ଏକଦା ସୁପ୍ତ ହୋଇ ରହିଥିବା ଅଭିଯୋଗ ପ୍ରକୋଷ୍ଠ ଏବେ ଚଳଚଞ୍ଚଳ। ମୁଖ୍ୟମନ୍ତ୍ରୀ ନିଜେ ଏବେ ବ୍ୟକ୍ତିଗତ ଭାବେ ଲୋକଙ୍କ ପାଖକୁ ଆସି ଆପତ୍ତି ଅଭିଯୋଗ ଶୁଣୁଛନ୍ତି ଓ ତାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ତତ୍କ୍ଷଣାତ୍ ନିର୍ଦ୍ଦେଶ ଦେଉଛନ୍ତି ଯାହାକି ପୂର୍ବରୁ ହେଉନଥିଲା । କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଲୋକଙ୍କ ସମସ୍ୟା ଶୁଣିବା ଓ ସେମାନଙ୍କ ଦୁଃଖ ଦୂର କରିବା ଏକ ନିର୍ବାଚିତ ସରକାରଙ୍କ ପ୍ରମୁଖ ଦାୟିତ୍ୱ ଓ କର୍ତ୍ତବ୍ୟ। ଯେଉଁ ସରକାର ଏଥିରେ ବ୍ୟତିକ୍ରମ ବା ଅଣଦେଖା କରେ ସେ ସରକାରଙ୍କୁ ସ୍ୱେଚ୍ଛାଚାରୀ କୁହାଯାଇପାରିବ। ମାତ୍ର ଏ ସରକାରଙ୍କ ସମୟରେ ଅନ୍ତତଃ ତାହା ହୋଇନାହିଁ। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ଅଭିଯୋଗ ଶୁଣାଣିରେ ୧୦,୮୯୪ ଅଭିଯୋଗ ମଧ୍ୟରୁ ୯,୩୮୮ ଅଭିଯୋଗ ଅର୍ଥାତ୍ ୮୬ ପ୍ରତିଶତ ଅଭିଯୋଗର ସମାଧାନ ହେବା ନିଶ୍ଚିତ ରୂପେ ସ୍ୱାଗତ ଯୋଗ୍ୟ । କେବଳ ସେତିକି ନୁହେଁ ଜନଶୁଣାଣୀ ପୋର୍ଟାଲ ମାଧ୍ୟମରେ ୫ ଲକ୍ଷରୁ ଅଧିକ ଅଭିଯୋଗର ସମାଧାନ ହେବା ମଧ୍ୟ ପ୍ରଶଂସନୀୟ।

**ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ଅଭିଯୋଗ ଶୁଣାଣିରେ ୧୦,୮୯୪ ଅଭିଯୋଗ ମଧ୍ୟରୁ ୯,୩୮୮ ଅଭିଯୋଗ ଅର୍ଥାତ୍ ୮୬ ପ୍ରତିଶତ ଅଭିଯୋଗର ସମାଧାନ ହେବା ନିଶ୍ଚିତ ରୂପେ ସ୍ୱାଗତ ଯୋଗ୍ୟ । କେବଳ ସେତିକି ନୁହେଁ ଜନଶୁଣାଣୀ ପୋର୍ଟାଲ ମାଧ୍ୟରେ ୫ ଲକ୍ଷରୁ ଅଧିକ ଅଭିଯୋଗର ସମାଧାନ ହେବା ମଧ୍ୟ ପ୍ରଶଂସନୀୟ।**

ତେବେ ୫ ବର୍ଷ ପାଇଁ ନିର୍ବାଚିତ ସରକାରଙ୍କ କ୍ଷେତ୍ରରେ ମାତ୍ର ବର୍ଷକର କାର୍ଯ୍ୟକାଳ ଅୟମାରମ୍ଭ ମାତ୍ର । ତେବେ ଏହି ବର୍ଷକର ଅନୁଭୂତି, ଉପଲବ୍ଧି ଆଗାମୀ ଦିନ ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରେ। ଯଦିଓ ମୁଖ୍ୟମନ୍ତ୍ରୀ ତାଙ୍କ ରିପୋର୍ଟ କାର୍ଡରେ ମହିଳା ସଶକ୍ତିକରଣ କାର୍ଯ୍ୟର ଅଂଶବିଶେଷ ସ୍ୱରୂପ ସୁଭଦ୍ରା ଯୋଜନାରେ ଏକ କୋଟି ମହିଳାଙ୍କୁ ଉପକୃତ କରିବା, ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା, ୨୮ ହଜାର ଯୁବକଙ୍କୁ ନିଯୁକ୍ତି ଦେବା, ଚାଷୀଙ୍କ ପାଇଁ ଧାନ କ୍ୱିଣ୍ଟାଲ୍ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ପ୍ରଦାନ କରିବା, ପୁଞ୍ଜି ନିବେଶ, ଉତ୍କର୍ଷ ଓଡିଶା କନ୍‌କ୍ଲେଭ୍‌ରେ ୫୯୩ ପ୍ରକଳ୍ପ ପାଇଁ ୧୬.୭୩ କୋଟି ଟଙ୍କାର ନିବେଶ ସୁଯୋଗ ମିଳିବା, ସାମାଜିକ ଅର୍ଥନୈତିକ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୧୧.୨୫ ସ୍ଥାନ ସଂରକ୍ଷଣ କରିବା, ୨୭,୩୮୨ ଟି ସରକାରୀ ପଦବୀ ପୂରଣ ହେବା, ସରକାରୀ ଚାକିରି ବୟସ ସୀମା ୪୨ କୁ ବୃଦ୍ଧି ପାଇବା, ଓଡିଆ ଅସ୍ମିତା ପାଇଁ ୨୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯିବା, ସର୍ବୋପରି ୨୦୩୬ ମସିହାରେ ଓଡିଶାର ଜନ୍ମ ଶତବାର୍ଷିକ ଉତ୍ସବ ପାଇଁ ୩୬ଟି କାର୍ଯ୍ୟକ୍ରମ ହାତକୁ ନେବା ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ତଥାପି ଯେକୌଣସି ଗଣତନ୍ତ୍ର ରାଷ୍ଟ୍ରରେ ଏକ କ୍ରିୟାଶୀଳ ବା ସକ୍ରିୟ ଶାସନ ବ୍ୟବସ୍ଥା ରାଜ୍ୟ ବା ଦେଶକୁ ଉତ୍ତମ ଓ ସ୍ୱଚ୍ଛ ଶାସନ ଦେଇଥାଏ। ବର୍ଷକ ଭିତରେ ଯାହା ଉପଲବ୍ଧି ମନେହୁଏ ରାଜ୍ୟ ପ୍ରଶାସନିକ କଳରେ ଅଧିକ କ୍ରିୟାଶୀଳତାର ଆବଶ୍ୟକତା ରହିଛି। ବର୍ଷକର କାର୍ଯ୍ୟକାଳ ମଧ୍ୟରେ ସରକାର ଲୋକଙ୍କ ସରକାର ଆଉ ମୁଖ୍ୟମନ୍ତ୍ରୀ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ନିଜକୁ ଲୋକଙ୍କ ସମ୍ମୁଖରେ ସଫଳତାର ସହ ଉପସ୍ଥାପନ କରିପାରିଛନ୍ତି। ତାଙ୍କ ପଦାଙ୍କ ଅନୁସରଣ କରି କେତେକ ବିଭାଗ ଅର୍ଥାତ୍ ପୂର୍ତ୍ତ, ଅବକାରୀ, ଆଇନ୍, ରାଜସ୍ୱ, ସ୍ୱାସ୍ଥ୍ୟ, କୃଷି ଓ ଶକ୍ତି ବିଭାଗ ମନ୍ତ୍ରୀମାନେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଏ ସରକାରଙ୍କର ସ୍ୱତନ୍ତ୍ରତା ଏହି ଯେ, କେବଳ ଶକ୍ତି ଓ କୃଷି ବିଭାଗ ମନ୍ତ୍ରୀଙ୍କୁ ବାଦ ଦେଲେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ଅନ୍ୟମନ୍ତ୍ରୀମାନେ ମନ୍ତ୍ରିମଣ୍ଡଳରେ ନବାଗତ। ଏକଥା ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ସାମ୍ବାଦିକ ସମ୍ମିଳନୀରେ ଉଲ୍ଲେଖ କରିଛନ୍ତି ।

ତେବେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରି ସରକାରୀ କଳକୁ ପରିଚାଳନା କରିବାର ଯେଉଁ ଅଭିଜ୍ଞତା ଓ ଅନୁଭବ ଲୋଡା ସେ ଦୃଷ୍ଟିରୁ ମାତ୍ର ଗୋଟିଏ ବର୍ଷର ଅବଧି ସେମାନଙ୍କ ପାଇଁ ଯଥେଷ୍ଟ ନୁହେଁ। ଏହା ସତ୍ତ୍ୱେ ରାଜ୍ୟ ସରକାରଙ୍କ କାର୍ଯ୍ୟ ଉଲ୍ଲେଖନୀୟ । ମୋର ବର୍ଷକର ଉପଲବ୍ଧି ଯାହା ମନେ ହୁଏ, ଶାସନ କଳ ସହ ତାଳ ଦେଇ ପ୍ରଶାସନିକ କଳ ଦୌଡିବା ପାଇଁ ଯେଉଁ ସକ୍ରିୟତା ଲୋଡା ତାହା କିଞ୍ଚିତ୍ ଶିଥିଳ ବୋଲି ମନେ ହୁଏ। ମୁଖ୍ୟମନ୍ତ୍ରୀ ସବୁ କ୍ଷେତ୍ରରେ ଯେଉଁଭଳି ସକ୍ରିୟତା ପ୍ରକାଶ କରୁଛନ୍ତି ତାହା ଯଦି ତୁରନ୍ତ ଓ ନିଷ୍ଠାର ସହିତ କାର୍ଯ୍ୟକାରୀ ହୁଅନ୍ତା, ତାହା ହେଲେ ତାହାର ଫଳାଫଳ ନିଶ୍ଚିତ ଭଲ ହେବ। ଶାସନ ଓ ପ୍ରଶାସନିକ ବ୍ୟବସ୍ଥା ଏକତ୍ର ହୋଇ ଚାଲିଲେ ନିଶ୍ଚିତ ଭାବେ ରାଜ୍ୟର ବିକାଶ ତ୍ୱରାନ୍ୱିତ ହେବ ଓ ମୁଖ୍ୟମନ୍ତ୍ରୀ ଯେଉଁ ବିକଶିତ ଓଡିଶା @36 ର ସ୍ୱପ୍ନ ଦେଖିଛନ୍ତି ତାହା ନିଶ୍ଚିତ ସଫଳ ହେବ, ଏଥିରେ ସନ୍ଦେହ ନାହିଁ।

**ସମ୍ପାଦକ, ସମୟ**
**ମୋ: ୯୩୪୮୫୫୮୮୪୦**

# ଖାଇବା ପରେ କିଛି କାର୍ଯ୍ୟ ଅନୁଚିତ

ଡାକ୍ତର ରାମ ପ୍ରସାଦ ରାୟ

ଆମ ଓଡ଼ିଆରେ ଏକ ବହୁଳ ଶୁଣାଯାଉଥିବା କଥାଟି ଅଛି ଯାହାକୁ କେହି କେହି ଲୋକପ୍ରିୟ 'ଖନା ବଚନ'ର କଥା ବୋଲି କହିଥାନ୍ତି ତାହା ହେଉଛି – 'ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଚାଲିଲେ ବଢ଼ଇ ବାୟୁ । ଖାଇ ବସିଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ।' ବାସ୍ତବିକ ଓଡ଼ିଆ ଲୋକକଥାଟିର କାର୍ଯ୍ୟକାରିତା ଯାହାହେଉନା କାହିଁକି କିନ୍ତୁ ଶରୀର ତତ୍ତ୍ୱ ଓ ଡାକ୍ତରୀ ଚିକିତ୍ସା ବ୍ୟବସ୍ଥାରେ ଖାଇବା ପରେ ସର୍ବନିମ୍ନ ସ୍ୱାସ୍ଥ୍ୟ ସତର୍କତା କ'ଣ ରହିଛି ଆସନ୍ତୁ ସେ ନେଇ ଏକ ଛୋଟିଆ ଆଲୋଚନାଟି ରଖିବା ।

ଖାଇବାର ତୁରନ୍ତ ପରେ ଚାଲନ୍ତୁ ନାହିଁ। ଏହାଦ୍ୱାରା ରକ୍ତ ସଞ୍ଚାଳନ ଭଲ ଭାବରେ ହୋଇପାରେ ନାହିଁ । ଏହାସହ ଖାଇବା ପରେ ଚାଲିବା ଦ୍ୱାରା ଭଲ ଭାବରେ ହଜମ ହୋଇପାରେ ନାହିଁ । ଗ୍ୟାସ୍‌ଟିକ୍ ପରି ସମସ୍ୟା ମଧ୍ୟ ଦେଖାଦେଇପାରେ । ଏଥିପାଇଁ ଖାଇବାର ତୁରନ୍ତ ପରେ ନ ଚାଲି କିଛି ସମୟ ବିଶ୍ରାମ ନେଇଯିବା ଭଲ । ଖାଇବାର ଅଧଘଣ୍ଟା ପରେ ଚାଲିପାରିବେ ।

ଖାଇବା ପରେ ଚା'ପିଇବା ଅନୁଚିତ। ଚା'ପତ୍ରରେ ଏସିଡିକ ଉପାଦାନ ରହିଛି। ଏଣୁ ଖାଇବା ପରେ ଚା'ପିଇବା ଦ୍ୱାରା ଖାଦ୍ୟରେ ଥିବା ପ୍ରୋଟିନ୍ ଭଲ ଭାବରେ ହଜମ ହୋଇପାରେ ନାହିଁ । ଏହାଦ୍ୱାରା ମଧ୍ୟ ବଦହଜମୀ ପରି ସମସ୍ୟା ସୃଷ୍ଟି ହୋଇପାରେ । ଏଣୁ ଖାଇବା ପରେ ଚା'ପିଅନ୍ତୁ ନାହିଁ । ଅତି କମ୍‌ରେ ଖାଇବାର ଦୁଇ ଘଣ୍ଟା ପରେ ଚା'ପିଇଲେ ଭଲ ।

କେତେକ ଭାବନ୍ତି ଖାଇବା ପରେ ବ୍ରଶ କରିଦେଲେ ଦାନ୍ତ ସୁସ୍ଥ ରହିବ । ହେଲେ ଖାଇବାର ତୁରନ୍ତ ପରେ ବ୍ରଶ କରିବା ଦ୍ୱାରା ଦାନ୍ତରୁ



ଏନାମେଲ ବାହାରି ଯାଏ । ଏହାଦ୍ୱାରା ଦାନ୍ତ କ୍ଷୟ ହୋଇଥାଏ । ଏପରିକି ଅଧିକ ମିଠା କିମ୍ବା ଖଟା ଖାଇ ଦାନ୍ତ ବ୍ରଶ କରିବା ଦ୍ୱାରା ଦାନ୍ତରୁ ଏନାମେଲ ବାହାରିଯାଇ ଦାନ୍ତ ଦୁର୍ବଳ ହୋଇଯାଏ । ଏଣୁ ଖାଇବାର ଅଧାଘଣ୍ଟା ପରେ ବ୍ରଶ କରନ୍ତୁ । ଏହାଦ୍ୱାରା ଦାନ୍ତ ସୁସ୍ଥ ରହିବ ।

ଖାଇବାର ତୁରନ୍ତ ପରେ ଫଳ ଖାଇବା ଦ୍ୱାରା ଠିକ୍ ଭାବରେ ଏହା ହଜମ ହୋଇପାରେ ନାହିଁ । ଏହାଦ୍ୱାରା ସମ୍ପୂର୍ଣ୍ଣ ମାତ୍ରାରେ ନ୍ୟୁଟ୍ରିସନ ଶରୀରକୁ ମିଳିପାରେ ନାହିଁ । ଏହାଦ୍ୱାରା ମଧ୍ୟ ଏସିଡିଟି ଓ ବଦହଜମି ହୋଇପାରେ । ଖାଇବା ପରେ ଫଳ ଖାଇବା ଦ୍ୱାରା ଶରୀରକୁ ଅତ୍ୟଧିକ ଭିଟାମିନ୍ ମିଳୁଥିବାରୁ ମୋଟାପା ମଧ୍ୟ ବଢ଼ିଥାଏ । ଏଣୁ ଖାଇବାର ଏକ ଘଣ୍ଟା ପରେ ଫଳ ଖାଇପାରିବେ ।

ଖାଇବା ପରେ ଧୂମପାନ କରିବା ଦ୍ୱାରା ଶରୀର ଉପରେ ୧୦ଗୁଣ ଖରାପ ପ୍ରଭାବ ପଡ଼େ । ଏହାଦ୍ୱାରା କ୍ୟାନସରର ଆଶଙ୍କା ବଢ଼ିଯାଏ । ଏହା ସହିତ ହୃଦ୍‌ରୋଗ ଓ ଶ୍ୱାସକ୍ରିୟାରେ ସମସ୍ୟା ମଧ୍ୟ ଦେଖାଯାଏ । ଏଣୁ ଖାଇବା ପରେ ଧୂମପାନ କରନ୍ତୁ ନାହିଁ। ଯଦି ଆପଣ ଧୂମପାନ ନକରି ରହିପାରୁ ନାହାଁନ୍ତି, ତେବେ ଖାଇବାର ଦୁଇ ଘଣ୍ଟା ପରେ ଧୂମପାନ କରିପାରିବେ । ହେଲେ ଧୂମପାନ ଶରୀର ପାଇଁ କ୍ଷତିକାରକ । ଏଣୁ ଆଦୌ ଧୂମପାନ କରନ୍ତୁ ନାହିଁ ।

ଖାଇବା ପରେ ପରେ ଗାଧାନ୍ତୁ ନାହିଁ । କାରଣ ଗାଧୋଇବା ଦ୍ୱାରା ଆମ ଶରୀର ଥଣ୍ଡା ହୋଇଯାଏ । ଏହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡ଼େ । ଏହାଯୋଗୁଁ ରକ୍ତ ସଞ୍ଚାଳନର ବେଗ କମିଯାଏ । ଏହାଦ୍ୱାର ହଜମ ଶକ୍ତି ମଧ୍ୟ କମ୍ ହୋଇଯାଏ । ଖାଦ୍ୟ ଠିକ୍ ଭାବରେ ହଜମ ନ ହେବା ଯୋଗୁଁ ଏସିଡିଟି ହୋଇଯାଏ । ଏଣୁ ଖାଇବା ପରେ ନ ଗାଧେଇ ଖାଇବାର ଅଧାଘଣ୍ଟା ପରେ ଗାଧୋଇପାରିବେ ।

ଖାଇବାର ତୁରନ୍ତ ପରେ ପେଟକୁ ଆରାମ ଦେବା ପାଇଁ ବେଲ୍ଟ ଖୋଲନ୍ତୁ ନାହିଁ। ଏହାଦ୍ୱାରା ହଜମକ୍ରିୟା ଉପରେ ଖରାପ ପ୍ରଭାବ ପଡ଼େ । ହଜମ ଭଲ ନହେବା ହେତୁ ଗ୍ୟାସ ସମସ୍ୟା ଦେଖାଯାଏ । ଏଣୁ ଖାଇବା ପରେ ତୁରନ୍ତ ବେଲ୍ଟ ଖୋଲନ୍ତୁ ନାହିଁ । ଖାଇବାର ଅଧଘଣ୍ଟା ପରେ ବେଲ୍ଟ ଖୋଲି ପାରିବେ । ନଚେତ୍ ଖାଇବା ପୂର୍ବରୁ ବେଲ୍ଟ ଖୋଲିଦେବା ଦରକାର । ଖାଇବାର ତୁରନ୍ତ ପରେ ଶୁଅନ୍ତୁ ନାହିଁ। ଏହା ମଧ୍ୟ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ଖାଇସାରି ଶୋଇବା ଦ୍ୱାରା ହଜମ ପ୍ରକ୍ରିୟା ଧିମେଇ ଯାଏ । ଖାଦ୍ୟ ଠିକ୍ ଭାବରେ ହଜମ ନହେବା ଦ୍ୱାରା ଛାତି ପୋଡ଼ିଥାଏ । ଏହାସହ ଗ୍ୟାସଟିକ୍ ସମସ୍ୟା ମଧ୍ୟ ଦେଖାଯାଏ । ଏଣୁ ଖାଇବାର ଅତିକମ୍‌ରେ ଏକ ଘଣ୍ଟା କିମ୍ବା ଦୁଇ ଘଣ୍ଟା ପରେ ଶୁଅନ୍ତୁ।

**କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ,**
**ମୋ-୮୨୬୦୪୦୮୮୩୬**

# ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି

କିଶୋର କୁମାର ଜେନା

ଏହି ସମଗ୍ର ସୃଷ୍ଟିର ତତ୍ତ୍ୱାବଧାରକ ଏବଂ ନିର୍ଦ୍ଦେଶକ ହେଉଛନ୍ତି ପରମାତ୍ମା। ସୃଷ୍ଟିର ଜନ୍ମ-ମୃତ୍ୟୁ ଏବଂ ପ୍ରଳୟର ସେ ଏକମାତ୍ର ଦ୍ରଷ୍ଟା । ଯଦିଓ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ସେ ହେଉଛନ୍ତି ସ୍ରଷ୍ଟା ସେ କିନ୍ତୁ ନିର୍ଲିପ୍ତ। ସେ କୌଣସିଥିରେ ସମ୍ପୃକ୍ତ ନୁହନ୍ତି । ସେ ହେଉଛନ୍ତି ସ୍ୱସମ୍ବେଦ୍ୟ ଅର୍ଥାତ୍ ସଂବେଦନ ଠାରୁ ବହୁ ଉର୍ଦ୍ଧ୍ୱରେ। ସୃଷ୍ଟିର ଆରମ୍ଭ ପୂର୍ବରୁ ପରମାତ୍ମା ଥିଲେ ଏବଂ ସୃଷ୍ଟିର ବିନାଶ ପରେ ମଧ୍ୟ ସେ ରହିଥିବେ । ପରମାତ୍ମାଙ୍କ ଠାରୁ ସୃଷ୍ଟିର ଆରମ୍ଭ ଏବଂ ତାଙ୍କରି ଠାରେ ଏହାର ବିଲୟ । ପରମାତ୍ମା କିନ୍ତୁ ସେହିପରି ନିଶ୍ଚଳ ଥିବେ ।

ସଂକ୍ଷେପରେ କୁହାଯାଇପାରେ ଯେ ଏହି ପ୍ରକାଣ୍ଡ ବିଶ୍ୱକୁ ଏକ ମହାଶକ୍ତି ପରିଚାଳିତ କରୁଛି ଏବଂ ସେହି ମହାଶକ୍ତି ହେଉଛନ୍ତି ପରମାତ୍ମା। ଯାହା ସବୁ ଆମର ଦୃଶ୍ୟ ହେଉଛି ତାହାଠାରୁ ତାଙ୍କର ସ୍ଥିତି ହେଉଛି ଭିନ୍ନ । ସୃଷ୍ଟିରେ ଯାହା କିଛି ଅଛି ସେ ସବୁର ସେ ହେଉଛନ୍ତି ଅଭିନ୍ନ ଅଙ୍ଗ । ତେବେ ଏ ସବୁକୁ ସୃଷ୍ଟି କରିବା ପରେ ପରମାତ୍ମାଙ୍କ ସ୍ଥିତି ହେଉଛି ସ୍ୱତନ୍ତ୍ର ଏବଂ ସ୍ୱାଧୀନ । ପରମାତ୍ମାଙ୍କର ଏହି ସର୍ବବ୍ୟାପୀ ଗୁଣ ଯୋଗୁ ତାଙ୍କୁ ଅନେକ ଅଜର, ଅମର ଏବଂ ଅନାଦି କହିଥାନ୍ତି । କେବଳ ସେତିକି ନୁହେଁ ତାଙ୍କୁ ମଧ୍ୟ ଅନନ୍ତ, ଅବିଚ୍ଛିନ୍ନ, ଅନିର୍ବାଚନୀୟ ଏବଂ ସଦ୍‌ଚିତ ଆନନ୍ଦ କୁହାଯାଏ । ପରମାତ୍ମାଙ୍କର ସର୍ବବ୍ୟାପୀ ଗୁଣକୁ ବର୍ଣ୍ଣନା କରିବାକୁ ଯାଇ କୁହାଯାଏ ଯେ ସେ ହେଉଛନ୍ତି ସୂକ୍ଷ୍ମାତିସୂକ୍ଷ୍ମ ଏବଂ ବିଶାଳତା ଠାରୁ ମଧ୍ୟ ବିଶାଳ । ତେବେ ପରମାତ୍ମାଙ୍କ ଗୁଣକୁ ବର୍ଣ୍ଣନା କରିବାକୁ ଶବ୍ଦ ଯଥେଷ୍ଟ ନୁହେଁ ।

ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଆମ୍ଭମାନଙ୍କୁ ମାର୍ଗ ଦର୍ଶନ କରି କହିଛନ୍ତି 'ବିଶ୍ୱର ସମସ୍ତ ଜଡ଼ ଏବଂ ଜୀବ ପରମାତ୍ମାଙ୍କ ଠାରୁ ସୃଷ୍ଟ । ପଞ୍ଚମହାଭୂତ ଯଥା ମାଟି, ପାଣି, ପବନ, ନିଆଁ ଏବଂ ବ୍ୟୋମର ସେ ହେଉଛନ୍ତି ନିୟନ୍ତ୍ରକ । ସ୍ଥାନ ଏବଂ ସମୟ ଠାରୁ ସେ ସ୍ୱାଧୀନ । ସେ ହେଉଛନ୍ତି ପରମାନନ୍ଦ । ତାଙ୍କୁ କେବଳ ସର୍ବଶକ୍ତିମାନ ଭାବେ ସମ୍ମାନ ପ୍ରଦର୍ଶନ କରାଯାଏ ନାହିଁ, ସେ ହେଉଛନ୍ତି ସବୁ ଶକ୍ତିର ସମନ୍ୱୟ ରକ୍ଷାକାରୀ । ପରମାତ୍ମାଙ୍କର ଜନ୍ମ ବା ମୃତ୍ୟୁ ନାହିଁ । ତାଙ୍କର ବୃଦ୍ଧି ନାହିଁ କିମ୍ବା କ୍ଷୟ ନାହିଁ । ପରମାତ୍ମା ସବୁବେଳେ ସତ ଚିତ ଆନନ୍ଦ ଅବସ୍ଥାରେ ବାସ କରୁଥାନ୍ତି ।'

ଈଶ୍ୱର ଏବଂ ସନ୍ଥ ହେଉଛନ୍ତି ଅଭିନ୍ନ । ଭୂଲୋକରେ ସନ୍ଥମାନେ ପରମାତ୍ମାଙ୍କ ପ୍ରତୀକ ଭାବେ କାର୍ଯ୍ୟ କରନ୍ତି । ପରମାତ୍ମା ମଣିଷ ଶରୀର ନେଇ ଜନ୍ମ ହେବା ଦ୍ୱାରା ଏହି ମର ଦୁନିଆରେ ଯାହା ସବୁ ଭୋଗିବାକୁ ପଡ଼େ, ତାହା ମାନବ ହୋଇ ଜନ୍ମ ନେଇଥିବା ପରମାତ୍ମାଙ୍କ କ୍ଷେତ୍ରରେ ମଧ୍ୟ ହୋଇଥାଏ । ଏହି ଲୌକିକ ଦୁନିଆରେ କାର୍ଯ୍ୟ କରୁଥିଲେ ମଧ୍ୟ ସେ ଅଲୌକିକ ହୋଇରହନ୍ତି । ଭଗବାନ କହିଛନ୍ତି ଧର୍ମର ପତନ ହେବା ମାତ୍ରେ ସେ ମାନବ ଶରୀର ନେଇ ଧରାରେ ଜନ୍ମ ଗ୍ରହଣ କରି ଦୁଷ୍ଟଙ୍କ ନିବାରଣ କରନ୍ତି ଏବଂ ସନ୍ଥଙ୍କ ରକ୍ଷା କରନ୍ତି ।

ପରମାର୍ଥ ଲାଭ ମାର୍ଗରେ ବହୁ ପ୍ରତିବନ୍ଧକମାନ ରହିଛି । ସେଗୁଡ଼ିକ ହେଲା ଅହଂକାର, ଅବିଦ୍ୟା, ଲୋଭ, ମୋହ ଏବଂ କାମ । ଭଗବାନ ଶ୍ରୀସତ୍ୟସାଇ ବାବା ଏହିସବୁ ଗୁଣଠାରୁ ଦୂରେଇ ରହିବା ପାଇଁ ଆଶ୍ରିତମାନଙ୍କୁ ସବୁବେଳେ ପରାମର୍ଶ ଦେଇଛନ୍ତି । ଆତ୍ମସ୍ୱରୂପ ଏବଂ ଆତ୍ମବିବେକରେ ରହିବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି । ମନ ଉପରେ ଜୟଲାଭ ନିମନ୍ତେ ସେ ତାଙ୍କର ଭକ୍ତମାନଙ୍କୁ ସାହାଯ୍ୟ କରିଥାଆନ୍ତି । ବିବେକ ଏବଂ ବୈରାଗ୍ୟର ମାର୍ଗରେ ଭକ୍ତଙ୍କୁ ନେଇ ଭବସାଗର ପାର କରାଇବାରେ ଶ୍ରୀସତ୍ୟସାଇ ସାହାଯ୍ୟ କରନ୍ତି । ଏଥିନିମନ୍ତେ ଭକ୍ତ ସଦ୍‌ଗୁରୁଙ୍କ ପାଦତଳେ ନିଜର ଶରୀର, ଧନ ଏବଂ ଆତ୍ମାକୁ ସମର୍ପଣ କରିବା ଉଚିତ ।

ସଦ୍‌ଗୁରୁ ଏତିକି ମାତ୍ର ଚାହାଁନ୍ତି । ସଦ୍‌ଗୁରୁଙ୍କ ଜୀବନର ଲକ୍ଷ୍ୟ ହେଉଛି ତାଙ୍କ ନିକଟରେ ଯିଏ ନିଜକୁ ସମର୍ପଣ କରିଦେଇଛି ଏବଂ ତାଙ୍କର ନାମ ଜପ କରୁଛି ତାକୁ ମୋକ୍ଷ ପ୍ରଦାନ କରିବା । ଏହି ଆଲେଖ୍ୟ ପ୍ରସ୍ତୁତି ବେଳେ ମନେପଡୁଛି କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସେହି କାଳଜୟୀ ଧାଡ଼ିଟି – 'ବିପଦକୁ କରନାହିଁ ଖାତର, ବିପଦରେ ହେବୁ ନାହିଁ କାତର, ଦମ୍ଭ ଧରିଥିବୁ ରହି, ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି ।'

**ଆଇନଜୀବୀ, ବଙ୍ଗାଳିସାହି, କଟକ,**
**ମୋ- ୭୩୨୫୯୦୪୯୨୭**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଜିଲ୍ଲାକୁ...

ଏବେ ଏହା ଏଣ୍ଡେମିକ ଷ୍ଟେଜରେ ହିଁ ରହିଛି । ସେପଟେ ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ ଯାଜପୁରର ବିଭିନ୍ନ ମେଡିକାଲ୍ ପରିଦର୍ଶନ କରିବା ସହ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ କରିଛନ୍ତି । ସମୀକ୍ଷାରେ ମୁଖ୍ୟତଃ ହସ୍ପିଟାଲମାନଙ୍କରେ ଡାଇରିଆ ରୋଗୀଙ୍କର ଆଡ୍‌ମିଶନ, ଆଶୁ ଚିକିତ୍ସା ଏବଂ ଆରୋଗ୍ୟ ବିଷୟରେ ଆଲୋଚନା ହୋଇଥିଲା । ପ୍ରତିଟି ଡାଇରିଆ କେସର କେସ ମ୍ୟାପିଂ କରିବା ପାଇଁ ଶାସନ ସଚିବ ଶ୍ରୀମତୀ ଏସ୍ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମ ସ୍ତରରେ ଗୃହକୁ ଗୃହ ସଚେତନତା ଏବଂ ଡାଇରିଆ ଚିହ୍ନଟ କାର୍ଯ୍ୟ ଜାରି ରଖିବା ସହ ବିଶୋଧନ ଓ ପରିମଳ କାର୍ଯ୍ୟ ପୁନଃପୌନିକ ଭାବେ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଯାଜପୁର ଓ ଭଦ୍ରକ ସମେତ ବିଭିନ୍ନ ଜିଲ୍ଲାରେ ଜଳଖିଆ ଦୋକାନ, ଚାଟ୍ ଓ ଦହିବରା ସହ ରାସ୍ତାକଡ଼ ଫାଷ୍ଟଫୁଡ୍ ଷ୍ଟଲ୍ ଏପରିକି ହୋଟେଲ ଓ ରେଷ୍ଟୁରାଣ୍ଟ ଆଦି ରେଡ୍ କରୁଛି ପ୍ରଶାସନ । ବାସି ଖାଦ୍ୟ ମିଳିଲେ ଦୋକାନୀଠୁ ଫାଇନ୍ ଆଦାୟ ହେଉଛି ଏବଂ ପାନୀୟ ଜଳ ଫ୍ୟାକ୍ଟ୍ରିକୁ ସିଲ୍ କରାଯାଇଛି । ଲୋକଙ୍କୁ ବାହାରେ ଖିଆପିଆ ନକରିବାକୁ ଏବଂ ଗାଁରେ ଭୋଜିଭାତ ନକରିବାକୁ ସଚେତନ କରାଯାଉଛି । ବରୀ ଓ ବିଂଝାରପୁର ତହସିଲ ପକ୍ଷରୁ ସମସ୍ତ ହୋଟେଲ, ଢ଼ାବା, ମିଠା ଦୋକାନ, ଜଳଖିଆ, ଫାଷ୍ଟ ଫୁଡ୍, ଗୁପୁଚୁପ୍, ଚାଟ୍, ଆଇସକ୍ରିମ ଓ ପାଣି ଫ୍ୟାକ୍ଟ୍ରି, ମାଛ-ମାଂସ ଦୋକାନ ଆଦି ୨ ସପ୍ତାହ ପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭଦ୍ରକ ଜିଲ୍ଲାରେ ଭଣ୍ଡାରୀପୋଖରୀ ପରେ ଧାମନଗର ଅଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତ ସଂଖ୍ୟା ବଢ଼ିଛି । ଏପଟେ କଟକ ଜିଲ୍ଲାର ବାଙ୍କୀ ପରେ ନରସିଂହପୁର ଓ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳରେ ବି ହଇଜା ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୨୦କୁ ବଢ଼ିବା ସହ ଏକାଧିକ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରଶାସନିକ ଅଧିକାରୀ ବିଭିନ୍ନ ଗାଁ ପରିଦର୍ଶନ କରିବା ସହ ଜଳ ଉତ୍ସ ଗୁଡ଼ିକର ସ୍ଥିତି ଯାଞ୍ଚ କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଅଞ୍ଚଳରେ ବି ହଇଜା ଜଣେ ବୃଦ୍ଧାଙ୍କ ଜୀବନ ନେଇଥିବା ବେଳେ ଏକାଧିକ ଆକ୍ରାନ୍ତ ଅଛନ୍ତି ।

ଢେଙ୍କାନାଳ ଜିଲ୍ଲା ଭୁବନରେ ୭୪ ରୋଗୀ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ସୋମବାର ସେଠାରେ ସ୍ଥିତି ଅନୁଧ୍ୟାନ କରିବା ସହ ଡାଇରିଆ ନିରାକରଣ ଅଭିଯାନ ରଥ ଉଦଘାଟନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ଆଜିଠୁ ରାଜ୍ୟରେ ଆରମ୍ଭ ହୋଇଛି ଡାଇରିଆ ନିରାକରଣ ଅଭିଯାନ । ଜୁଲାଇ ୩୧ ଯାଏଁ ଚାଲିବ ଏହି ସ୍ୱତନ୍ତ୍ର କ୍ୟାମ୍ପେନ୍ । ସେପଟେ ନଗର ଉନ୍ନୟନ ବିଭାଗ ମଧ୍ୟ ଆଲର୍ଟ ମୋଡ୍‌କୁ ଆସିଥିବା ବେଳେ, ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଟ୍ୱିନସିଟି ସହ ସବୁ ପୌରାଞ୍ଚଳକୁ ପାନୀୟ ଜଳ ସ୍ୱଚ୍ଛତା ଓ ସଫେଇ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଡ୍ରେନ ଥିବା ସ୍ଥାନରେ ପିଇବା ପାଣି ପାଇପ ନରଖିବାକୁ ପଦକ୍ଷେପ ନିଆଯାଉଛି ।

## ଯୁବଶକ୍ତିର...

କଲ୍ୟାଣ ବିଭାଗର ୧୮ଟି ପଦବୀରେ ନିଯୁକ୍ତି ଦିଆଯାଇଛି । ଏହି ସବୁ ପଦବୀ ଗୁଡିକ ମଧ୍ୟରେ କନିଷ୍ଠ ଯନ୍ତ୍ରୀ, କନିଷ୍ଠ ପ୍ରବର୍ତ୍ତନ ଅଧିକାରୀ, ଟ୍ରେସର, ବୈଧ ମାପ ବିଜ୍ଞାନ ନିରୀକ୍ଷକ, ଜୁନିଅର ଆକାଉଣ୍ଟାଣ୍ଟ ପଦବୀ ରହିଛି ।

ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ରଜ ଶୁଭେଚ୍ଛା ଜଣାଇ ଉଦବୋଧନ ଦେଇ କହିଥିଲେ ଯେ, ସରକାରୀ ଚାକିରୀ ସର୍ବଦା ଜନସେବା ପାଇଁ ଉତ୍ସର୍ଗୀକୃତ । ତେଣୁ, ନିଜକୁ ଜନସାଧାରଣଙ୍କ ସେବକ ଭାବି ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷା ପୂରଣ କରିବା ଏବଂ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ପ୍ରତିଶ୍ରୁତିବଦ୍ଧ ହୋଇ ଆପଣ ମାନେ କାମ କରିବେ ବୋଲି ମୋର ଆଶା ଓ ବିଶ୍ୱାସ । ସରକାରୀ ସ୍ତରରେ ଆପଣଙ୍କ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକ ନିଷ୍ପତ୍ତି ଓ କାର୍ଯ୍ୟ ଜନ ମଙ୍ଗଳ ଉପରେ ଯେପରି ଆଧାରିତ ହେବ ସେଥିପ୍ରତି ଆପଣ ମାନେ ଯତ୍ନବାନ ହେବେ ।

ସେ ପୁଣି କହିଥିଲେ, ବିଗତ କିଛି ବର୍ଷ ଧରି ସରକାରୀ କ୍ଷେତ୍ରରେ ନିଯୁକ୍ତି ପ୍ରକ୍ରିୟା ମନ୍ଥର ଗତିରେ ଚାଲିଥିଲା । ଆମ ସରକାର ଆସିବା ପରେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଯୁବ ଶକ୍ତିଙ୍କ ନିଯୋଜନକୁ ଗୁରୁତ୍ୱଦେଇ ଅପାର ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛୁ । ଆମ ସରକାର ୫ ବର୍ଷରେ ଦେଢ଼ ଲକ୍ଷ ସରକାରୀ ପଦବୀ ପୂରଣ କରିବା ପାଇଁ ନିଷ୍ପତ୍ତି ନେଇଛି । ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ । ଆଜି ସୁଦ୍ଧା ୨୮,୩୪୬ ସରକାରୀ ନିଯୁକ୍ତି ଦିଆଗଲାଣି । ଏହା ଆମ ପାଇଁ ଏକ ଐତିହାସିକ ଉପଲବ୍ଧି । ୨୦୨୬ ଜୁନ ସୁଦ୍ଧା ଆମେ ଆମର ଧାର୍ଯ୍ୟ ଲକ୍ଷ୍ୟ ୬୫ ହଜାର ଅତିକ୍ରମ କରିଯାଇଥିବୁ । କେବଳ ସରକାରୀ ସ୍ତରରେ ନୁହେଁ, ବେସରକାରୀ ସ୍ତରରେ ପ୍ରଥମ ବର୍ଷରେ ଆମେ ୪୫ ହଜାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେଇଛୁ । ଗୋଟଏ ବର୍ଷ ମଧ୍ୟରେ ଆମେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୭୩,୩୪୬ ଜଣଙ୍କୁ ନିଯୁକ୍ତି ଦେଇଛୁ ।

ସେ ଆହୁରି କହିଥିଲେ, ଯୁବ ଶକ୍ତିକୁ ନିଯୁକ୍ତି ଦେବା ଓ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଅଭିଯାନ ଆମ ସରକାରଙ୍କ ଦ୍ୱାରା କ୍ରମାଗତ ଭାବେ ଆଗେଇ ଚାଲିଛି । ଯୁବ ଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ବୟସ ସୀମାକୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି । ଶିଳ୍ପାୟନ ମାଧ୍ୟମରେ ମଧ୍ୟ ଆମେ ଯୁବ ଶକ୍ତିଙ୍କ ପାଇଁ ଆଣିଛୁ ବିପୁଳ ନିଯୁକ୍ତି ସୁଯୋଗ । ଉତ୍କର୍ଷ ଓଡିଶା ୨୦୨୫ ରାଜ୍ୟରେ ୧୬ଟି କ୍ଷେତ୍ରରେ ୧୭ ଲକ୍ଷର ପୁଞ୍ଜିନିବେଶ ସହ ୧୨.୯୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ଉତ୍କର୍ଷ ଓଡିଶା ଆୟୋଜନର ୫ ମାସ ମଧ୍ୟରେ ୫୬ଟି ଶିଳ୍ପାନୁଷ୍ଠାନର ଉଦଘାଟନ ଓ ଭିତ୍ତିପ୍ରସ୍ତର ଦିଆଯାଇଛି । ଏହା ମାଧ୍ୟମରେ ୧.୧୦ ଲକ୍ଷ ନିଯୁକ୍ତି ନିଶ୍ଚିତ ହୋଇଛି ।

ସେ ପୁଣି କହିଥିଲେ, ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ, ପାରଦର୍ଶୀ ଓ ଦୁର୍ନୀତିମୁକ୍ତ କରିବା ପାଇଁ କଡା ଆଇନ ପ୍ରଣୟନ କରାଯାଇଛି । ଶେଷରେ ମୁଖ୍ୟମନ୍ତ୍ରୀ ନବ ନିଯୁକ୍ତଙ୍କୁ ସମାଜ ଓ ରାଜ୍ୟର ବିକାଶ ପାଇଁ ସମସ୍ତେ ଦୁର୍ନୀତିରୁ ଉର୍ଦ୍ଧ୍ୱରେ ରହି ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ କାର୍ଯ୍ୟର ସଫଳ ରୂପାୟନ ପାଇଁ ଦୃଢ ପ୍ରତିବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ବିଭିନ୍ନ ବିଭାଗର ନବ ନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଆମ ସମୃଦ୍ଧ ଓଡିଶା ଗଠନରେ ଆପଣ ମାନଙ୍କଭଳି ଯୁବ ପ୍ରତିଭାଙ୍କ ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି କହିଥିଲେ ଯେ ଭଗବାନଙ୍କ କରୁଣାରୁ ଆପଣମାନେ ନିଯୁକ୍ତି ପାଇଛନ୍ତି । ଭଗବାନଙ୍କ ସେହି କରୁଣାକୁ ଜନସେବାରେ ଉପଯୋଗ କରିବା ପାଇଁ ସେ ଉପଦେଶ ଦେଇଥିଲେ । ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଲେ ଯେ ଓଡିଶା ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଆଗକୁ ବଢୁଛି, ଆପଣ ମାନଙ୍କ ଜ୍ଞାନ ଓ ବୁଦ୍ଧିର ପ୍ରୟୋଗରେ ଓଡିଶା ଶୀର୍ଷକୁ ଯିବ, ସେଥିପାଇଁ ଆପଣ ମାନେ ସଂକଳ୍ପବଦ୍ଧ ହୋଇ କାମ କରିବେ ବୋଲି ମୋର ବିଶ୍ୱାସ ।

ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନବ ନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ ଆମ ସରକାର ଖାଲି ଥିବା ସରକାରୀ ପଦବୀଗୁଡିକୁ ପୂରଣ କରିବା ଲକ୍ଷ୍ୟନେଇ କାମ ଆରମ୍ଭ କରିଥିଲେ । ଏହି ବର୍ଷକ ମଧ୍ୟରେ ଆମେ ଯେତିକି ସରକାରୀ ପଦବୀ ପୂରଣ କରିଛୁ ସ୍ୱାଧୀନତା ପରେ ଓଡିଶା ଇତିହାସରେ ଏହା କେବେ ହୋଇ ନଥିଲା । ନବ ନିଯୁକ୍ତଙ୍କୁ ଆହ୍ୱାନ ଦେଇ କହିଥିଲେ ଓଡିଶା ବିକାଶ ରଥର ଡୋରି ଆପଣ ମାନଙ୍କ ହାତରେ ଅଛି । ଆପଣ ମାନେ ବିକାଶ ରଥକୁ ସଫଳତାର ସହ ପରିଚାଳନା କରିବେ ବୋଲି ମୋର ବିଶ୍ୱାସ । କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର ନବ ନିଯୁକ୍ତ ଶିବଲାଲ୍ କିଶନ, ଜଳ ସମ୍ପଦ ବିଭାଗର ଅନୁସୟା ମହାନ୍ତି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବି. ପ୍ରବୋଧ ରଞ୍ଜନ ପାତ୍ର ଓ ସନ୍ଧ୍ୟାରାଣୀ ସାହୁ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ଚଣ୍ଡୀପ୍ରସାଦ ମିଶ୍ର ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଆଦ୍ୟାଶ ସିଂ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ସମୟାନୁଭିତ୍ତିକ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ୟବହାର...

ଜନଗଣନା ପ୍ରକ୍ରିୟାରେ ଦକ୍ଷତା ବୃଦ୍ଧି ପାଇଁ କୃତ୍ରିମ ବୁଦ୍ଧିମତା (ଏଆଇ) ବ୍ୟବହାର କରାଯିବ । ଗଣନା ଡିଜିଟାଲ ଏବଂ ଉନ୍ନତ ମୋବାଇଲ ଆପ୍ଲିକେସନ୍ ମାଧ୍ୟମରେ ହେବ ଯାହା ଖୁବଶୀଘ୍ର ଶେଷ ହେବ ବୋଲି ଓଡ଼ିଶା ଜନଗଣନା ପରିଚାଳନା ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ କହିଛନ୍ତି । ଜନଗଣନା ପ୍ରକ୍ରିୟା ସମୟରେ ସଠିକ୍ ବିବରଣୀ ପ୍ରଦାନ କରିବାକୁ କର୍ତ୍ତୃପକ୍ଷ ଓ ନାଗରିକମାନଙ୍କୁ ସେମାନଙ୍କ ତଥ୍ୟ ଓ ସୂଚନା ପ୍ରସ୍ତୁତ ରଖିବାକୁ ସେ ଅନୁରୋଧ କରିଛନ୍ତି । ଜନଗଣନାରେ ଜାତିଗତ ବିବରଣୀ ସହ ବ୍ୟାପକ ତଥ୍ୟ ସଂଗ୍ରହ କରାଯିବ । ପ୍ରଥମଥର ପାଇଁ ଜାତିଗତ ଗଣନା ଆନୁଷ୍ଠାନିକ ଭାବରେ ଦଶବ୍ୟାପୀ କାର୍ଯ୍ୟର ଏକ ଅଂଶ ହେବ ବୋଲି ସେ କହିଛନ୍ତି ।

## ୨୦ରେ...

ସ୍କୁଲ ଖୋଲିବା ଦିନ ମଧ୍ୟାହ୍ନ ଭୋଜନ ମିଳିବ ।

ସ୍ୱାସ୍ଥ୍ୟକର ପରିବେଶରେ ପିଲାଙ୍କୁ ଉତ୍ତମ ଭୋଜନ ଦେବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି । ବିଭାଗ ପକ୍ଷରୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖାଯାଇଛି । ପୂର୍ବରୁ ମିଡ୍ ଡେ ମିଲ୍‌ରେ ପୋକରା ଚାଉଳର ଭାତ ଓ ପାଣିଆ ଡାଲି ନେଇ ଅଭିଯୋଗ ଉଠିଥାଏ । ଏହାକୁ ରୋକିବାକୁ ସରକାର ବଡ ନିଷ୍ପତ୍ତି ନେଇଛନ୍ତି । ବିଭାଗ ମଧ୍ୟ ଏ ସମ୍ପର୍କରେ ଜିଲ୍ଲା ସଂଖ୍ୟାଧିକାରୀଙ୍କୁ ଚିଠି ଲେଖି ଜଣାଇଛି । ସ୍କୁଲ ଖୋଲିବା ପୂର୍ବରୁ ରୋଷେଇ ସ୍ଥାନ ପରିଷ୍କାର କିରବା ସହ ମାନ ପରୀକ୍ଷା ପାଇଁ ରେଜିଷ୍ଟର ରଖିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି । ମଧ୍ୟାହ୍ନ ଭୋଜନର ମାନ ଅଭିଭାବକ ପରଖିବେ । ପ୍ରଧାନଶିକ୍ଷକ ରୋଷେଇ ସାମଗ୍ରୀ ଯାଞ୍ଚ କରିବେ । ସ୍କୁଲ ଖୋଲିବା ପୂର୍ବଦିନ ରୋଷେଇ ସ୍ଥାନ ପରିଷ୍କାର ହେବ । ସମସ୍ତଙ୍କୁ ମଧ୍ୟାହ୍ନ ଭୋଜନ ଦେବାକୁ ସର୍କାର ନିର୍ଦ୍ଦେଶ ଦେଇଛନ୍ତି ।

## ଦୁଇ ପର୍ଯ୍ୟାୟରେ...

ଗଣନା ହେବ । ପ୍ରଥମ ପର୍ଯ୍ୟାୟରେ ଘରର ତାଲିକା ଓ ଏ ସମ୍ପର୍କରେ ଘରର ସ୍ଥିତି, ଆସବାବପତ୍ର, ସୁବିଧାସୁଯୋଗ ବ୍ୟବସ୍ଥାକୁ ସଂଗ୍ରହ କରାଯିବ । ପ୍ରଥମର ଥର ଲାଗି ଏଥର ଜନଗଣନାରେ ଜାତି ଗଣନାକୁ ସାମିଲ କରାଯାଇଛି । ପ୍ରାୟ ୩୪ ଲକ୍ଷ ଜନଗଣନାକାରୀ ସୁପରଭାଇଜର ଏବଂ ୧.୩ ଲକ୍ଷ ଜନଗଣନା ଅଧିକାରୀ କାର୍ଯ୍ୟରେ ନିୟୋଜିତ ହେବେ । ଏଥିରେ ମଧ୍ୟ ଜନସଂଖ୍ୟା, ଭୌଗୋଳିକ ସ୍ଥିତି, ସଂସ୍କୃତି ଓ ପ୍ରତି ବ୍ୟକ୍ତିର ଘରକୁ ମଧ୍ୟ ଗଣାଯିବ । ବ୍ୟକ୍ତିଗତ ଭାବେ ସମ୍ପୃକ୍ତ ଲୋକର ଜାତି ମଧ୍ୟ ଏହି ପର୍ଯ୍ୟାୟରେ ଉଲ୍ଲେଖ କରାଯିବ । ଏପ୍ରିଲ ୩୦ରେ ବିଭିନ୍ନ ଜାତି, ଉପଜାତି ଏମାନଙ୍କ ସଂଖ୍ୟା ଆଦି ଗଣନା କରାଯିବ । ଜାତି ଜନଗଣନା ନେଇ ନିଷ୍ପତ୍ତି ହୋଇଛି । ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ କେବଳ ଜାତିର ଗଣନା ହେବ, ଶ୍ରେଣୀ ନୁହେଁ । ପ୍ରତ୍ୟେକ ବ୍ୟକ୍ତିର ଜାତି ଓ ଧର୍ମକୁ ଉଲ୍ଲେଖ କରାଯିବ । ମାତ୍ର ସେମାନେ କେଉଁ ବର୍ଗରେ ଯାଉଛନ୍ତି ତାହା ଦର୍ଶାଯିବନାହିଁ । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଓବିସି, ଏସ୍‌ସି, ଏସ୍‌ଟି ବର୍ଗଙ୍କର ସ୍ୱତନ୍ତ୍ର ତାଲିକା ବାହାରିବ ନାହିଁ । କାରଣ ବିଭିନ୍ନ ରାଜ୍ୟରେ ଓବିସି ତାଲିକା ଭିନ୍ନ ରହିଛି । ଏହାପରେ ପଛୁଆବର୍ଗର ଜାତୀୟ କମିଶନ ଏନେଇ କେନ୍ଦ୍ର ସରକାରଙ୍କ ଚାକିରି ଓ ସଂରକ୍ଷଣ ନେଇ ବ୍ୟବସ୍ଥା କରିବେ । ୨୦୧୧ରେ ଶେଷ ଜନଗଣନା ହୋଇଥିଲା । ୨୦୨୧ରେ ଏହା ହେବା କଥା । ମାତ୍ର ମହାମାରୀ ଯୋଗୁ ଏହା ବନ୍ଦ ଥିଲା । ୨୦୨୭ରେ ଅର୍ଥାତ୍ ୧୬ ବର୍ଷ ପରେ ଜନଗଣନା କରାଯାଉଛି । ବିରୋଧୀ ଦଳ ପକ୍ଷରୁ ଜାତିଗତ ଜନଗଣନା ପାଇଁ ଚାପ ପଡିଥିଲା । ସରକାର ତାହାକୁ ମାନି ନେଇଛନ୍ତି ।

## ଛୁରିଆନାରେ ବିକାଶ ବାହାନ ରଥ

ଅସ୍ତରଙ୍ଗ,(ସବ୍ୟୁ): ରାଜ୍ୟ ସରକାର ରାଜ୍ୟର ଶାସନ ଭାର ନେବାର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଗାଁ ଗାଁରେ ଗଡିଛି ବିକାଶ ବାହାନା ରଥ ।ଏହି ସୋମବାର ଦିନ ଅସ୍ତରଙ୍ଗ ବ୍ଲକର ଛୁରିଆନାରେ ପହଞ୍ଚିଛି । ଏହି ଉପଲକ୍ଷେ ଛୁରିଅନା ଗ୍ରାମ ପଞ୍ଚଯାତ କାର୍ଯ୍ୟାଳୟ ଠାରେ ଏକ ଉତ୍ସବ ଆୟୋଜନ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଶା, ଅଙ୍ଗନଓ୍ୱାଡି କର୍ମୀ, ପଞ୍ଚାୟତ ପ୍ରତିନିଧି, ମହିଳା ଦଳ ଆଦି ଯୋଗ ଦାନ କରି ବିକାଶ ବାହାନ ରଥ ପଞ୍ଚଯାତ ଅଫିସରେ ପହଞ୍ଚି ପରେ ସ୍ୱାଗତ କରି ଥିଲେ ।ତାପରେ ଅସ୍ତରଙ୍ଗ ବ୍ଲକ ବିଡ଼ିଓ ସସ୍ମିତା ବେହେରା, ଏମ ପି, ପ୍ରତିନିଧି ଦିବାକର ଛାଟୋଇ, ସରପଞ୍ଚ ଖିରୋଦ କାଣ୍ଡି, ବ୍ଲକ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ସତ୍ୟ ସ୍ୱରୂପ ବିଶ୍ୱାଳ, ପଞ୍ଚାୟତ ର୍ନିବାହୀ ଅଧିକାରୀ ସ୍ୱଦନ ଶୀତ ପ୍ରଜ୍ଞା, ଏଡିଓ, ଆକାଶ କୁମାର ଦାଶ, ମହିଳା ଦଳର ବନଲତା ବାରିକ ପ୍ରମୁଖ ସରକାରଙ୍କର ବିଭିନ୍ନ ଜନ ହିତ କର କାର୍ଯ୍ୟ କ୍ରମ ଉପରେ ଟିପଣି ଦେବା ପରେ, ୧୩ଜଣଙ୍କୁ ରାସନ କାର୍ଡ, ୨ ଜଣଙ୍କୁ ଭତ୍ତା, ୫ ଜଣଙ୍କୁ ଜବ କାର୍ଡ, ଓ ୫ ଜଣଙ୍କୁ ଆୟୁସ୍ମାନ କାର୍ଡ ବଣ୍ଟନ ସହ ବନ ବିଭାଗ ତରଫରୁ ଚାରା ବ=ନ କରା ଯାଇ ଥିଲା । ତା ପରେ ବିକାଶ ବାହାନ ରଥ ବ୍ଲକ ଅଞ୍ଚଳ ର ବିଭିନ୍ନ ଗ୍ରାମ ପଞ୍ଚାୟତ ପରିକ୍ରମା ଅଭିମୁଖେ ଯାତ୍ରା କରିଥିଲା ।

## ଭାରସାମ୍ୟ ହରାଇ ଓଲଟିଲା ଟ୍ରକ : ଡ୍ରାଇଭର ଆହତ

ଦଶପଲ୍ଲା,(ସବ୍ୟୁ) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ମହୁଲିଆ ଛକ ନିକଟରେ ଏକ କାବଡ଼ିଆ ଲୁହାସାମଗ୍ରୀ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଜାତୀୟ ରାଜପଥ ପାଶ୍ୱକୁ ଓଲଟି ପଡିବାରୁ ଟ୍ରକ ଡ୍ରାଇଭର ଆହତ ହୋଇଛନ୍ତି । ଆହତ ଡ୍ରାଇଭରଙ୍କ ନାଁ ରବୀନ୍ଦ୍ର ନାଥ ପ୍ରଧାନ ଓ ତାଙ୍କ ଘର ଗଂଜାମ ଜିଲ୍ଲା ବୁଗୁଡା ଥାନା ପାଣିକେଶ୍ୱର ଗ୍ରାମରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ତାଙ୍କୁ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତି କରିଛନ୍ତି । ସୂଚନା ଯୋଗ୍ୟଯେ, ବିଭୁବନେଶ୍ୱର ଅଭିମୁଖେ ଯାଉଥିବା ଏହି ଟ୍ରକଟି ବାଟରେ ଖରାପ ହୋଇ ପଡ଼ିଥିଲା । ସେଠାରେ ଡ୍ରାଇଭର ମେକାନିକ ଡାକି ଟ୍ରକକୁ ମରାମତି କରି ଆସୁଥିବା ବେଳେ ନିଜେ ମଦ୍ୟପାନ କରିଥିଲେ । ଫଳରେ ଟ୍ରକ ଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା ।ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁକରି ଟ୍ରକ କୁ ଜବତ କରିଥିବା ବେଳେ ତଦନ୍ତ ଜାରି ରଖିଛି ।

**FLAT SALE**

Fully furnished, 1350sf.
2 BHK flat. Rs. - 99 lakh,
Gated community,
Good Location,
Bhubaneswar,
Jagannath Prasad,
Mobile - 9078280148

**AFFIDAVIT**

By virtue of an affidavit in the court of Executive Magistrate, Cuttack. I, Bijay Pradhan, Aged (60), S/o- Late Shridhar Pradhan, At- Sumandi, Po- Sankhatras, Ps- Cuttack Sadar, Dist- Cuttack-753011, Odisha. Declare by this affidavit no. 4802, dated. 12.06.2025. I have changed my name from Bijay Kumar to Bijay Pradhan. Henceforth, I shall be known as Bijay Pradhan for all purposes.

Sd/- Bijay Pradhan

**AFFIDAVIT**

**CHANGE OF NAME**

My son Nilesh Mohapatra, permanent residence at Plot No: N6/17, Post: IRC Village, Bhubaneswar, P.S.: Nayapalli, Dist.: Khurda, PIN- 751015, Bhubaneswar, Odisha declare by this Affidavit No-37, Dt. 02.04.2025 that now onwards, he shall be known as Nilesh Prabhu Mohapatra instead of Nilesh Mohapatra for all future purposes.

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଏସ) / ଇଏମୟୁ କାରସେଡ୍, ବିଜିଆପଡା, ଦ.ପୂ. ରେଳପଥ ନମ୍ନୋକ୍ତ କାର୍ଯ୍ୟ ସକାଶେ ପ୍ରତିଟି ଆଇଟମ ଲାଗି ସୂଚିତ ତାରିଖର ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକି ୧୫.୩୦ ଘଣ୍ଟାରେ ଖୋଲାଯିବ । କ୍ର.ନଂ. ଓ ଓପନ ଇ-ଟେଣ୍ଡର ନୋଟିସ୍ ନଂ., କାର୍ଯ୍ୟର ବିବରଣୀ, ଟେଣ୍ଡର ମୂଲ୍ୟ, ଇଏମଡି, ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : (୧) ଆରଏସ-ଟିପିକେଆର-ସିଏଏମସି-ସିସି ଟିଭି-୧୧୧୭୦୦, ତାରିଖ : ୧୪.୦୬.୨୦୨୫ । ଆଇପି ବିଡି ଭିତ୍ତିକ ୩ ଫେଜ୍ ପ୍ରୁପଲସନ ସିଷ୍ଟମ ଇନ୍ ଇଲେକ୍ଟ୍ରିକାଲ ମଲ୍ଟିପୁଲ ୟୁନିଟ (ଇଏମୟୁ) ରେ ଲାଗିଥିବା ସିସି ଟିଭିର ୦୨ (ଦୁଇ) ବର୍ଷ ଅବଧି ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି, ଟ. ୩୬,୮୦,୬୧୩.୬୦, ଟ. ୬୩,୬୦୦/-, ୩,୦୦୦/- । (୨) ଆରଏସ୍-ଟିପିକେଆର-ପିଆଇଏସ୍-୨୦୨୪-୨୫-୨୫୮୦ ତାରିଖ ୧୪.୦୬.୨୦୨୫, ଇଏମୟୁ କାରସେଡ୍/ଖଡଗପୁରର ପାରମ୍ପରିକ ଇଏମୟୁ (ଏମଇଏମୟୁ)ରେ ଥିବା ପାସେଞ୍ଜର ଇନଫରମେସନ ସିଷ୍ଟମ ଉପକରଣର ମରାମତି, ଟ. ୮୨,୦୮,୧୫୮/-, ଟ. ୧,୭୪,୨୦୦/- । ୫,୦୦୦/-, ସମାପ୍ତି ସମୟ : କ୍ର.ନଂ ୧ ପାଇଁ ୨୪ ମାସ ଏବଂ କ୍ର. ନଂ. ୨ ପାଇଁ ୧୨ ମାସ । ଦାଖଲ ତାରିଖ : ଉଭୟ ପାଇଁ ୦୯.୦୭.୨୦୨୫ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ଖୋଲା ତାରିଖ ଉଭୟ ପାଇଁ ୦୯.୦୭.୨୦୨୫ । ଇଚ୍ଛୁକ ଟେଣ୍ଡରଦାତାମାନେ ସମ୍ପୂର୍ଣ୍ଣ ବିବରଣୀ, ସବିଶେଷ ତଥ୍ୟ, ସ୍ପେସିଫିକେସନ, ଟେଣ୍ଡରର ସଂଶୋଧନ ସମ୍ପର୍କରେ ୱେବସାଇଟ www.ireps.gov.in ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନ୍ ଦାଖଲ କରିବେ । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । (PR-279)

**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**

ଭୀମଟାଙ୍ଗି ଶାଖା, ସା: ବଢେଇବାଙ୍କ ଛକ, ପୋ: ଓଲ୍ଡ ଟାଉନ୍, ଭୁବନେଶ୍ୱର, ଖୋର୍ଦ୍ଧା, ପିନ୍-୭୫୧୦୦୨

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଶ୍ରୀ ଭଗବାନ ସାହୁ, ପିତା: ମାଗୁଣି ସାହୁ, ସା: ସାମନ୍ତରାୟପୁର ପାଟଣା, ପୋ: ଗୋପିନାଥପୁର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୨, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଭୀମଟାଙ୍ଗି ଶାଖା ଠାରେ ଦୈନିକ ଜମାକାରୀ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ । ସେ ବ୍ୟାଙ୍କରୁ ତା.୧୨.୦୨.୨୦୨୪ରିଖରୁ ଇସ୍ତଫା ନେଇଛନ୍ତି । ତେଣୁ, ଆମେ ଆମର ସମସ୍ତ ଗ୍ରାହକ / ଦୈନିକ ଜମାକାରୀମାନଙ୍କୁ ଅନୁରୋଧ କରୁଛୁ ଯେ ସେମାନେ କୌଣସି ବ୍ୟାଙ୍କିଙ୍ଗ / ଆର୍ଥିକ ସେବା ପାଇଁ ଶ୍ରୀ ଭଗବାନ ସାହୁଙ୍କ ସହିତ କାରବାର କରନ୍ତୁ ନାହିଁ । ଯଦି, କେହି ଏପରି କରନ୍ତି ତେବେ ବ୍ୟାଙ୍କ କୌଣସି କ୍ଷତି ନିମନ୍ତେ ଦାୟୀ ରହିବ ନାହିଁ ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୬.୦୬.୨୦୨୫

ଶାଖା ପ୍ରବନ୍ଧକ,
ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଭୀମଟାଙ୍ଗି ଶାଖା, ଭୁବନେଶ୍ୱର

**ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର, ବୁଦ୍ଧାପାଲି, ସମ୍ବଲପୁର, ୭୬୮୦୦୫**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଦେହେରିପାଲି ହାଉସିଂ ସ୍କିମ, ବୁଡ଼ାରଜା, ସମ୍ବଲପୁର ଘର ନମ୍ବର MIG-I-07 ବିକ୍ରି ଶ୍ରୀ କୃଷ୍ଣ ପ୍ରସାଦ ମିଶ୍ର, ପିତା-ସ୍ୱର୍ଗତ ଗୋଲକ ନାଥ ମିଶ୍ର, ନିବାସୀ-ବଡ଼ହେଡ଼ଜାର, ପୋ- ବଡ଼ହେଡ଼ଜାର, ସୋନପୁର ଟାଉନ, ଜିଲ୍ଲା-ସୋନପୁରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଘରଟି ତୃତୀୟ ପକ୍ଷ ଆଧାରରେ ଶ୍ରୀମତୀ ମାଧୁରୀ ବାବୁ, ସ୍ୱାମୀ-ଶ୍ରୀ ବାଲକୃଷ୍ଣ ବାବୁଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବାକୁ ଶ୍ରୀମତୀ ମାଧୁରୀ ବାବୁ ଏକ ଚୁକ୍ତିନାମା Notary Public, Sambalpur ଙ୍କ ନିକଟରେ ରେଜିଷ୍ଟ୍ରେଡ ହୋଇଥିବା ନଥି ଦାଖଲ କରି ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଅଛନ୍ତି ଏବଂ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ଏ ସମ୍ବନ୍ଧରେ ମୂଳ ଆବେଦନକାରୀଙ୍କୁ ଯୋଗାଯୋଗ କରିବାକୁ ବହୁବାର ପତ୍ର ମାଧ୍ୟମରେ ଜଣାଇଅଛନ୍ତି ଏବଂ ଉକ୍ତ ସମସ୍ତ ପତ୍ର ଦେଇଥିବା ଯୋଗାଯୋଗ ଠିକଣାରେ ଲୋକଙ୍କ ଅନୁପସ୍ଥିତି ଯୋଗୁଁ ଫେରନ୍ତ ହୋଇଅଛି । ଏଣୁ କର୍ତ୍ତୃପକ୍ଷଙ୍କ ବକେୟା ପ୍ରାପ୍ୟ ଶ୍ରୀମତୀ ମାଧୁରୀ ବାବୁଙ୍କ ଠାରୁ ପ୍ରାପ୍ତ ହୋଇଅଛି । ଉକ୍ତ ଚୁକ୍ତିନାମା ବିଚାରକୁ ନେଇ ଓ ସତ୍ୟପାଠ ଆଧାରରେ ଉକ୍ତ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ବିଚାରକୁ ନେଇଅଛନ୍ତି ।

ଉକ୍ତ ଘରଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ

idco | ODISHA NEW OPPORTUNITIES

CAD-777

**OFFICE OF THE DIVISIONAL HEAD (ELECTRICAL) IDCO**
**IDCO TOWER, BHUBANESWAR**
**Tender Call Notice No. BBSR/ELECT/E-4604/24-25/1793 Dt. 11.06.25**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of Work : SITC of 11 kv OH line for power supply to M/S Pippalad Industries LIP, Sambalpur

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H (Elect), IDCO, IDCO, tower, Janapath, BBSR | Bid ID No. BBSR/ELECT/ e-144/2025-26 | 17.06.2025 at 15.00 Hrs. | 24.06.2025 at 17.00 Hrs. |

Further details can be seen from the e-procurement portal www.tendersorissa.gov.in

Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

OIPR : 14003/11/0176/2526

Sd/- Divisional Head (Elect.)
IDCO, Bhubaneswar

**OFFICE OF THE MUNICIPAL COUNCIL : BALANGIR**
**No. 2766 / BM/Dt. 12.6.25**
**e-Procurement Notice**
**BID IDENTIFICATION NUMBER-BLGRMPTY/03(01-19)/2025-26**

C-527 : Bid Documents consisting of work, Estimated cost, Cost of Tender paper, EMD, Time of Completion, Class of Contractor and the set of terms and conditons of conract and other necessary documents can be seen in Govt. Website i.e. www.tendersorissa.gov.in

1. Name of the Work : Civil Construction work as mentioned in DTCN
2. No. of works : 19 (Nineteen) Nos.
3. Estimated Cost. : Rs. 3.78,382/- to Rs. 12,75,277/-
4. Period of Completion : 3 (Three) Calendar Months
5. Date and Time of on line Bidding : from 11.00 AM of 16.06.2025 to 5.00 PM of 26.06.2025
6. Online Bids shall be Open on : 30.06.2025 on 11.00 AM
7. Name & Address of the Officer Inviting Bid : Execuive Officer, Balangir Municipality.
8. Further details can be seen from the website www.tendersorissa.gov.in.
9. Furher any addendum/corrigendum/clarification issued in connectio iwth the tenders shall be uploaded in the above website and no news paper advertisement shall be given. Bidders are advised o visit the wesbsite regularly for obtaining all such details.

OIPR : 1316911/0061/2526

Sd/- Executive Officer
Balangir Municipality

**GOVERNMENT OF ODISHA : OFFICE OF THE EXECUTIVE ENGINEER (AGRIL.)**
**SOIL CONSERVATION, NORTHERN ZONE, AT/PO-BURLA, SAMBALPUR-768017**
**e-mail : eenzcs. sambalpur@gmail.com**
**Notice No. 219 Dt. 12.06.2025**
**NATIONAL COMPETITIVE BIDDING THROUGH e-Procurement**
**Identification No. 01/DSC&WD/NZ/2025-26 Dt. 12.06.2025**

1. Name of Work : Construction of Non-Residential Building and Others
2. Nos. of work : 9 nos.
3. Tenderd amount in Rs. : Rs. 5,00,163 to 50,08,388
4. Period of Completion : 60 to 210 days
5. Date & Time of availability of bid document in the portal : From 10.00 Hrs. of 20.06.2025 to 17.30 Hrs. of 24.06.2025
6. Last date / time of receipt of original documents in the tender box at the office of the undersigned. : Before 17.30 Hrs. of 01.07.2025
7. Date & Time of opening of Bids : 11.00 Hrs. of 02.07.2025 onwards.
8. Name and Address of the officer inviting bid : Executive Engineer (Agril.), Soil Conservation, Northern Zone, Sambalpur, At/Po-Burla, Near Planetrarium Chowk, Pin-768017.

Further details can be seen from the website www.tendersodisha.gov.in

OIPR : 01481/11/0006/2526

Sd/- Executive Engineer (Agril.)
Soil Conservation, NZ, Sambalpur

**OFFICE OF THE SUPERINTENDING ENGINEER**
**RWS&S DIVISION, BHUBANESWAR**
**E-Mail : eebbsrrwss@gmail.com**
**QUOTATION CALL NOTICE No. 06 of 2025-26**

O-287 : Executive Engineer, RWS&S Divsion, Bhubaneswar Plot No. 1214 (part) At- Tapovan, PO-Khandagiri, Bhubaneswar-30 on behaof of the Governor of Odisha invites item rate price bids in offline mode from authorise dealer, distributer/supplier.

| | | | |
|---|---|---|---|
| 1. | Nature of work | : | Supply & Installation HP Desktop PC M01-F2791 in (MIS Cell & GIS Cell-3 Nos.) & 27-CR0403IN PC HP AIO 17-13TH, 16GB, 1TB SSD, W11, MSO, WIRELESS KBM, WHITE 23CC4240DRD (HSN/SAC-84714900) Loc-EIC Chamber-1 No for office EIC, RWS&S (O), Bhubaneswar. |
| 2. | No. of item | : | 02 (One) |
| 3. | Time for completion | : | 15 (Fifteen) days. |
| 4. | Cost of bidding document | : | Rs. 2000.00 |
| 5. | The quotation document will be available in O/o the Superintending Engineer, RWS&S Division, Bhubaneswar or can be downloaded from www.khordha.nic.in | : | From Dt. 17.06.2025 (10.00 AM) to 25.06.2025 (1.00 PM) |
| 6. | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar. | : | 25.06.2025 up to 4.00 P.M. |
| 7. | Date & time of opening of Quotation | : | Dt. 26.06.2025 at 11.00 A.M. in Office of the Superintending Engineer, RWS&S Division, Bhubaneswar. |

Subsequent corrigendum if any shall be appear in office notice board of the undersigned.

Encl : C.D. 1 No.

OIPR : 25011/11/0016/2526

Sd/- Executive Engineer,
RWS&S Division, Bhubaneswar

B-203

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**

E-mail ID-cebuildings_orissa@yahoo.co.in
cebuildings@rediffmail.com
Tel. (0674)-2391523

**File No.-B-IV-H-(H&D)-90/2024 Lr. No.- 22824 Bhubaeswar, the 10th June, 2025**
**Invitation of Bids**
**Bid Identification No. C.E. (B)-12/2025-26**

| | | | |
|---|---|---|---|
| 1. | The Chief Engineer (Buildings-I), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works, (1) "Construction of 30 Bedded community Health Centre Building at Chiliguda in the district of Kalahandi", (2) "Construction of 30 Bedded Community Health Centre Building at jaipatna in the district of Kalahandi" (3) "Construction of 30 Bedded Community Health Centre Building at Borda in the district of Kalahandi" & (4) "Construction of 30 Bedded Community Health Centre Building at Narla in the district of Kalahandi" as detailed below . | | |
| 2. | Nature of work | : | Buildings work |
| 3. | No. of work | : | 04 Nos. |
| 4. | Bid Cost | : | Rs. 10,000/- (each) |
| 5. | Class of Contractor | : | 'A' / Special Class |
| 6. | Availability of Bid Documents in the website | : | From dt. 20.06.2025 to 17.00 Hours of dt. 05.07.2025 |
| 7. | Date of Openign of Bid | : | Dt. 07.07.2025 at 11.30 AM |
| 8. | The Bidders have to participate in ONLINE bidding only. Further details can be seen from the website : https://tendesodisha.gov.in. Any addendum / Corrigendum / Cancellation of tender can also be seen in the said websie only. | | |

OIPR : 34117/11/0108/2526

Sd/- Chief Engineer (Buildings-I), Odisha, Bhubaneswar

A-

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MAIN DAM DIVISION, BURLA**
**AT/PO-BURLA, DIST: SAMBALPUR (ODISHA) 768017**
**Government of Orissa**
**"e" Procurement Notice No. MDD-e-03/2025-26 (Online)**
**Email Id : semaindamdivn@gmail.com**
**No. 6818 / Date : 12.06.2025**

1. No. fo work : 25 nos.
2. Estimated Cost : Rs. 4,54 to 23.33 lakhs
3. Period of Completion : 3 to 12 (Three to twelve calendar) months.
4. Date & Time of available of bid document in the portal : 18.06.2025 at 10.00 A.M.
5. Last date / Time for receipt of bids in the portal : 30.06.2025 upto 05.00 P.M.
6. Date of opening of bid : 01.07.2025 at 11.00 A.M.
7. Name & Address of the Officer inviting bid : Superintending Engineer, Main dam Division, Burla At/PO-Burla, Dist- Sambalpur, Odisha. Email : semaindamdivn@gmail.com

Further details, any corrigendum or adendum can be seen from the e-procurement portal http://tendersorissa.gov.in

OIPR : 32017/11/0016/2526

Sd/- Superintending Engineer
Main Dam Division, Burla

By E_Mail/e-Despatch
E_MailID : serw_balasore@yahoo.in
Ph-No.-06782/260318
Balia, Balasore

**OFFICE OF THE CHIEF CONSTRUCTION ENGINEER**
**RURAL WORIKS CIRCLE, BALASORE**
**Repair and Maintenance of Rural Roads Under PMGSY & Other Scheme**
**e-Procurement Notice**
**Bid Identification No. Online-CCE- BLS-NCB -12 of 2025 -.2026**

O-297 : The Chief Construction Engineer, R. W" Circle, Balasore on behalf of Odisha State Rural Road Agency invites percentage rate bids in electronic tendering system for Repair/Maintenance of the Rural roads Constructed under Pradhan Mantri Gram Sadak Yojana inthe districts of Batasore/Bhadrak for 4 (Four) rnumber of packages with estimated cost totaling to Rs 5.56 Cr including maintenance for five year from the eligible contractors registered with state PWD /CPWD / MES / Railways. The registered bidder of outside Odisha, can also parlicipate in this process, but shall have to subsequently undergo registration with the appropriate authority of the State Govt" preferably within a month of the deadline for bid submission, but prior to signing of the contract Date of release of Invitation for Bids throughe-procurement.dtd. 20.06.2025 Availability of Bid Documents and mode of submission: The bid document is avaitable online and should be submitted online in ht!::://www.Pmgsy tenders.gov.in. The bidder would be requrired to register in the web-site which is free of cost. For submission of the bids, the bidder Is required to have a valid Digital Signature Certificate (DSC) from one of the authorized Certifying Authorities.The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid clocument as per provisions of Clause4.4B(a)(ii) of ITB with C.C.E.,R.W.Circle,Balasore ,on a date not later than three working days after the opening of technical qualification part of the Bicl, either by registered post or by hand, failing which the bids shall be declared non- responsive.

Last Date/Time for receipt of bids through e-procurement: 30 upto 05.00 P.M.

For further details please logon to http://www.pmgsytenders.gov.in

OIPR : 25105/11/0057/2526

Sd/- Chief Construction Engineer,
R.W. Circle, Balasore

## ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କର୍ମୀ ସମ୍ମିଳନୀ

# ଦରଦାମ୍ ବୃଦ୍ଧି ରୋକିବାରେ ସରକାର ବିଫଳ : ତାରା ବାହିନୀପତି




ପୁରୀ,(ସବ୍ୟୁ): ସୋମବାର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନ ଠାରେ କର୍ମୀ ସମ୍ମିଳନୀ ହୋଇଥିଲା । ମୁଖ୍ୟ ଅତିଥି ଭାବେ କଂଗ୍ରେସ ନେତା ତଥା ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦାନ କରିଥିଲେ । ସେ ଅଭିଯୋଗ କରି ଥିଲେ ଯେ, ରାଜ୍ୟ ଓ କେନ୍ଦ୍ର ସରକାର ଦରଦାମ୍ ବୃଦ୍ଧି ରୋକିବାରେ ବିଫଳ ହୋଇଛନ୍ତି । ରାଜ୍ୟରେ ନାରୀ ନିର୍ଯ୍ୟାତନା ଅସହ୍ୟ ରୂପ ଧାରଣ କରିଛିଛ ସରକାର କେବଳ ସବୁଜ ରଙ୍ଗ ବଦଳରେ ଗେରୁଆ ରଙ୍ଗ କରିବାରେ ଏକ ବର୍ଷ ବିତିଗଲା ଛରାଜ୍ୟରେ ବିଜେପି ସରକାର ଏକ ବର୍ଷ ପୂର୍ତ୍ତି କରି ସାରିଲାଣି କିନ୍ତୁ ବିଜେପି ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶୃତି ପୂରଣ କରି ନାହିଁ । କର୍ମୀ ସମ୍ମିଳନୀରେ ୧ ବର୍ଷ ପ୍ରତାରଣାରେ ଅନେକ ଶୀର୍ଷକ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୩ ବର୍ଷର ବିଫଳତା ବିଷୟରେ ଆଲୋଚନା ହୋଇଥିଲା । ବିଧାୟକ ଶ୍ରୀ ବାହିନୀପତି ଅପରେସନ ସିନ୍ଦୂର ପରେ ସରକାର ରାଜକୋଷରୁ ନିଜର ଦଳୀୟ ପ୍ରଚାର ପ୍ରସାର କରିଥିବା ଅଭିଯୋଗ କରି କହିଲେ, ପହେଲଗାମରେ ଯେଉଁ ୪ ଜଣ ଆତଙ୍କବାଦୀ ଦମନ ଲିଳା ରଚେଇ ଧର୍ମ ପଚାରି ନିରୀହ ହିନ୍ଦୁ ମାନଙ୍କୁ ହତ୍ୟା କଲେ ସରକାର ସେମାନଙ୍କୁ ଏ ପର୍ଯ୍ୟନ୍ତ ଧରି ପାରିଲେ ନାହିଁ । କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ଉଭୟ ବିଜେଡି ଓ ବିଜେପି ମିଳିତ ଭାବରେ ରାଜ୍ୟର ଖଣି ପାଣି ଠାରୁ ଆରମ୍ଭ କରି ବିଭିନ୍ନ ସ୍ତରରେ ଦୁର୍ନୀତିର କଳା ଛାୟା ଖେଳାଇ ଦେଇଥିଲେ । ସେହିପରି ଯୁବ କଂଗ୍ରେସ ନେତାୟାସିର ନୱାଜ କେନ୍ଦ୍ର ମୋଦି ସରକାର ବାର୍ଷିକ ୨ କୋଟି ବେକାରୀଙ୍କୁ ନିଯୁକ୍ତି ଦେବେ ବୋଲି କହିଥିଲେ ମାତ୍ର ସେଥିରେ ବିଫଳ ହେଲେ । ରାଜ୍ୟ ସରକାର ଧାନ କିଣାରେ ବ୍ୟାପକ ଅନିୟମିତତା କରୁଛନ୍ତି । କଟନି ଛଟନୀ କରାଯିବନି କହି ପ୍ରତି ବସ୍ତାରେ ୮ ରୁ ୧୦ କେଜି ଧାନ କାଟିବା ରାଜ୍ୟ ଚାଷୀଙ୍କୁ ଧୋକା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କିଷାନ କଂଗ୍ରେସ ରାଜ୍ୟ ସଭାପତି ଅମିୟ ପଟ୍ଟନାୟକ ଜଳସେଚନ ଠାରୁ ଆରମ୍ଭ କରି ପୁରୀ ଜିଲ୍ଲାରର ମୁଖ୍ୟତଃ ଧାନ,ପାନ, ମିନ ଏବଂ ଚାଷୀଙ୍କ ବିଭିନ୍ନ ସମସ୍ୟା ଦିଗରେ ସରକାରଙ୍କୁ ନିଶାଣ କରିଥିଲେ । ଆଜିର କାର୍ଯ୍ୟକ୍ରମ ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ ରାଜେଶ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ବେଳେ ପୁରୀ ଜିଲ୍ଲାର ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି ଏବଂ ସମସ୍ତ ବିଧାୟକ ପ୍ରାର୍ଥୀ ନିଜର ଆଭିମୁଖ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହିଳା ସଭାନେତ୍ରୀ ନିରୁପମା ପାତ୍ର, ଲକ୍ଷ୍ମୀଧର ପ୍ରଧାନ, ପୂର୍ବତନ ଗୋପ ବ୍ଲକ ସଭାପତି ନିଳମଣି ପ୍ରଧାନ, ସରସ୍ୱତୀ ପାତ୍ର, ବିଦ୍ୟୁତଲତା ଆଚାର୍ଯ୍ୟ, ସସ୍ମିତା ସ୍ୱାଇଁ, ଉତ୍ତମ ଆଚାର୍ଯ୍ୟ, ସୁଜିତ ମହାପାତ୍ର, ବିଶ୍ୱଭୂଷଣ ଦାସ, ପ୍ରେମାନନ୍ଦ ମହାନ୍ତି, ଉମାକାନ୍ତ ବରାଳ, ସେକ ସଫିକଉଦ୍ଦିନ, ନଗର କଂଗ୍ରେସ 'କ' ସଭାପତି ଛବିନ୍ଦ୍ର ପଢିଆରୀ, ନଗର କଂଗ୍ରେସ 'ଖ' ସଭାପତି ଅମରେନ୍ଦ୍ର ପାଇକରାୟ , ପିସିସି ପୂର୍ବତନ ସଂପାଦକ ବିଶ୍ୱନାଥ ଦାଶ, ଯୁବ କଂଗ୍ରେସ ଜିଲ୍ଲା ସଭାପତି ଆଲୋକ ଦାଶ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

# ୫ଲକ୍ଷ ଟଙ୍କାର ଗହଣା ନେଇଗଲେ ଲୁଟେରା

ଭୁବନେଶ୍ୱର, (ସବ୍ୟୁ) : ଘରେ କେହି ନଥିବା ବେଳେ ଝରକା ବାଟେ ପଶି ଲୁଟେରା ୫ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କାର ଗହଣା ଓ ନଗଦ କିଛି ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରୁଥିଲେ ମଧ୍ୟ ଲୁଟେରାଙ୍କ ସନ୍ଧାନ ମିଳିନାହିଁ କିମ୍ବା ଘଟଣାସ୍ଥଳକୁ ସନ୍ଧାନୀ କୁକୁର ନିଆଯାଇ ନଥିବା ଅଭିଯୋଗ କରିଛନ୍ତି ଗୃହକର୍ତ୍ତା ।

ରବିବାର ମଝି ରଜରେ ନିଳାଦ୍ରୀବିହାରରେ ରହୁଥିବା ଗୃହକର୍ତ୍ତା ସପରିବାରେ ପୁରୀ ଯାଇଥିଲେ । ଏହାର ସୁଯୋଗ ଉଣ୍ଠି ଲୁଟେରା ତାଙ୍କ ଘର ଝରକା ଭାଙ୍ଗି ଭିତରକୁ ପଶିବା ସହ ଆଲମାରୀ ଓ ଅନ୍ୟାନ୍ୟ ସମସ୍ତ ସ୍ଥାନ ଖୋଜଖବର କରି ଗହଣା ଓ ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳକୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସାଙ୍ଗରେ ନେଇ ତଦନ୍ତ କରିବା କଥା ।ହେଲେ ତାହା କରାଯାଇ ନଥିବାରୁ ପୋଲିସ କାର୍ଯ୍ୟ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି । ପାଟ୍ରୋଲିଂ ଠିକ୍ ଭାବେ ହେଉନଥିବାରୁ ନିଳାଦ୍ରୀବିହାର ନୁହେଁ ସହରର ବିଭିନ୍ନ ଅଞ୍ଚଳରୁ ଲୁଟ୍, ଚୋରି ଓ ଡକାୟତି ହେଉଛି । ମୁଖ୍ୟତଃ ବନ୍ଦ ଘରକୁ ଟାର୍ଗେଟ କରି ଲୁଟେରାମାନେ ଅପରେସନ କରୁଛନ୍ତି । ଏହିପରି ଅନେକ ଘଟଣାର ବହୁ ଦିନ ବିତିଯାଇଥିଲେ ମଧ୍ୟ ରହସ୍ୟ ଉନ୍ମୋଚନ ହୋଇପାରିନାହିଁ । ଯାହା ଫଳରେ ଲୁଟ୍ ହୋଇଥିବା ସମ୍ପତ୍ତି ମିଳିବା ନେଇ କ୍ଷତିଗ୍ରସ୍ତ ଗୃହକର୍ତ୍ତାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ ।

## ଖଣ୍ଡଗିରିରେ ଅଚେତ ନାବାଳିକା ଉଦ୍ଧାର

# ଦୁଇଜଣଙ୍କୁ ଲୋକେ ଧରି ପୋଲିସ୍ ଜିମା ଦେଲେ

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରିରେ ଜଣେ ଅଚେତ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଦୁଇଜଣଙ୍କୁ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି । ଅଚେତ ନାବାଳିକାଙ୍କୁ ଚିକିତ୍ସା ପାଇଁ ଏମ୍ସରେ ଭର୍ତ୍ତି କରାଯାଇଛି । ଲୋକେ ଧରିଥିବା ଦୁଇଜଣ ତାଙ୍କୁ ବଳାତ୍କାର କରିଥିବା ସନ୍ଦେହ ହେବାରୁ ପୀଡିତାଙ୍କ ଡାକ୍ତରୀ ମାଇନା କରାଯାଇଛି ।

ରବିବାର ରାତିରେ ଗୋପାଳ ମଜୁମଦାର ଓ ମୃତ୍ୟୁଞ୍ଜୟ ବୋଷ ନାବାଳିକାଙ୍କୁ ଅଚେତ ଅବସ୍ଥାରେ କାନ୍ଧେଇ କାନ୍ଧେଇ ନେଉଥିବା ବେଳେ ଲୋକେ ଦେଖିଥିଲେ । କାହିଁକି ଏପରି ସେମାନେ ନାବାଳିକାଙ୍କୁ ନେଉଛନ୍ତି ସନ୍ଦେହ ହେବାରୁ ଲୋକେ ଗୋପାଳ ଓ ମୃତ୍ୟୁଞ୍ଜୟ ପାଖକୁ ଯାଇ ପଚରାଉଚରା କରିଥିଲେ । ଏହି ସମୟରେ ସେ ନାବାଳିକାଙ୍କୁ କାନ୍ଧରୁ କାଢି ରାସ୍ତାରେ ଶୁଆଇ ଦେଇଥିଲେ । ନାବାଳିକା ଚେତାଶୂନ୍ୟ ଥିବା ଲୋକେ ଦେଖିବା ପରେ ଦୁଇଜଣଙ୍କୁ କାବୁ କରିନେଇ ପୋଲିସକୁ ଫୋନ୍ କରିଥିଲେ । ଗୋପାଳ, ମୃତ୍ୟୁଞ୍ଜୟ ଡୁମୁଡୁମା ଅଞ୍ଚଳର ଏକ ହୋଟେଲରେ ଶ୍ରମିକ ଭାବେ କାମ କରନ୍ତି ବୋଲି ଜଣାପଡିଛି ।

ଖଣ୍ଡଗିରି ଥାନା ପୋଲିସ ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଦୁଇ ଆସାମୀଙ୍କୁ ଥାନାକୁ ଆଣିଥିଲେ । ପୀଡିତା ନାବାଳିକାଙ୍କୁ ଅଚେତ ଅବସ୍ଥାରେ ଚିକିତ୍ସା ପାଇଁ ଏମ୍ସରେ ଭର୍ତ୍ତି କରିଥିଲା ପୋଲିସ । ସେ ଏମ୍ସରେ ଅସୁସ୍ଥତା ପାଇଁ ଚିକିତ୍ସା ହେଉଥିବା ବେଳେ ତାଙ୍କର ଡାକ୍ତରୀ ମାଇନା କରାଯାଇଛି । କାରଣ ଗୋପାଳ ଓ ମୃତ୍ୟୁଞ୍ଜୟ ନିଜେ ନିଶା ଖାଇବା ସହ ନାବାଳିକାଙ୍କୁ ନିଶାଦେଇ ବଳାତ୍କାର କରିଥାଇପାରନ୍ତି ବୋଲି ସନ୍ଦେହ ହେବାରୁ ଡାକ୍ତରୀ ମାଇନା କରାଯାଇଥିବା ଖବର ମିଳିଛି । ଦୁଇ ଆସାମୀ ଧରିଥିବା ଏକ ବ୍ୟାଗରୁ ପୋଲିସ ଆସ୍କାଫଂଟି ବୋତଲ ମିଳିଛି । ଗୋପାଳ ଓ ମୃତ୍ୟୁଞ୍ଜୟ ପ୍ରବଳ ନିଶାଶକ୍ତ ଥିବାରୁ ଲୋକେ ଦୁହିଁଙ୍କୁ ଉତ୍ତମମଧ୍ୟମ ଦେବା ସହ ପୋଲିସ ଜିମା ଦେଇଥିଲେ । ସେମାନଙ୍କ ଘର ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳରେ ବୋଲି ଜଣାପଡିଛି । ନାବାଳିକା ସୁସ୍ଥ ହେବା ପରେ ତାଙ୍କ ପରିଚୟ ଓ ଅଚେତ ହେବାର କାରଣ ସହ ଦୁହେଁ ତାଙ୍କୁ କାହିଁ କାନ୍ଧେଇ ନେଉଥିଲେ ସ୍ପଷ୍ଟ ଜଣାପଡିବ ବୋଲି ପୋଲିସ କହିଛି ।

# ଲୁଟେରା ଗିରଫ, ୫ ବାଇକ୍ ଜବତ



ଭୁବନେଶ୍ୱର, (ସବ୍ୟୁ) : ଜଣେ ଲୁଟେରାକୁ ପୋଲିସ ଗିରଫ କରିବା ସହ ତା'ନିକଟରୁ ୫ଟି ଲୁଟ୍ ବାଇକ୍ ଓ ଚାବିନେଣ୍ଟା ଜବତ ହୋଇଛି ।

ଶିବପ୍ରସାଦ ସାସମଲଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଦୀପକ କୁମାର ସାହୁ ଓରଫ ଦିପୁକୁ ଗିରଫ କରିବା ସହ ତା'ନିକଟରୁ ବାଇକ୍‌ଗୁଡିକୁ ଜବତ କରିଛି । ଅଭିଯୋଗକାରୀଙ୍କ ବାଇକ୍ ହାଟସାହିସ୍ଥିତ ଘର ସାମ୍ନାରୁ ଲୁଟ୍ ହୋଇଥିବା ସେ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରୁଥିବା ବେଳେ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ସେ ରହୁଥିବା ଅଞ୍ଚଳରେ ଚଢାଉ କରାଯାଇଥିଲା । ତା'ଦଖଲରେ ଥିବା ଅଭିଯୋଗକାରୀଙ୍କ ବାଇକ୍ ଓ ଜବତ ହୋଇଥିବା ଅନ୍ୟ ଚାରିଟି ବାଇକ୍ ମିଳିଥିଲା ।

ମାମଲାର ତଦନ୍ତ ଚାଲୁ ରହିଥିବାବେଳେ ଦୀପୁକୁ ସୋମବାର କୋର୍ଟଚାଲାଣ କରାଯାଇଛି । ସେ ନକଲି ଚାବି ସାହାଯ୍ୟରେ ବିଭିନ୍ନ ଅଞ୍ଚଳରୁ ବାଇକ୍ ଲୁଟ୍ କରେ ବୋଲି ପୋଲିସ କହିଛି । କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦିପୁକୁ ଜେଲ୍ ହାଜତ ପଠାଇ ଦିଆଯାଇଚି ।

# ଶିଳ୍ପଭିତ୍ତିକ ବିଭିନ୍ନ ଯୋଜନା ଉପରେ ସଚେତନତା କର୍ମଶାଳା

କଟକ, (ସବ୍ୟୁ): କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଶିଳ୍ପଭିତ୍ତିକ ଯୋଜନା ଗୁଡିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଆଜି ବାଲିଯାତ୍ରା ତଳ ପଡିଆରେ ଅନୁଷ୍ଠିତ ବିକାଶ ମେଳାରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପିଏମ ବିଶ୍ୱକର୍ମା ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ଯୋଜନା, ଗୁରୁ ଶିଷ୍ୟ ପରମ୍ପରା ତାଲିମ, ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ, ଶିଳ୍ପୀ ଗ୍ରାମ ଯୋଜନା, ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ନିର୍ମାଣ ଯୋଜନା, ଶିଳ୍ପୀ ଉନ୍ନତି ଯୋଜନା, ନମୁନା ବିକାଶ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। । କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ତରୁଣକାନ୍ତ ମହାନ୍ତି, ଦୀପାର ଟିମ ଲିଡ ସୁସ୍ମାତା ମହାନ୍ତି, ଏଲଡିଏମ ୟୁକୋ ବ୍ୟାଙ୍କ ରମଣ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଫଳ ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଉଦ୍‌ଯାପିତ ହେଲା ସତ୍ୟନଗର ପିପୁଲ୍ସ ଫୋରମ ରଜ ମହୋତ୍ସବ

ଭୁବନେଶ୍ୱର (ସବ୍ୟୁ) :ତିନି ଦିନ ଧରି ସ୍ଥାନୀୟ ତୋଷାଳୀ ପ୍ଲାଜା ସମ୍ମୁଖରେ ସତ୍ୟ ନଗର ପିପୁଲ୍ସ ଫୋରମ୍ ପକ୍ଷରୁ ଆୟୋଜିତ ହେଉଥିବା ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି ।ପହିଲି ରଜ ରୁ ଆରମ୍ଭ ହୋଇ ଥିବା ଏହି ମହୋତ୍ସବ ରେ ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ପ୍ରକାର ନାଚ, ଗୀତ,ଖେଳ ଯଥା ମ୍ୟୁଜିକ୍ ଚେୟାର,ବେଲୁନ ଫୁଟା,ସୁଞ୍ଚି ସୂତା, ଦୌଡ଼ କୁଦ,କୁଇଜ୍ ପ୍ରତିଯୋଗିତା,ଶଙ୍ଖ ଫୁଙ୍କା,ପିତୃ ଦିବସ ଅବସରରେ ବକ୍ତୃତା ପ୍ରତିଯୋଗିତା ଏବଂ ମାଆ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପାରମ୍ପରିକ ପିଠା ପଣା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବହୁ ଉତ୍ସାହର ର ସହ ସ୍ଥାନୀୟ ଅଞ୍ଚଳର ମା,ମାଉସୀ,ପିଲା ଛୁଆ ଙ୍କ ସମେତ ଆଖପାଖ ଅଞ୍ଚଳରୁ ଅନେକ ଜନସାଧାରଣ ଏହି ଉତ୍ସବରେ ଭାଗ ନେଇ ରଜ ଉପଭୋଗ କରିଥିଲେ। ଏଥି ସହିତ ରଜରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପିଠା ପଣା ଓ ପାନ ଖାଇ ବନ୍ଧୁ ପରିଜନମନଙ୍କ ସହିତ ମାଜାମସ୍ତି କରିଥିଲେ। ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ବିଜେପି ନେତା ଜଗନ୍ନାଥ ପ୍ରଧାନ,ଭୁବନେଶ୍ୱର ମହାନଗର ନିଗମ ର ବରିଷ୍ଠ କର୍ପୋରେଟର ଅମରେଶ ଜେନା,ବିଶିଷ୍ଟ ସମାଜସେବୀ



ରୁଦ୍ର ନାରାୟଣ ସାମନ୍ତରାୟ ଏବଂ ପ୍ରଭାତ ମାର୍ଥା ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତାର ଭାଗ ନେଇ ବିଜୟୀ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।ଶେଷ ରେ ସମସ୍ତେ ମିଶି ରଜ ପିଠା ଖାଇବା ସହ ରଜ ଗୀତର ଗୀତର ତାଳେ ତାଳେ ନାଚ କରି ଏ ବର୍ଷ ପାଇଁ ରଜ ପର୍ବ କୁ ବିଦାୟ ଜଣାଇଥିଲେ। ସତ୍ୟନଗର ଅଞ୍ଚଳର କୁନି କୁନି ପିଲାମାନଙ୍କ ଉଦ୍ୟମରେ ଅଭିଲିପସା ଦାସଙ୍କ ନେତୃତ୍ୱରେ ଏହି ରଜ ମହୋତ୍ସବ ବିଗତ ତିନି ବର୍ଷ ଧରି ପାଳନ କରାଯାଉଛି। ଯାହାର ମୁଖ୍ୟ ଓ ପ୍ରଧାନ ଲକ୍ଷ ହେଉଛି ଧୀରେ ଧୀରେ ସହରୀ ସଭ୍ୟତା ପ୍ରବାହ ରେ ଅବକ୍ଷୟମୁଖି ଏହି ମହାନ ପର୍ବକୁ ପରବର୍ତ୍ତୀ ପିଢ଼ିଙ୍କ ପାଇଁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ଏହା ପାଳନ କରାଯାଉଥିବା ଅଭିଲିପ୍ସା ଦାସ କହିଛନ୍ତି। ଏହି ଉତ୍ସବ ପରିଚାଳନା ରେ ସତ୍ୟନଗର ର ପୂର୍ବତନ କର୍ପୋରେଟର ଭାନୁପ୍ରିୟା ଦାସ,ସୁନୀତା ରାଉତ, ବିଦୁଲତା ପୃଷ୍ଟି,ବୁଦ୍ଧି ବାମନ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

## "ଅପରେସନ ସିନ୍ଦୁର" ନାମରେ ବାହାବା ନେବା ବନ୍ଦ କରନ୍ତୁ ପ୍ରଧାନମନ୍ତ୍ରୀ : ଛାତ୍ର କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ପହଲଗାମ ଠାରେ ସାଧାରଣ ନାଗରିକମାନଙ୍କୁ ଆତଙ୍କବାଦୀମାନଙ୍କ ଦ୍ୱାରା ହୋଇଥିବା ବର୍ବରିତ ହତ୍ୟାକାଣ୍ଡ ବିରୁଦ୍ଧରେ ଭାରତୀୟ ସେନା "ଅପରେସନ ସିନ୍ଦୁର" ଆରମ୍ଭ କରିଥିଲା ଏବଂ ପାକିସ୍ତାନକୁ ଉଚିତ ଜବାବ ମଧ୍ୟ ଦେଇଥିଲା। ଏହାର ଶ୍ରେୟ ସଂପୂର୍ଣ୍ଣ ଭାବେ ଭାରତୀୟ ସେନାକୁ ଯାଉଛି ବୋଲି ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦ୍ଧିତ ପ୍ରଧାନ ଜଣାଇଛନ୍ତି । ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ଦେଶର ଯବାନମାନେ ନିଜର ପରାକାଷ୍ଠା ଦେଖାଇ ଯେଉଁଭଳି ଭାବରେ ଆତଙ୍କବାଦୀମାନଙ୍କ ବିରୁଦ୍ଧରେ ସଂଗ୍ରାମ କଲେ ଏହା ଭାରତୀୟ ଇତିହାସରେ ଉଲ୍ଲେଖଯୋଗ୍ୟ କିନ୍ତୁ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯେଉଁଭଳି ଭାବରେ "ଅପରେସନ ସିନ୍ଦୁର"କୁ ନେଇ ରାଜନୀତି କରିବା ପାଇଁ ଚେଷ୍ଟା କରୁଛନ୍ତି ଏହା ଅତ୍ୟନ୍ତ ଦୁଃଖଦାୟକ। ପ୍ରଧାନମନ୍ତ୍ରୀ ମୋଦୀ ନିଜକୁ ଶ୍ରେୟ ଦେବା ପାଇଁ ଭାରତ ବର୍ଷର ବିଭିନ୍ନ ପେଟ୍ରୋଲ ପମ୍ପ ମାନଙ୍କରେ ନିଜର ଫଟୋ ସହ "ଅପରେସନ ସିନ୍ଦୁର"ର ଶ୍ରେୟ ନେବା ପାଇଁ ଚାହୁଁଛନ୍ତି। ଏହାକୁ



ବିରୋଧ କରି ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ପ୍ରଧାନ ପେଟ୍ରୋଲ ପମ୍ପ ମାନଙ୍କରେ ମୋଦୀଙ୍କ ଫଟୋ ଉପରେ ସହିଦ ମାନଙ୍କର ଫଟୋ ଲଗାଇବା ସହ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ଭାରତୀୟ ସେନାକୁ ସମ୍ମାନ ଦିଅନ୍ତୁ ବୋଲି। ଆଜିର ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ସୁଦିପ ସାମଲ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସାହାରୁଖ୍ ଖାନା, ସ୍ୱନ୍ଦନ ସ୍ୱାଇଁ ଓ ଆଦିତ୍ୟ ଅଂଶୁମାନ ପାତ୍ର

# ଟ୍ରେନ ଧକ୍କାରେ ଅଜଣା ବ୍ୟକ୍ତି ଗୁରୁତର

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳ ଫାଟକ ଦକ୍ଷିଣ ଦିଗର କିଛି ଦୂରରେ ଏକ ଜାଗାରେ ଜଣେ ବୃଦ୍ଧ ବ୍ୟକ୍ତି ଆହତ ହୋଇ ପଡ଼ି ଥିବାର ସନ୍ଧ୍ୟାରେ ଦେଖିବାକୁ ମିଳିଛି । ଏହି ଅଜଣା ବ୍ୟକ୍ତି ଜଣକ ସନ୍ଧ୍ୟାରେ ରେଳ ଧାରଣା ଅତିକ୍ରମ କରୁଥିବାବେଳେ କୌଣସି ଟ୍ରେନ ଧକା ଦେଇଛି । ଲୋକେ ତାକୁ ୧୦୮ ଆମ୍ବୁଲାନ୍ସ ରେ ଚିକିତ୍ସା ପାଇଁ ଖୋର୍ଦ୍ଧା ପଠାଇଛନ୍ତି ।

## ଆଇସିପିଆରର ନୂଆ ଲୋଗୋ ଉନ୍ମୋଚିତ

# ଭାରତୀୟ ଜ୍ଞାନ ପରମ୍ପରାର ଏଆଇ ମଡେଲିଂ ହେବା ଆବଶ୍ୟକ: ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ଜ୍ଞାନ ପରମ୍ପରାର ଐତିହ୍ୟ ବହୁତ ପୁରୁଣା ।ଆମେ ଏହାକୁ କେବଳ ପୂଜା ଓ ଗର୍ବ ରୂପରେ ଦେଖିବା ଉଚିତ ନୁହେଁ, ବରଂ ଆମକୁ ବର୍ତ୍ତମାନର ଚ୍ୟାଲେଞ୍ଜ ଏବଂ ଭବିଷ୍ୟତର ପ୍ରବାହ ଅନୁସାରେ ବିଶ୍ଳେଷଣ ସହ ଏଆଇ ମଡେଲିଂ କରିବାକୁ ପଡିବ ବୋଲି ସୋମବାର ନୂଆଦିଲ୍ଲୀ ଠାରେ ଇଣ୍ଡିଆନ କାଉନସିଲ୍ ଅଫ୍ ଫିଲୋସୋଫିକାଲ ରିସର୍ଚ୍ଚ(ଆଇସିପିଆର) ର ନୂଆ ଲୋଗୋ ଉନ୍ମୋଚନ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି । ଶ୍ରୀ ପ୍ରଧାନ ଆଇସିପିଆରର ଗବେଷଣା ପୁସ୍ତକର ଉନ୍ମୋଚନ କରିବା ସହ ଆଇସିପିଆର ଦ୍ୱାରା ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର ବିଜେତାଙ୍କୁ ସମ୍ମାନିତ କରିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଇସିପିଆର ବିଗତ ୫ ଦଶକ ଧରି ଭାରତୀୟ ଜ୍ଞାନ ପ୍ରବାହକୁ ସମୃଦ୍ଧ କରିବା ଦିଗରେ ଲେଖନୀ ଚାଳନା ମାଧ୍ୟମରେ ବହୁତ ଯୋଗଦାନ ଦେଇଛ । ଆଜି ଯେତେବେଳେ ବିଶ୍ୱର ପୁରାତନ ସଭ୍ୟତାଗୁଡ଼ିକ ଧ୍ୱଂସାବଶେଷ କିମ୍ବା ପର୍ଯ୍ୟଟନ ସ୍ଥଳୀ ହୋଇସାରିଛି, ଭାରତରେ ଆଜି ବି ଅନେକ ଏପରି ଅନେକ ସ୍ଥାନ ଅଛି, ଯାହା ୩ରୁ ୪ ହଜାର ବର୍ଷ ଧରି ବାସସ୍ଥାନ ଭାବରେ ରହି ଆସିଛି । ଆମ ଦେଶରେ ମାନବ ସଭ୍ୟତାର ଇତିହାସ ରକ୍ ଆର୍ଟ୍



ରୂପରେ ମଧ୍ୟ ଦେଖାଯାଉଛି, ଯାହା ପ୍ରନିତ%୦ ବିଭାଗ ଅନୁସାରେ ୨୦ରୁ ୨୫ ହଜାର ବର୍ଷ ପୁରୁଣା ଇତିହାସକୁ ଦର୍ଶାଉଛି । ସେହି ଆଦିମାନବ କାଳରୁ ଏଆଇ ଯୁଗ ପର୍ଯ୍ୟନ୍ତ, ଆମର ଚିନ୍ତାଧାରା, ସାମାଜିକ ବ୍ୟବସ୍ଥା ଏବଂ ପଦ୍ଧତିଗୁଡ଼ିକର କେନ୍ଦ୍ରରେ ମନୁଷ୍ୟ ରହିଛି । ଏହି ସମସ୍ତ ବ୍ୟବସ୍ଥାର ମୂଳରେ ବିଜ୍ଞାନ ଏବଂ ଦର୍ଶନ ରହିଛି । ଏହି ଦର୍ଶନକୁ ଆଗକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଯୁଦ୍ଧ ଏକ ସମାଧାନ ନୁହେ । ଜାତୀୟ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନରେ ଏହି ମୌଳିକ ଦର୍ଶନକୁ ଆଧାର କରି ଆମର ମହାପୁରୁଷଙ୍କ ଜ୍ଞାନ ଭଣ୍ଡାରକୁ ଆଜିର ସମୟ ସହିତ ସମନ୍ୱୟ କରି ଭବିଷ୍ୟତର ପ୍ରବାହରେ ଯୁବପିଢ଼ି ଏବଂ ସମାଜକୁ ପ୍ରଭାବିତ କରିବା ଦାର୍ଶନିକମାନଙ୍କର କାମ । ଯେତେବେଳେ ଆମର ଆଜିର ଦାର୍ଶନିକ ସମୂହ ଏକବିଂଶ ଶତାବ୍ଦୀରେ ଭାରତୀୟ ଜ୍ଞାନ ପରମ୍ପରା ଉପରେ ଆଧାରିତ ବସୁଧୈବ କୁଟୁମ୍ବକମର ଭାବନାକୁ ଆଜିର ପ୍ରସଙ୍ଗ କରିବ, ସେତେବେଳେ ହିଁ ନୂଆ ଜାତୀୟ ଶିକ୍ଷା ନୀତିର ଗୁରୁତ୍ୱ ପ୍ରମାଣିତ ହେବ । ଆଇସିପିଆର ଭାରତୀୟ ଦର୍ଶନକୁ ଆଜିର ଆଧାରରେ ସମୟ ଅନୁସାରେ ଭବିଷ୍ୟତର ମାର୍ଗ ପ୍ରସ୍ତୁତ କରିବା ସହ ଏହି ଜ୍ଞାନ ମନ୍ଥନର ଅମୃତ ଦ୍ୱାରା ଦେଶକୁ ସମୃଦ୍ଧ କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।

# ସହର ପରିକ୍ରମା କଲା ବିକାଶ ବାହନ

ଖଣ୍ଡପଡ଼ା ,(ସବ୍ୟୁ) : ରାଜ୍ୟରେ ବିଜେପି ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ବ୍ୟାପୀ ବିକାଶ ବାହନ ପରିକ୍ରମା କରି ଲୋକଙ୍କୁ ସଚେତନ କରୁଛି । ଏ ଅବସରରେ ସୋମବାର ଦିନ ଖଣ୍ଡପଡ଼ା ଏନଏସି ପକ୍ଷରୁ ସୁସଜ୍ଜିତ ବିକାଶ ବାହାନ ସହରାଞ୍ଚଳର ବିଭିନ୍ନ ଓ୍ୱାର୍ଡ ପରିକ୍ରମା କରିଛ । ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଲୋକହିତକର ଯୋଜନାର ସଫଳ ରୂପାୟନ ସହ ବିକାଶର ବାର୍ତ୍ତା ନେଇ ଏହି ବିକାଶ ବାହନ ସହରବାସୀଙ୍କୁ ସଚେତନ କରିବାର ଲକ୍ଷ୍ୟ ରଖଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି । ସୋମବାର ପୂର୍ବାହ୍ନରେ ଏହି ବିକାଶ ବାହାନ ଏନଏସି କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇଥିବା ବେଳେ ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର ଏବଂ ଯୁବ ସମାଜସେବୀ ତଥା ଆଇନଜୀବୀ ବିଧାନ ଚନ୍ଦ୍ର ପ୍ରଧାନ ପ୍ରମୁଖ ପତାକା ଦେଖାଇ ବିକାଶ ବାହାନ ପରିକ୍ରମା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

## ଜିନ୍ଦଲ ଷ୍ଟେନଲେସ ଏନଏଏମସି ଆୱାର୍ଡ଼ରେ ପୁରସ୍କୃତ

# ରାଷ୍ଟ୍ର ନିର୍ମାଣରେ ଯୋଗଦାନ ପାଇଁ ଡାଇମଣ୍ଡ ଟ୍ରଫି, ଏକ୍ସେଲସିୟର ଆୱାର୍ଡ଼

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ ନିର୍ମାତା ଜିନ୍ଦଲ ଷ୍ଟେନଲେସ କ୍ରମାଗତ ତୃତୀୟ ବର୍ଷ ପାଇଁ ଜାତୀୟ ଉତ୍ପାଦନ ପ୍ରତିଯୋଗିତା (ଏନଏଏମସି)ରେ ପୁରସ୍କୃତ ହୋଇଛି। କ୍ରମାଗତ ତୃତୀୟ ବର୍ଷ ପାଇଁ ଗୋଲ୍ଡ ଆୱାର୍ଡ ପାଇବା ପରେ ଚଳିତ ସଂସ୍କରଣରେ କମ୍ପାନୀକୁ ସମ୍ମାନଜନକ ଡାଇମଣ୍ଡ ଟ୍ରଫି ପ୍ରଦାନ କରାଯାଇଥିଲା। ହିସାର ପ୍ଲାଣ୍ଟ ଷ୍ଟାଣ୍ଡାର୍ଡ ବର୍ଗରେ କ୍ରମାଗତ ୩ଟି ପୁରସ୍କାର ହାସଲ କରିବା ପରେ ଆତ୍ମନିର୍ଭର ନେସନ ବିଲ୍ଡର ଆୱାର୍ଡରେ ଏକ୍ସେଲସିୟ ବର୍ଗରେ ମଧ୍ୟ ସମ୍ମାନିତ ହୋଇଛି। ଏହି ସ୍ୱୀକୃତି ଜିନ୍ଦଲ ଷ୍ଟେନଲେସର ଉତ୍ପାଦନ ଉତ୍କର୍ଷତା ପ୍ରତି ନିରନ୍ତର ପ୍ରତିବଦ୍ଧତା ଏବଂ ରାଷ୍ଟ୍ର ନିର୍ମାଣରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଉଛି। ଜୁନ ୧୪ ତାରିଖରେ ମୁମ୍ବାଇର ଆଇଟିସି ମରାଠାରେ ଆୟୋଜିତ ଏକ ସମାରୋହରେ ବିଜୟ ବିନ୍ଦଲିଶ (ବରିଷ୍ଠ ଉପାଧ୍ୟକ୍ଷ ଏବଂ ୟୁନିଟ୍ ମୁଖ୍ୟ - ହିସାର), ସୁଶୀଲ ଜୈନ (ଏଭିପି ଏବଂ ମୁଖ୍ୟ - ଏସଏମଏସ ଏବଂ ଏଚଆରଏମ) ଏବଂ ଲକ୍ଷିତ ସେଠ (ଜିଏମ - ଓଇସି ଏବଂ ପରିଚାଳନା ପ୍ରତିନିଧି) ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ସଫଳତା ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ଏମଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି । ଷ୍ଟେନଲେସ୍ ଷ୍ଟିଲର ଅନ୍ତର୍ନିହିତ ଦୃଢ଼ତା, ସ୍ଥାୟୀତ୍ୱ ଏହାକୁ ଭବିଷ୍ୟତର ଧାତୁରେ ପରିଣତ କରିଛି। ଜିନ୍ଦଲ ଷ୍ଟେନଲେସରେ ଆମେ ଏହି ଭବିଷ୍ୟତକୁ ଆଗେଇ ନେବା ପାଇଁ ଆମର ପ୍ରତିବଦ୍ଧତାରେ ଅଟଳ ରହିଛୁ, ଯାହା ଆତ୍ମନିର୍ଭର ଭାରତର ପରିକଳ୍ପନା ସହିତ ସମନ୍ୱିତ ଅଟେ। ଆତ୍ମନିର୍ଭର ଭାରତ ଗଠନ ଏବଂ ଭାରତର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ



ଇସ୍ପାତ ଯୋଗାଇବା, ଏହାର ସବୁଜ ଲକ୍ଷ୍ୟକୁ ସାକାର କରିବା ଏବଂ ବୈଶ୍ୱିକ ଚାହିଦା ସହିତ ଖାପ ଖୁଆଇବାର କ୍ଷମତା ସହିତ ଆମର ଉତ୍ପାଦନ କାରଖାନା ଏହି ଯାତ୍ରାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଜିନ୍ଦଲ ଷ୍ଟେନଲେସ୍ ପାଇଁ ଏହି ପୁରସ୍କାର ପାଇବା ସମ୍ମାନର ବିଷୟ। ଏହି ଉପଲବ୍ଧି ଜିନ୍ଦଲ ଷ୍ଟେନଲେସ୍ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ସମର୍ପିତ, ଯେଉଁମାନେ ପ୍ରତିଦିନ ଉତ୍କର୍ଷତାର ନୂତନ ମାନଦଣ୍ଡ ସ୍ଥାପନ କରୁଛନ୍ତି ।ଙ୍କ୍ତଙ୍କଙ୍କ୍ଟଗ୍ଗ; ହିସାରର ଜିନ୍ଦଲ ଷ୍ଟେନଲେସର ୟୁନିଟ୍ ମୁଖ୍ୟ ତଥା ବରିଷ୍ଠ ଉପାଧ୍ୟକ୍ଷ ବିଜୟ ବିନ୍ଦଲିଶ ଏହି ସଫଳତା ସମ୍ପର୍କରେ କହିଛନ୍ତି । ଭାରତ ଏବଂ ସମଗ୍ର ବିଶ୍ୱରୁ ଷ୍ଟେନଲେସ୍ ଷ୍ଟିଲର ବଢୁଥିବା ଚାହିଦାକୁ ପୂରଣ କରିବା ଉପରେ ଆମେ ଗୁରୁତ୍ୱ ଦେଉଅଛୁ । ଅପରେସନାଲ ଉତ୍କର୍ଷତାରେ ନୂତନ ମାନଦଣ୍ଡ ସ୍ଥାପିତ କରିବା ଏବଂ ରାଷ୍ଟ୍ର ନିର୍ମାଣରେ ଯୋଗଦାନ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ । ଏହି ସ୍ୱୀକୃତି ଆମର ସାମୂହିକ ପ୍ରୟାସର ପ୍ରମାଣ ଦିଏ ଏବଂ ଆମକୁ ଏହି ମାର୍ଗରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ। ଇଂଟରନ୍ୟାସନାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଫର ମାନୁଫାକ୍ଚରିଂ (ଆଇଆରଆଇଏମ୍) ଦ୍ୱାରା ଆୟୋଜିତ ଏନଏଏମସି ଆୱାର୍ଡ ନବସୃଜନ, ପରିଚାଳନାଗତ ଦକ୍ଷତା ଏବଂ ସାମାଜିକ ଦାୟିତ୍ୱରେ ଉତ୍କର୍ଷତା ପ୍ରଦର୍ଶନ କରୁଥିବା ଉତ୍ପାଦନକାରୀ ସଂସ୍ଥାଗୁଡ଼ିକୁ ମାନ୍ୟତା ଦିଏ। ଡାଇମଣ୍ଡ ଟ୍ରଫି ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ପାଇଁ ସାମର୍ଥ୍ୟ ରଖିଥିବା ସଂସ୍ଥାଗୁଡ଼ିକୁ ପ୍ରଦାନ କରାଯାଏ ଏବଂ ଏକ୍ସେଲସିୟର୍ ବର୍ଗ ଆତ୍ମନିର୍ଭରଶୀଳତା ଓ ଶିଳ୍ପ ଅଭିବୃଦ୍ଧି ଦିଗରେ ଭାରତର ଯାତ୍ରାରେ ଦୀର୍ଘକାଳୀନ ପ୍ରଭାବଶାଳୀ ଯୋଗଦାନ ଦେଉଥିବା ଉଦ୍ୟୋଗଗୁଡ଼ିକୁ ସମ୍ମାନିତ କରିଥାଏ ।

# ଏନପିଟି ଛାଡିବ ଇରାନ

## ତିଆରି କରିବ ପରମାଣୁ ଅସ୍ତ୍ର

**ତେହେରାନ:** ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଗତ କିଛି ଦିନ ଧରି ଚାଲିଥିବା ଉତ୍ତେଜନା ଚରମରେ ପହଞ୍ଚିଛି । ଏସବୁ ମଧ୍ୟରେ ଏନପିଟିରୁ ବାହାରିବାକୁ ଇରାନ ଘୋଷଣା କରିଛି । ଏହା ଫଳରେ ପରମାଣୁ ଅସ୍ତ୍ର ତିଆରି ଦିଗରେ ଇରାନ ନିର୍ବିଘ୍ନରେ ଆଗେଇ ପାରିବ । ଇରାନର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଇରାନର ସଂସଦ ପରମାଣୁ ଅପ୍ରସାର ଚୁକ୍ତି (ଏନପିଟି) ରୁ ବାହାରିବା ପାଇଁ ଏକ ବିଲ୍ ପ୍ରସ୍ତୁତ କରୁଛି । ତଥାପି, ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ୍ ବାଘାଇ କହିଛନ୍ତି ଯେ ଆମେ ପରମାଣୁ ଅସ୍ତ୍ର ତିଆରି କରିବା ସପକ୍ଷରେ ନାହୁଁ ।



ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏନପିଟିରୁ ବାହାରିବା ସମ୍ପର୍କରେ ଇରାନ ସଂସଦ ଦ୍ୱାରା ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ । ତେବେ ଜଣେ ସାଂସଦ କହିଛନ୍ତି ଯେ ପ୍ରସ୍ତାବ ଆଇନଗତ ପ୍ରକ୍ରିୟାର ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି ।

ଗତ ସପ୍ତାହରେ, ଇରାନ କହିଥିଲା ଯେ ତେହେରାନ ପରମାଣୁ ବୋମା ତିଆରି କରିବାକୁ ଯାଉଛି । ଇରାନ ସର୍ବଦା କହିଛି ଯେ ଏହାର ପରମାଣୁ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ । ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ଗତ ସପ୍ତାହରେ ଘୋଷଣା କରିଥିଲା ଯେ ତେହେରାନ ଏହାର ଏନପିଟି ଦାୟିତ୍ୱ ଉଲ୍ଲଂଘନ କରୁଛି ।

# ଅହମ୍ମଦାବାଦ ଦୁର୍ଘଟଣା: ମିଳିଲା ଆଉ ଏକ ବ୍ଲାକ୍ ବକ୍ସ

**ଅହମଦାବାଦ:** ଦୁର୍ଘଟଣାଗ୍ରସ୍ତ ଏୟାର ଇଣ୍ଡିଆ ବିମାନର ଆଉ ଏକ ବ୍ଲାକ୍‌ବକ୍ସ ଉଦ୍ଧାର ହୋଇଛି । ଏଥିରୁ ବିମାନ ଦୁର୍ଘଟଣାର ପ୍ରକୃତ କାରଣ କଣ ଜଣାପଡିବ ବୋଲି ଆଶା କରାଯାଉଛି । କେଉଁ ପରିସ୍ଥିତିରେ ମାଟିରୁ ଉଠୁ ଉଠୁ ଘଟିଗଲା ଏମିତି ଦୁର୍ଘଟଣା ? ତାର କାରଣ ଖୋଜା ଚାଲିଥିବା ବେଳେ ଏତି ମଧ୍ୟରେ ମିଳିଲା ଦୁର୍ଘଟଣାଗ୍ରସ୍ତ ବିମାନର ଦ୍ୱିତୀୟ ବ୍ଲାକବକ୍ସ । ଅହମ୍ମଦାବାଦ ବିମାନ ଦୁର୍ଘଟଣା ସ୍ଥଳରୁ ଦ୍ୱିତୀୟ ବ୍ଲାକ ବକ୍ସ ଉଦ୍ଧାର କରିଛନ୍ତି ତଦନ୍ତକାରୀ ଟିମ୍ । କକପିଟ୍ ଭଏସ ରେକଡର ବା ସିଭିଆର ବ୍ଲାକ ବକ୍ସ ମିଳିଥିବା ସୂଚନା ମିଳିଛି । ଏହାଦ୍ୱାରା ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଉଛି ।

ସେପଟେ ବ୍ଲାକବକ୍ସ ଜବତ ହୋଇଥିବା ନେଇ ତଦନ୍ତକାରୀ ଅଧିକାରୀ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ରଙ୍କୁ ଅବଗତ କରିଛନ୍ତି । ଗତକାଲି ପିକେ ମିଶ୍ର ବିମାନ ଦୁର୍ଘଟଣା ସ୍ଥଳ ବୁଲି ଛାନଭିନ କରିବା ସହ ହସ୍ପିଟାଲରେ ଆହତମାନଙ୍କୁ ଭେଟିଥିଲେ । ପୂର୍ବରୁ ବିମାନ ଦୁର୍ଘଟଣାର ତଦନ୍ତରକାରୀ ଟିମ୍  ବିମାନ ଡାଟା ରେକର୍ଡର ଜବତ କରିଥିଲା । ଆଉ ଏବେ କକପିଟ୍ ଭଏସ ରେକର୍ଡର ଜତବ ହୋଇଛି । ଉଭୟ ବ୍ଲାକ ବକ୍ସ ଯଥା ଏଫଡିଆର ଏବଂ ସିଭିଆରକୁ ଠାବ କରିବା ସହ ସୁରକ୍ଷିତ ରଖଯାଇଛି ।



# ଭାରତ-ସାଇପ୍ରସ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼

**ନିକୋସିଆ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସାଇପ୍ରସ ଗଣରାଜ୍ୟର ରାଷ୍ଟ୍ରପତି ମହାମହିମ ନିକୋସ୍ କ୍ରିଷ୍ଟୋଡୋଲିଡେସଙ୍କ ସହ ଆନୁଷ୍ଠାନିକ ଆଲୋଚନା କରିଛନ୍ତି । ରାଷ୍ଟ୍ରପତି ଭବନରେ ପହଞ୍ଚିବା ପରେ, ପ୍ରଧାନମନ୍ତ୍ରୀଙ୍କୁ ରାଷ୍ଟ୍ରପତି କ୍ରିଷ୍ଟୋଡୋଲିଡେସ୍ ସ୍ୱାଗତ କରିଥିଲେ ଏବଂ ଏକ ଆନୁଷ୍ଠାନିକ ଅଭିବାଦନ ଜଣାଇଥିଲେ । ଗତକାଲି, ଏକ ସ୍ୱତନ୍ତ୍ର ସଂକେତ ସ୍ୱରୂପ, ପ୍ରଧାନମନ୍ତ୍ରୀଙ୍କୁ ବିମାନବନ୍ଦରରେ ରାଷ୍ଟ୍ରପତି କ୍ରିଷ୍ଟୋଡୋଲିଡେସ୍ ଭବ୍ୟ ସ୍ୱାଗତ କରିଥିଲେ, ଯାହା ଦୁଇ ରାଷ୍ଟ୍ର ମଧ୍ୟରେ ପାରସ୍ପରିକ ବିଶ୍ୱାସ ଏବଂ ନିବିଡ଼ ବନ୍ଧୁତାକୁ ପ୍ରତିଫଳିତ କରୁଛି ।



ଦୁଇ ନେତା ଭାରତ-ସାଇପ୍ରସ ସମ୍ପର୍କରେ ରହିଥିବା ସମାନ ମୂଲ୍ୟବୋଧକୁ ପୁନଃସ୍ଥାପିତ କରିଥିଲେ । ସେମାନେ ପରସ୍ପରର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ସମ୍ମାନ ଦେବା ପାଇଁ ସ୍ୱୀକୃତିକୁ ପୁନର୍ବାର ଦୋହରାଇଥିଲେ । ଏପ୍ରିଲ ୨୦୨୫ରେ ପହଲଗାମରେ ହୋଇଥିବା ବର୍ବର ଆତଙ୍କବାଦୀ ଆକ୍ରମଣର ଦୃଢ଼ ନିନ୍ଦା ଏବଂ ଆତଙ୍କବାଦ ବିରୋଧରେ ଭାରତକୁ ପ୍ରଦାନ କରାଯାଇଥିବା ଏକତା ଏବଂ ସମର୍ଥନ ପାଇଁ ପ୍ରଧାନମନ୍ତ୍ରୀ ସାଇପ୍ରସକୁ ଧନ୍ୟବାଦ ଜଣାଇଥିଲେ । ଏହା ଆତଙ୍କବାଦର ମୁକାବିଲା ପାଇଁ ଉଭୟ ଦେଶର ଦୃଢ଼ ପ୍ରତିବଦ୍ଧତାକୁ ସୂଚିତ କରୁଛି । ପ୍ରଧାନମନ୍ତ୍ରୀ ସାଇପ୍ରସର ଏକତା ଏବଂ ଜାତିସଂଘ ସୁରକ୍ଷା ପରିଷଦ ପ୍ରସ୍ତାବ, ଅନ୍ତର୍ଜାତୀୟ ଆଇନ ଏବଂ ଉଗ୍ର ଆକ୍ୱିସ୍ ଆଧାରରେ ସାଇପ୍ରସ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତର ସମର୍ଥନକୁ ମଧ୍ୟ ଦୋହରାଇଥିଲେ ।

ଉଭୟ ନେତା ବାଣିଜ୍ୟ ଓ ନିବେଶ, ବିଜ୍ଞାନ ଓ ଗବେଷଣା, ସାଂସ୍କୃତିକ ସହଯୋଗ ଏବଂ ଜନ ସମ୍ପର୍କ ସମେତ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗରେ ଚାଲିଥିବା ସହଯୋଗର ସମୀକ୍ଷା କରିଥିଲେ ଏବଂ ଫିନଟେକ୍, ଷ୍ଟାର୍ଟ-ଅପ୍, ପ୍ରତିରକ୍ଷା ଶିଳ୍ପ, ସଂଯୋଗୀକରଣ, ନବସୃଜନ, ଡିଜିଟାଲାଇଜେସନ୍, ଏଆଇ ଏବଂ ଗତିଶୀଳତା ଭଳି ନୂତନ କ୍ଷେତ୍ରରେ ସହଯୋଗ ପାଇଁ ମାର୍ଗ ଅନ୍ୱେଷଣ କରିଥିଲେ । ରଣନୈତିକ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ଦୁଇ ପକ୍ଷ ଏକ ପାଞ୍ଚ ବର୍ଷର କାର୍ଯ୍ୟଖସଡା ପ୍ରସ୍ତୁତ କରିବାକୁ ସହମତ ହୋଇଥିଲେ । ସେମାନେ ସାଇବର ଓ ସାମୁଦ୍ରିକ ସୁରକ୍ଷା ଆଲୋଚନା ଏବଂ ଆତଙ୍କବାଦ, ନିଶାଦ୍ରବ୍ୟ ଓ ଅସ୍ତ୍ରଶସ୍ତ୍ର ଚାଲାଣ ପ୍ରସଙ୍ଗରେ ସୂଚନାର ସମୟଭିତ୍ତିକ ଆଦାନପ୍ରଦାନ ପାଇଁ ଏକ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ମଧ୍ୟ ସହମତ ହୋଇଥିଲେ । ନେତାଦ୍ୱୟ ଜାନୁଆରୀ ୨୦୨୫ ରେ ସ୍ୱାକ୍ଷରିତ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ଯାହା ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଭାଗୀତାକୁ ସ୍ଥୂଳ ରୂପ ଦେବ । ସେମାନେ ଆର୍ଥିକ ସମ୍ପର୍କକୁ ଆହୁରି ନିବିଡ଼ କରିବା ପାଇଁ ଭାରତ-ଗ୍ରୀସ୍-ସାଇପ୍ରସ ବ୍ୟବସାୟ ଏବଂ ନିବେଶ ପରିଷଦ ପ୍ରତିଷ୍ଠାକୁ ସ୍ୱାଗତ କରିଥିଲେ । ଉଭୟ ନେତା ବ୍ୟବସାୟ, ପର୍ଯ୍ୟଟନ, ଜ୍ଞାନ ଏବଂ ନବସୃଜନ ସଂଯୋଗକୁ ସୁଦୃଢ଼ କରିବା ପାଇଁ ବିମାନ ସଂଯୋଗ ବୃଦ୍ଧି କରିବା ଉପରେ ମଧ୍ୟ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ଜୋର ଦେଇଥିଲେ ଯେ ଭାରତ ମଧ୍ୟ ପୂର୍ବ ୟୁରୋପ ଅର୍ଥନୈତିକ କରିଡର ଏହି କ୍ଷେତ୍ରରେ ଶାନ୍ତି ଏବଂ ସମୃଦ୍ଧି ଦିଗରେ ସହଯୋଗ ପ୍ରଦାନ କରିବ ।

ନେତାମାନେ ବହୁପାକ୍ଷିକତା ଏବଂ ଜାତିସଂଘ ସୁରକ୍ଷା ପରିଷଦ ସଂସ୍କାର ସମେତ ବିଶ୍ୱ ଶାସନ ପ୍ରତିଷ୍ଠାନର ସଂସ୍କାର ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃଦୋହରାଇଥିଲେ । ପ୍ରଧାନମନ୍ତ୍ରୀ ଏକ ସଂସ୍କାରିତ ଭାରତର ସ୍ଥାୟୀ ସଦସ୍ୟତା ପାଇଁ ସାଇପ୍ରସର ସମର୍ଥନକୁ ଦୋହରାଇଥବା ଯୋଗୁଁ ରାଷ୍ଟ୍ରପତି କ୍ରିଷ୍ଟୋଡୋଲିଡେସଙ୍କୁ ଧନ୍ୟବାଦ ଜଣାଇଥିଲେ । ସେମାନେ ପଶ୍ଚିମ ଏସିଆ ଏବଂ ୟୁରୋପରେ ଚାଲିଥିବା ଦ୍ୱନ୍ଦ୍ୱ ସମେତ ବିଶ୍ୱ ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିଥିଲେ ।

ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି କ୍ରିଷ୍ଟୋଡୋଲିଡସ୍‌ଙ୍କୁ ଭାରତ ଗସ୍ତ ପାଇଁ ଆମନ୍ତ୍ରଣ କରିଥିଲେ । ଏହି ଗସ୍ତ ସମୟରେ ନିକୋସିଆ ବିଶ୍ୱବିଦ୍ୟାଳୟରେ ଏକ ଭାରତ ଅଧ୍ୟୟନ ଚେୟାର ପ୍ରତିଷ୍ଠା ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ବୈଠକ ପରେ ଭାରତ-ସାଇପ୍ରସ୍ ସହଭାଗୀତା ଉପରେ ଏକ ମିଳିତ ଘୋଷଣାନାମା ଜାରି କରାଯାଇଥିଲା ।

## ପହଲଗାମ ଆକ୍ରମଣକୁ ଏଫଏଟିଏଫର ନିନ୍ଦା

**ନୂଆଦିଲ୍ଲୀ :** ଏପ୍ରିଲ ୨୨ରେ ପହଲଗାମରେ ହୋଇଥିବା ବର୍ବର ଆତଙ୍କବାଦୀ ଆକ୍ରମଣ ଉପରେ ବେଆଇନ ଅର୍ଥକାରବାର ଓ ଆତଙ୍କବାଦୀ ପାଣ୍ଠି ଯୋଗାଣ ଉପରେ ନଜର ରଖୁଥିବା ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ ବା ଏଫଏଟିଏଫ ଗମ୍ଭୀର ଚିନ୍ତା ପ୍ରକାଶ କରିଛି । ଏଫଏଟିଏଫ କହିଛି ଯେ ଆତଙ୍କବାଦୀମାନଙ୍କୁ ପାଣ୍ଠି ହସ୍ତାନ୍ତର ନ କରି ଏପରି ଆକ୍ରମଣ କରିବା ସମ୍ଭବ ନୁହେଁ । ଏହି ବୟାନ ମାଧ୍ୟମରେ ଏଫଏଟିଏଫ ସ୍ପଷ୍ଟ କରିଦେଇଛି ଯେ ଆତଙ୍କବାଦୀମାନଙ୍କୁ ପାଣ୍ଠି ଯୋଗାଣ ଜାରି ରହିଛି । ଏହି ଆକ୍ରମଣରେ ମୃତକଙ୍କ ପ୍ରତି ସମବେଦନା ଜଣାଇବା ସହିତ ଏହା ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଛି । ଏଫଏଟିଏଫ କହିଛି ଯେ ଆତଙ୍କବାଦୀମାନଙ୍କୁ ପାଣ୍ଠି ହସ୍ତାନ୍ତର ନ କରି ଏପରି ଆକ୍ରମଣ କରିବା ସମ୍ଭବ ନୁହେଁ । ଏହି ବୟାନ ମାଧ୍ୟମରେ ଏଫଏଟିଏଫ ସ୍ପଷ୍ଟ କରିଦେଇଛି ଯେ ଆତଙ୍କବାଦୀମାନଙ୍କୁ ପାଣ୍ଠି ଯୋଗାଣ ଜାରି ରହିଛି । ତେବେ ଏଫଏଟିଏଫ ନିଜର ଏହି ବୟାନକୁ କାର୍ଯ୍ୟାନୁଷ୍ଠାନରେ ପରିବର୍ତ୍ତନ କରିବ କି ନା ତାହା ଆଗକୁ ଜଣାପଡ଼ିବ । ତେବେ ଏହା ସତ ଯେ




ଏଫଏଟିଏଫ ଯଦି ପାକିସ୍ତାନକୁ ପୁଣି ଗ୍ରେ ଲିଷ୍ଟରେ ରଖେ ତେବେ ପାକିସ୍ତାନର ଆର୍ଥିକ ସ୍ଥିତି ଦେବାଳିଆ ହୋଇଯିବ ।

ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ କେବଳ ଭାରତକୁ ଥରାଇ ନଥିଲା, ବରଂ ଏହାର ପ୍ରତିଧ୍ୱନ ଏବେ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଶୁଣାଯାଇଥିଲା । ଏହାର ଜବାବରେ ଭାରତ ପାକିସ୍ତାନ ଉପରେ ଅପରେସନ ସିନ୍ଦୂର ମାଧ୍ୟମରେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଆକ୍ରମଣ କରିଥିଲା ।

# ବର୍ଷାରେ ବେହାଲ ନଭି ମୁମ୍ବାଇ

**ମୁମ୍ବାଇ:** ମହାରାଷ୍ଟ୍ରରେ ବର୍ଷାର ତାଣ୍ଡବ । ପ୍ରବଳ ବର୍ଷାରେ ଧସିଲା ରାସ୍ତା । ଗଡିଗଲା ପାଚେରୀ । ଲଗାଣ ବର୍ଷା ପରେ ମୁମ୍ବାଇରେ ନାହିଁ ନଥିବା ପରିସ୍ଥିତି ଦେଖିବାକୁ ମିଳିଥିବା ବେଳେ ନଭି ମୁମ୍ବାଇରେ ସ୍ଥିତି ପୂରା ସଙ୍ଗୀନ୍ ହୋଇଛି । ପ୍ରବଳ ବର୍ଷା କାରଣରୁ ମାଟି ଧସିବା ସହ ଏକ ମାର୍କେଟ୍ କମ୍ପ୍ଲେକ୍ସରେ ଭୁଶୁଡି ପଡିଛି ପାଚେରୀ ।

ହଠାତ୍ ପାଚେରୀ ଭାଙ୍ଗି ଯିବା ପରେ ପାର୍କିଂ ହୋଇଥିବା ଅନେକ ବାଇକ୍ କ୍ଷତିଗ୍ରସ୍ତ ହୋଇଛି । ତାସହ ଏବ ଚାରି ଚକିଆ ଗାଡ଼ି ମଧ୍ୟ ଦବି ଯାଇ ଅଧା ଢଳି ରହିଥିବା ଦେଖିବାକୁ ମିଳିଛି । ଗାଡି ପାର୍କିଂ କରି ଲୋକେ କିଣାକିଣି କରିବାକୁ ଭସି ପ୍ଲାଜାକୁ ଆସିଥିବା ବେଳେ ହଠାତ୍ ମାଟି ଧସିଯିବାରୁ ସମସ୍ତ ଗାଡି କ୍ଷତିଗ୍ରସ୍ତ ହୋଇଛି । ମହାରାଷ୍ଟ୍ରରେ ଲଗାଣ ବର୍ଷା ଜାରି ରହିଥିବାରୁ ଗାଡି ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଛି । ସେପଟେ କର୍ଣ୍ଣାଟକରେ ବନ୍ୟା ପରିସ୍ଥିତି ଉପୁଜିଛି । ଚାରିଆଡ ପାଣି ପାଣି ହୋଇଛି । ରାସ୍ତାରେ, ଘରେ, ଅଫିସରେ ସବୁଠି ପଶିଛି ପାଣି । ବର୍ଷାରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ମାଙ୍ଗାଲୋର ସହର । ସ୍ଥିତି ଏମିତି ହୋଇଛି ବନ୍ୟା ଭଳି ପରିସ୍ଥିତି ଉପୁଜିଛି । ଜଳର ତାଣ୍ଡବ ପାଇଁ ଲୋକେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି । ତେବେ ପ୍ରବଳ ବର୍ଷା ପରେ ରାସ୍ତା ନଈ ପାଲଟିଛି । କାର୍ ବୁଡିଛି, ବାଇକ୍ ଭାସି ଯାଇଛି, ଅଫିସରେ ପାଣି ପଶିଯାଇଛି । ପାଣିର ସୁଅ ଚାଲୁଥିବାରୁ ବିଭିନ୍ନ ଘର ଜଳବନ୍ଦୀ ହୋଇଛି ଆଉ ବାହ୍ୟ ଜଗତ ଠାରୁ ବିଚ୍ଛିନ୍ନ ହୋଇଛି । ରାସ୍ତା, ନଦୀ, ପୋଖରୀ ସବୁ ଏକାକାର ହେଇଯାଇଛି ।



# ଶୂନ୍ୟ କ୍ଷୟକ୍ଷତି ସରକାରଙ୍କ ଲକ୍ଷ୍ୟ: ଶାହ

**ନୂଆଦିଲ୍ଲୀ:** କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ସୋମବାର ନୂଆଦିଲ୍ଲୀରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ରିଲିଫ କମିଶନର ଏବଂ ବିପର୍ଯ୍ୟୟ ପ୍ରଶମନ ବାହିନୀର ବାର୍ଷିକ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ସମ୍ବୋଧିତ କରିଛନ୍ତି । ଏହି ଅବସରରେ ଗୃହ ରାଷ୍ଟ୍ରମନ୍ତ୍ର ନିତ୍ୟାନନ୍ଦ ରାୟ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଶ୍ରୀ ଗୋବିନ୍ଦ ମୋହନ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।



କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଗତ ଦୁଇ ବର୍ଷ ମଧ୍ୟରେ ରିଲିଫ ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ସମସ୍ତ ଏଜେନ୍ସିର କର୍ମଶାଳାକୁ ଗୋଟିଏ ମଞ୍ଚକୁ ଅଣାଯାଇଛି । ଯେଉଁଥିରେ 'ସମ୍ପୂର୍ଣ୍ଣ ସରକାର' ଆଭିମୁଖ୍ୟ ଗ୍ରହଣ କରାଯାଇଛି, ଯାହାଦ୍ୱାରା ଏକ ଥିଙ୍କ ଟ୍ୟାଙ୍କ୍ ଗଠନ କରାଯାଇ ଏକୀକୃତ ଭାବେ କାର୍ଯ୍ୟ କରାଯାଇପାରିବ । ସେ କହିଥିଲେ ଯେ ଏହା ତ୍ରୁଟିର ସମାଧାନ କରିବାରେ ଏବଂ ବିପର୍ଯ୍ୟୟ ମୁକାବିଲା ପାଇଁ ସମଗ୍ର ଦେଶକୁ ପ୍ରସ୍ତୁତ କରିବାରେ ସହାୟକ ହୋଇଛି । ଏହାବ୍ୟତୀତ, ଏକ ବହୁ-ଅଂଶୀଦାର ଆଭିମୁଖ୍ୟ ଏବଂ ଆନ୍ତଃ-ଏଜେନ୍ସି ସମନ୍ୱୟ ଫଳପ୍ରଦ ଭାବେ ହାସଲ କରାଯାଇଛି । ଏହି ପରମ୍ପରାକୁ ଆହୁରି ସୁଦୃଢ଼ କରାଯିବା ଉଚିତ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଅମିତ ଶାହ କହିଥିଲେ ଯେ ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ତାପମାତ୍ରା ବୃଦ୍ଧି କାରଣରୁ ସମଗ୍ର ବିଶ୍ୱ ଆଜି ବିପର୍ଯ୍ୟୟ ସମ୍ମୁଖୀନ ହେଉଛି । ସେ କହିଥିଲେ ଯେ ଗତ ୧୦ ବର୍ଷ ମଧ୍ୟରେ, ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ), ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନଡିଆରଏଫ) ଏବଂ ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ମେଣ୍ଟ (ସିଡିଆରଆଇ) ର ଯୋଗଦାନ କାରଣରୁ ଭାରତ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ନେତୃତ୍ୱ ଦିଗରେ ଅଗ୍ରସର ହେଉଛି । ସେ ଉଲ୍ଲେଖ କରିଥିଲେ ଯେ ଏନଡିଏମଏ ନୀତିଗତ ଢାଞ୍ଚା, ଗବେଷଣା, ବିଭିନ୍ନ ତାଲିମ ସାମଗ୍ରୀର ପ୍ରସାର, ଆପ୍ ବିକଶିତ କରିବା ଏବଂ ସାମଗ୍ରିକ ସମନ୍ୱୟ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏନଡିଆରଏଫ୍ ଦେଶବ୍ୟାପୀ ସ୍ୱୀକୃତି ଅର୍ଜନ କରିଛି, ଏକ ଦୃଢ଼ ଖ୍ୟାତି ଅର୍ଜନ କରିଛି ଏବଂ ସମ୍ମାନ ଅର୍ଜନ କରିଛି । ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସଡିଆରଏଫ୍) ମଧ୍ୟ ଏହି ଢାଞ୍ଚାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଶ୍ରୀ ଶାହ ଉଲ୍ଲେଖ କରିଥିଲେ ଯେ ଏନଡିଆରଏଫ୍ ନିଜର ମାନକ ଅନୁସାରେ ଏସଡିଆରଏଫ୍ କର୍ମଚାରୀଙ୍କୁ ତାଲିମ ଦେବା ଦିଗରେ ଯଥେଷ୍ଟ କାର୍ଯ୍ୟ କରିଛି ।

# ଇରାନରେ ଫସି ରହିଛନ୍ତି ଅନେକ ଭାରତୀୟ ଛାତ୍ର


**ତେହେରାନ:** ଇରାନରେ ଇସ୍ରାଏଲର ବିମାନ ଆକ୍ରମଣ ମଧ୍ୟରେ ଶହ ଶହ ଭାରତୀୟ ଡାକ୍ତରୀ ଛାତ୍ରଙ୍କ ଜୀବନ ସଂକଟରେ ପଡ଼ିଯାଇଛି । ଜୀବନ ବଞ୍ଚାଇବା ପାଇଁ ସେମାନେ ସେମାନଙ୍କ ଆପାର୍ଟମେଣ୍ଟର ବେସମେଣ୍ଟରେ ଲୁଚି ରହିଛନ୍ତି । ଗୁଳି ଫୁଟିବାର ଶବ୍ଦ, ବୋମା ବିସ୍ଫୋରଣର ଶବ୍ଦ ମଧ୍ୟରେ ଛାତ୍ରମାନେ ଦିନରାତି ଭୟ ଓ ଆତଙ୍କରେ ରହୁଛନ୍ତି । ଏହି ଭୟଙ୍କର ପରିସ୍ଥିତିରେ, ଭାରତୀୟ ଛାତ୍ରମାନେ ଭାରତ ସରକାରଙ୍କୁ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି ।



କାଶ୍ମୀରର କୁପଓ୍ୱାଡା ଜିଲ୍ଲାର ବାସିନ୍ଦା ଇମତିସାଲ ମୋହିଦିନ ତେହେରାନର ସହିଦ ବେହେସ୍ତି ବିଶ୍ୱବିଦ୍ୟାଳୟରେ ତୃତୀୟ ବର୍ଷର ଏମବିବିଏସ ଛାତ୍ର । ସେ କହିଛନ୍ତି, 'ମୁଁ ଶୁକ୍ରବାର ରାତି ସାଢେ ୨ଟା ରେ ଜୋରଦାର ବିସ୍ଫୋରଣ ଶବ୍ଦରେ ଉଠିଥିଲି । ମୁଁ ଭୟଭୀତ ହୋଇ ବେସମେଣ୍ଟକୁ ଦୌଡ଼ିଥିଲି । ସେବେଠାରୁ, ମୁଁ ଶାନ୍ତିରେ ଶୋଇ ପାରିଲି ନାହିଁ । ସେ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟ ଚାରିପାଖରେ ବିସ୍ଫୋରଣ ହେଉଛି ଏବଂ ମାତ୍ର ୫ କିଲୋମିଟର ଦୂରରେ ଗୋଟିଏ ବିସ୍ଫୋରଣ ହୋଇଥିଲା । ସହିଦ ବେହେସ୍ତି ବିଶ୍ୱବିଦ୍ୟାଳୟରେ ୩୫୦ରୁ ଅଧିକ ଭାରତୀୟ ଛାତ୍ର ପଢୁଛନ୍ତି । ଏବେ ସମସ୍ତେ ଆତଙ୍କମଧ୍ୟରେ ରହିବାକୁ ବାଧ୍ୟ ହେଉଛନ୍ତି । ବିଶ୍ୱବିଦ୍ୟାଳୟ ବନ୍ଦ ରହିଛି ଏବଂ ଛାତ୍ରମାନଙ୍କୁ ବାହାରକୁ ଯିବାକୁ ବାରଣ କରାଯାଇଛି । ଇମତିସାଲଙ୍କ ଅନୁସାରେ, ଆମେ ଏବେ ସାରା ଦିନ ଆପାର୍ଟମେଣ୍ଟର ବେସମେଣ୍ଟରେ ଲୁଚି ରହୁଛୁ । ସାରା ରାତି ବୋମା ମାଡ଼ର ଶବ୍ଦ ଶୁଣାଯାଉଛି । ଆମେ ତିନି ଦିନ ଧରି ଆଖି ବନ୍ଦ କରିନାହୁଁ ।

# ମଡେ଼ଲଙ୍କ ଗଳାକାଟି ହତ୍ୟା

**ସୋନିପତ:** ସୁଟିଂ ପାଇଁ ଡାକିଲେ, ଗଳା କାଟି କେନାଲରେ ଫିଙ୍ଗି ଦେଲେ । ସୋମବାର ସୋନିପତର ଏକ କେନାଲରେ ହରିୟାଣାର ଜଣେ ମଡେଲଙ୍କ ଗଳା କଟା ମୃତଦେହ ମିଳିଛି । ମୃତକଙ୍କ ନାମ ଶୀତଲ ବୋଲି ଜଣାପଡ଼ିବା ସହ ସେ ହରିୟାଣବୀ ସଙ୍ଗୀତ ଇଣ୍ଡଷ୍ଟ୍ରିରେ ମଡେଲ ଭାବରେ କାମ କରୁଥିଲେ ବୋଲି କୁହାଯାଉଛି । ନିର୍ମମ ହତ୍ୟାର କାରଣ ଏପର୍ଯ୍ୟନ୍ତ ଜଣାପଡିନଥିବା ବେଳେ ଅଭିଯୁକ୍ତ ବର୍ତ୍ତମାନ ଫେରାର ଥିବା ସାମ୍ନାକୁ ଆସିଛି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଶୀତଲ ତାଙ୍କ ଭଉଣୀ ନେହାଙ୍କ ସହିତ ପାଣିପତରେ ରହୁଥିଲେ । ଜୁନ୍ ୧୪ତାରିଖରେ ମଡେଲଜଣକ ଆହାର ଗାଁକୁ ସୁଟିଂ ପାଇଁ ଯାଇଥିଲେ । ସଠିକ୍ ସମୟରେ ସେ ଘରକୁ ନଫେରିବାରୁ, ପୀଡିତାଙ୍କ ଭଉଣୀ ପୁଲିସ ଷ୍ଟେସନରେ ଏକ ଅଭିଯୋଗ ଦାଖଲ କରିଥିଲେ । ତଦନ୍ତ ପରେ, ପୁଲିସ ଖଣ୍ଡା ଗାଁ ନିକଟସ୍ଥ ଏକ କେନାଲରେ ତାଙ୍କ ମୃତଦେହକୁ ଉଦ୍ଧାର କରିଥିଲା ।  ଏବେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି, ଏବଂ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି ବୋଲି ଅଧିକାରୀମାନେ କହିଛନ୍ତି । ଗତ ସପ୍ତାହରେ, ସୋସିଆଲ ମିଡିଆ ଇନଫ୍ଲୁଏନସର କମଲ କୌରଙ୍କ ମୃତଦେହ ଭଟିଣ୍ଡା-ଚଣ୍ଡିଗଡ଼ ଜାତୀୟ ରାଜପଥରେ ଥିବା ଆଦେଶ ମେଡିକାଲ ବିଶ୍ୱବିଦ୍ୟାଳୟର ପାର୍କିଂରେ ପାର୍କ ହୋଇଥିବା ଏକ କାରରୁ ମିଳିଥିଲା । ଲୁଧିଆନା ରେଜିଷ୍ଟ୍ରେସନ୍ ନମ୍ବର ପ୍ଲେଟ୍ ଥିବା ଏହି ଗାଡ଼ିରୁ ଦୁର୍ଗନ୍ଧ ବାହାରିବା ପରେ ଲୋକେ ପୁଲିସକୁ ଖବର ଦେଇଥିଲେ ।



# ଗମ୍ଭୀରଙ୍କ ଅନୁପସ୍ଥିତିରେ ଲକ୍ଷ୍ମଣଙ୍କୁ ଦାୟିତ୍ୱ



ମୁମ୍ବାଇ,୧୬।୬ (ଏଜେନ୍ସି): ମା'ଙ୍କ ହୃଦଘାତ ପାଇଁ ମୁଖ୍ୟ ପ୍ରଶିକ୍ଷକ ଗେତମ ଗମ୍ଭୀର ସ୍ୱଦେଶ ଫେରିବାକୁ ବାଧ୍ୟ ହେବା ପରେ ଇଂଲଣ୍ଡ ଶୃଙ୍ଖଳା ଲାଗି ଭାରତୀୟ ଦଳର ପ୍ରସ୍ତୁତିକୁ ତଦାରଖ କରିବେ ପୂର୍ବତନ ନିର୍ଭରଯୋଗ୍ୟ ବ୍ୟାଟର୍ ଭିଭିଏସ୍ ଲକ୍ଷ୍ମଣ। ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମିର ମୁଖ୍ୟ ଥିବା ଲକ୍ଷ୍ମଣ ସଂପ୍ରତି ଭାରତୀୟ ୧୯ବର୍ଷରୁ କମ୍ ଦଳର ଇଂଲଣ୍ଡ ଗସ୍ତ ଲାଗି ଲଣ୍ଡନରେ ଅଛନ୍ତି। ଏହି ଦଳର ମାର୍ଗଦର୍ଶନ କରୁଛନ୍ତି। ଏଥିରୁ କିଛି ସମୟ ବାହାର କରି ଭାରତୀୟ ଦଳ ପାଇଁ ବିନିଯୋଗ କରିବେ ଲକ୍ଷ୍ମଣ। ସୂଚନା ଅନୁସାରେ ଭାରତୀୟ ୧୯ବର୍ଷରୁ କମ୍ ଦଳ ଇଂଲଣ୍ଡ ୧୯ବର୍ଷରୁ କମ୍ ଦଳ ବିପକ୍ଷରେ ପାଞ୍ଚଟି ଦିନିକିଆ ଓ ଦୁଇଟି ଅଣଆନୁଷ୍ଠାନିକ ଟେଷ୍ଟ ଖେଳିବାର ଅଛି। ଏହି ଶୃଙ୍ଖଳାର ପ୍ରାକ୍ ପ୍ରସ୍ତୁତି ଲାଗି ଲକ୍ଷ୍ମଣ ସେଠାକୁ ଯାଇଥିଲା ବେଳେ ତାଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ କିଛି ଦିନ ପ୍ରସ୍ତୁତି କରିବ ବୋଲି ଜଣାପଡ଼ିଛି। କାରଣ ଭାରତ ୧୯ବର୍ଷରୁ କମ୍ ଓ ଇଂଲଣ୍ଡ ୧୯ବର୍ଷରୁ କମ୍ ଶୃଙ୍ଖଳା ଚଳିତ ଜୁନ୍ ୨୭ରୁ ଆରମ୍ଭ ହେବାର ଅଛି। ଅନ୍ୟପକ୍ଷରେ ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟ ଲିଡ୍ସରେ ୨୦ ତାରିଖରୁ ଆରମ୍ଭ ହେବ। ଉଭୟ ମ୍ୟାଚ୍ ଭିତରେ ୭ ଦିନର ବ୍ୟବଧାନ ଥିବାରୁ ଭାରତୀୟ ବରିଷ୍ଠ ଦଳ ସହ କିଛି ଦିନ କାମ କରିବାକୁ ଲକ୍ଷ୍ମଣଙ୍କୁ ବିସିସିଆଇ କହିଛି। ଗମ୍ଭୀରଙ୍କ ଅନୁପସ୍ଥିତିରେ ଲକ୍ଷ୍ମଣ ଭାରତୀୟ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବାର ଏହା ପ୍ରଥମ ଘଟଣା ନୁହେଁ। ଗତବର୍ଷ ଦକ୍ଷିଣ ଆଫ୍ରିକା ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ମଧ୍ୟ ଲକ୍ଷ୍ମଣ ଏକ ଦ୍ୱିତୀୟସ୍ତରୀୟ ଭାରତୀୟ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ସେ ମଧ୍ୟ ଗତବର୍ଷ ଜୁଲାଇରେ ଖେଳାଯାଇଥିବା ଜିମ୍ବାୱେ ବିପକ୍ଷ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ଭାରତୀୟ ଦଳର କାମଚଳା ପ୍ରଶିକ୍ଷକ ଥିଲେ। ସେହି ଗସ୍ତରେ ଏବେକାର ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ପ୍ରଥମ ଥର ଲାଗି କୌଣସି ଭାରତୀୟ ଦଳର ଅଧିନାୟକ ନିଯୁକ୍ତ ହୋଇଥିଲେ। ସେପଟେ ଗମ୍ଭୀରଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିଲେ ମଧ୍ୟ ସେ ଏବେବି ଆଇସିୟୁରେ ଅଛନ୍ତି। ସବୁକିଛି ଠିକ୍ ରହିଲେ ଗମ୍ଭୀର ଆସନ୍ତା ୧୯ କିମ୍ବା ୨୦ରେ ଦଳ ସହ ଯୋଗଦେଇପାରନ୍ତି।

## ବଲ ଟାମ୍ପରିଂ: ଅଶ୍ୱିନୀଙ୍କ ବିରୋଧରେ ଅଭିଯୋଗ

ସାଲେମ୍,୧୬।୬ (ଏଜେନ୍ସି): ଶନିବାର ଦିନ ସାଲେମରେ ମାଦୁରାଇ ପାନ୍ଥର୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ଆର ଅଶ୍ୱିନ ଏବଂ ତାଙ୍କ ଦଳ ଡିଣ୍ଡିଗୁଲ ଡ୍ରାଗନ୍ସ ବଲର ଅବସ୍ଥା ପରିବର୍ତ୍ତନ କରିବା ପାଇଁ ତଉଲିଆ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଡିଣ୍ଡିଗୁଲ ଦ୍ୱାରା ବଲ ଟ୍ୟାମ୍ପରିଂ ଅଭିଯୋଗ କରି ମାଦୁରାଇ ଫ୍ରାଞ୍ଚାଇଜ୍ ଲିଗ୍ ଆୟୋଜକଙ୍କ ନିକଟରେ ଏକ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରିଛି। ଏକ ମ୍ୟାଚ୍‌ରେ ମାଦୁରାଇ ପାନ୍ଥର୍ସ ଦ୍ୱାରା ଅଶ୍ୱିନଙ୍କ ଉପରେ ବଲ ଟ୍ୟାମ୍ପରିଂ ଅଭିଯୋଗ ଅଭିଯୋଗରେ ବଲ୍ ର ଅବସ୍ଥା ପରିବର୍ତ୍ତନ କରିବା ପାଇଁ ରାସାୟନିକ ଭାବରେ ଚିକିତ୍ସା କରାଯାଇଥିବା ତଉଲିଆ ବ୍ୟବହାର କରାଯାଇଥିବା ଅଭିଯୋଗ କରାଯାଇଛି। ମାଦୁରାଇଙ୍କୁ ଠୋସ୍ ପ୍ରମାଣ ସହିତ ସେମାନଙ୍କର ଦାବିକୁ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି ତାମିଲନାଡୁ ପ୍ରିମିୟର ଲିଗ୍‌ର ନବମ ସଂସ୍କରଣ ସମୟରେ ଆର୍ ଅଶ୍ୱିନ ଚର୍ଚ୍ଚାରେ ରହିଛନ୍ତି। ଜଣେ ପଡ଼ିଆ ଅମ୍ପାୟାରଙ୍କ ବିରୋଧରେ ଆକ୍ରୋଶ ପାଇଁ ନିଷେଧ ହେବାର କିଛି ଦିନ ପରେ, ଅଶ୍ୱିନଙ୍କ ଉପରେ ଏବେ ଏକ ଫ୍ରାଞ୍ଚାଇଜ୍ ଦ୍ୱାରା ବଲ ଟ୍ୟାମ୍ପରିଂ ଅଭିଯୋଗ ଆସିଛି। ଦି ଇଣ୍ଡିଆନ୍ ଏକ୍ସପ୍ରେସ୍ ଅନୁଯାୟୀ, ଆଠଟି ଦଳ ମଧ୍ୟରୁ ସିକେମ୍ ମାଦୁରାଇ ପାନ୍ଥର୍ସ – ଶନିବାର, ୧୪ ଜୁନ୍ ରେ ସାଲେମର ଗଇଏ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଉଥିବା ମ୍ୟାଚ୍ ସମୟରେ ଅଶ୍ୱିନ ଏବଂ ତାଙ୍କ ଦଳ, ଡିଣ୍ଡିଗୁଲ୍ ଡ୍ରାଗନ୍ସଙ୍କ ଉପରେ ବଲ୍ ଟ୍ୟାମ୍ପରିଂ କରିଥିବା ଅଭିଯୋଗ କରିଛି। ଏକ ଲିଖିତ ଅଭିଯୋଗରେ, ମାଦୁରାଇ ପାନ୍ଥର୍ସ ଅଭିଯୋଗ କରିଛି ଯେ ଅଶ୍ୱିନ ଏବଂ ତାଙ୍କ ଦଳ ବଲର ଅବସ୍ଥା ପରିବର୍ତ୍ତନ କରିବା ପାଇଁ ରାସାୟନିକ ପଦାର୍ଥ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ସେମାନେ ଏହା ମଧ୍ୟ ଦାବି କରିଛନ୍ତି ଯେ ବାରମ୍ବାର ଚେତାବନୀ ସତ୍ତ୍ୱେ ଟ୍ୟାମ୍ପରିଂ ଜାରି ରହିଛି।

# ସେପ୍ଟେମ୍ବର ୩୦ରୁ ମହିଳା ବିଶ୍ୱକପ କ୍ରିକେଟ୍

## ଉଦ୍‌ଘାଟନୀ ମ୍ୟାଚରେ ଭାରତ-ଶ୍ରୀଲଙ୍କା ମୁକାବିଲା




ନୂଆଦିଲ୍ଲୀ,୧୬।୬ (ଏଜେନ୍ସି): ମହିଳା କ୍ରିକେଟ ବିଶ୍ୱକପ୍ ୨୦୨୫ ସେପ୍ଟେମ୍ବର ୩୦ରେ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟ ଭାରତ ଏବଂ ଶ୍ରୀଲଙ୍କାର ପାଞ୍ଚଟି ସ୍ଥାନରେ ଅନୁଷ୍ଠିତ ହେବ। ଭାରତ ଶ୍ରୀଲଙ୍କା ବିପକ୍ଷରେ ୫୦ ଓଭର ଟୁର୍ଣ୍ଣାମେଣ୍ଟର ୧୩ତମ ସଂସ୍କରଣ ଆରମ୍ଭ କରିବ। ଆନ୍ତର୍ଜାତୀୟ କ୍ରିକେଟ ପରିଷଦ ଆନୁଷ୍ଠାନିକ ଭାବରେ ମହିଳା କ୍ରିକେଟ ବିଶ୍ୱକପ୍ ୨୦୨୫ ପାଇଁ ପୂର୍ଣ୍ଣ କାର୍ଯ୍ୟସୂଚୀ ପ୍ରକାଶ କରିଛି, ଯାହା ଭାରତ ଏବଂ ଶ୍ରୀଲଙ୍କା ଦ୍ୱାରା ୩୦ ସେପ୍ଟେମ୍ବରରୁ ୨ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ମିଳିତ ଭାବରେ ଅନୁଷ୍ଠିତ ହେବ।

ଆୟୋଜକ ଭାରତ ଏମ୍. ଚିନ୍ନାସ୍ୱାମୀରେ ଶ୍ରୀଲଙ୍କା ବିପକ୍ଷରେ ୫୦ ଓଭର ଟୁର୍ଣ୍ଣାମେଣ୍ଟର ୧୩ତମ ସଂସ୍କରଣ ଆରମ୍ଭ କରିବ। ଆଠ ଦଳ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ରାଉଣ୍ଡ-ରବିନ୍ ଫର୍ମାଟ୍ ଅନୁସରଣ କରିବ, ଯେଉଁଠାରେ ପ୍ରତ୍ୟେକ ଦଳ ଥରେ ଅନ୍ୟ ଦଳ ସହିତ ମୁକାବିଲା କରିବ। ଗ୍ରୁପ୍ ପର୍ଯ୍ୟାୟ ଶେଷରେ ଶ୍ରେଷ୍ଠ ଚାରି ଦଳ ସେମିଫାଇନାଲ୍‌କୁ ଉନ୍ନୀତ ହେବେ।

ସମସ୍ତ ଦଳ ୨୪ ସେପ୍ଟେମ୍ବରରୁ ଆରମ୍ଭ ହେଉଥିବା ଦୁଇଟି ୱାର୍ମ-ଅପ୍ ମ୍ୟାଚ୍‌ରେ ମଧ୍ୟ ଅଂଶଗ୍ରହଣ କରିବେ। ଭାରତ ୨୪ ସେପ୍ଟେମ୍ବରରେ ବେଙ୍ଗାଲୁରୁରେ ଇଂଲଣ୍ଡ ସହିତ ମୁକାବିଲା କରିବାକୁ ଯାଉଛି, ତା'ପରେ ୨୭ ସେପ୍ଟେମ୍ବରରେ ଗୌହାଟିରେ ଦକ୍ଷିଣ ଆଫ୍ରିକା ସହିତ ମୁକାବିଲା ହେବ।

ଏହା ଆଇସିସି ମହିଳା ଏକଦିବସୀୟ ବିଶ୍ୱକପର ୧୩ତମ ସଂସ୍କରଣ ହେବ, ଯେଉଁଥିରେ ଆଠଟି ଦଳ ସାମିଲ ହେବେ।ଏହି ଟୁର୍ଣ୍ଣାମେଣ୍ଟ ଏକକ ରାଉଣ୍ଡ-ରବିନ୍ ଫର୍ମାଟରେ ଅନୁଷ୍ଠିତ ହେବ, ପ୍ରତ୍ୟେକ ଦଳ ଅନ୍ୟ ସାତଟି ଦଳ ସହିତ ଥରେ ଖେଳିବେ। ଗ୍ରୁପ ପର୍ଯ୍ୟାୟ ଶେଷରେ ଶ୍ରେଷ୍ଠ ଚାରିଟି ଦଳ ସେମିଫାଇନାଲକୁ ଯିବେ।

ଶୀର୍ଷ ସ୍ଥାନ ଅଧିକାର କରିଥିବା ଦଳ ପ୍ରଥମ ସେମିଫାଇନାଲରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ସହିତ ମୁକାବିଲା କରିବ। ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳ ଦ୍ୱିତୀୟ ସେମିଫାଇନାଲରେ ସାକ୍ଷାତ କରିବେ।

## ବିଶ୍ୱକପ୍ ସୂଚୀ

ସେପ୍ଟେମ୍ବର ୩୦ ଭାରତ ବନାମ ଶ୍ରୀଲଙ୍କା – ବେଙ୍ଗାଲୁରୁ, ଅପରାହ୍ନ ୩ଟା
ଅକ୍ଟୋବର ୧ : ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲ୍ୟାଣ୍ଡ – ଇନ୍ଦୋର, ଅପରାହ୍ନ ୩ଟା
ଅକ୍ଟୋବର ୨: ବାଂଲାଦେଶ ବନାମ ପାକିସ୍ତାନ – କଲମ୍ବୋ , ଅପରାହ୍ନ ୩ଟା
ଅକ୍ଟୋବର ୩: ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା – ବେଙ୍ଗାଲୁରୁ , ଅପରାହ୍ନ ୩ଟା
ଅକ୍ଟୋବର ୪: ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା – କଲମ୍ବୋ , ଅପରାହ୍ନ ୩ଟା
ଅକ୍ଟୋବର ୫: ଭାରତ ବନାମ ପାକିସ୍ତାନ – କଲମ୍ବୋ , ଅପରାହ୍ନ ୩ଟା
ଅକ୍ଟୋବର ୬: ନ୍ୟୁଜିଲ୍ୟାଣ୍ଡ ବନାମ ଦକ୍ଷିଣ ଆଫ୍ରିକା – ଇନ୍ଦୋର , ଅପରାହ୍ନ ୩ଟା
୭ ଅକ୍ଟୋବର: ଇଂଲଣ୍ଡ ବନାମ ବାଂଲାଦେଶ – ଗୌହାଟି , ଅପରାହ୍ନ ୩ଟା
୮ ଅକ୍ଟୋବର : ଅଷ୍ଟ୍ରେଲିଆ ବନାମ ପାକିସ୍ତାନ – କଲମ୍ବୋ , ଅପରାହ୍ନ ୩ଟା
୯ ଅକ୍ଟୋବର: ଭାରତ ବନାମ ଦକ୍ଷିଣ ଆଫ୍ରିକା –ବିଶାଖାପାଟଣା , ଅପରାହ୍ନ ୩ଟା
୧୦ ଅକ୍ଟୋବର: ନ୍ୟୁଜିଲ୍ୟାଣ୍ଡ ବନାମ ବାଂଲାଦେଶ – ବିଶାଖାପାଟଣା , ଅପରାହ୍ନ ୩ଟା
୧୧ ଅକ୍ଟୋବର: ଇଂଲଣ୍ଡ ବନାମ ଶ୍ରୀଲଙ୍କା – ଗୌହାଟି , ଅପରାହ୍ନ ୩ଟା
୧୨ ଅକ୍ଟୋବର: ଭାରତ ବନାମ ଅଷ୍ଟ୍ରେଲିଆ – ବିଶାଖାପାଟଣା , ଅପରାହ୍ନ ୩ଟା
୧୩ ଅକ୍ଟୋବର : ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ – ବିଶାଖାପାଟଣା , ଅପରାହ୍ନ ୩ଟା
୧୪ ଅକ୍ଟୋବର: ନ୍ୟୁଜିଲ୍ୟାଣ୍ଡ ବନାମ ଶ୍ରୀଲଙ୍କା – କଲମ୍ବୋ , ଅପରାହ୍ନ ୩ଟା
ଅକ୍ଟୋବର ୧୫: ଇଂଲଣ୍ଡ ବନାମ ପାକିସ୍ତାନ – କଲମ୍ବୋ , ଅପରାହ୍ନ ୩ଟା
ଅକ୍ଟୋବର ୧୬: ଅଷ୍ଟ୍ରେଲିଆ ବନାମ ବାଂଲାଦେଶ – ବିଶାଖାପାଟଣା , ଅପରାହ୍ନ ୩ଟା
ଅକ୍ଟୋବର ୧୭ : ଦକ୍ଷିଣ ଆଫ୍ରିକା ବନାମ ଶ୍ରୀଲଙ୍କା – କଲମ୍ବୋ , ଅପରାହ୍ନ ୩ଟା
ଅକ୍ଟୋବର ୧୮: ନ୍ୟୁଜିଲ୍ୟାଣ୍ଡ ବନାମ ପାକିସ୍ତାନ – କଲମ୍ବୋ , ଅପରାହ୍ନ ୩ଟା
ଅକ୍ଟୋବର ୧୯ : ଭାରତ ବନାମ ଇଂଲଣ୍ଡ – ଇନ୍ଦୋର , ଅପରାହ୍ନ ୩ଟା
ଅକ୍ଟୋବର ୨୦: ଶ୍ରୀଲଙ୍କା ବନାମ ବାଂଲାଦେଶ – କଲମ୍ବୋ , ଅପରାହ୍ନ ୩ଟା
ଅକ୍ଟୋବର ୨୧: ଦକ୍ଷିଣ ଆଫ୍ରିକା ବନାମ ପାକିସ୍ତାନ – କଲମ୍ବୋ , ଅପରାହ୍ନ ୩ଟା
ଅକ୍ଟୋବର ୨୨: ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ –ଇନ୍ଦୋର , ଅପରାହ୍ନ ୩ଟା
ଅକ୍ଟୋବର ୨୩ : ଭାରତ ବନାମ ନ୍ୟୁଜିଲାଣ୍ଡ–ଗୌହାଟୀ, ଅପରାହ୍ନ ୩ଟା
ଅକ୍ଟୋବର ୨୪: ପାକିସ୍ତାନ ବନାମ ଶ୍ରୀଲଙ୍କା–କଲମ୍ବୋ , ଅପରାହ୍ନ ୩ଟା
ଅକ୍ଟୋବର ୨୫: ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା– ଇନ୍ଦୋର , ଅପରାହ୍ନ ୩ଟା
ଅକ୍ଟୋବର ୨୬: ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ– ଗୌହାଟୀ , ପୂର୍ବାହ୍ନ ୧୧ଟା
ଅକ୍ଟୋବର ୨୬: ଭାରତ ବନାମ ବାଂଲାଦେଶ– ବେଙ୍ଗାଲୁରୁ , ଅପରାହ୍ନ ୩ଟା
ଅକ୍ଟୋବର ୨୯: ପ୍ରଥମ ସେମିଫାଇନାଲ ଗୌହାଟୀ/କଲମ୍ବୋ , ଅପରାହ୍ନ ୩ଟା
ଅକ୍ଟୋବର ୩୦: ଦ୍ୱିତୀୟ ସେମିଫାଇନାଲ– ବେଙ୍ଗାଲୁରୁ , ଅପରାହ୍ନ ୩ଟା
ନଭେମ୍ବର ୨: ଫାଇନାଲ– କଲମ୍ବୋ/ବେଙ୍ଗାଲୁରୁ , ଅପରାହ୍ନ ୩ଟା

# କୁଲଦୀପଙ୍କ ନିର୍ବନ୍ଧ ଭାଙ୍ଗିଲା !



ନୂଆଦିଲ୍ଲୀ,୧୬।୬ (ଏଜେନ୍ସି): ଟିମ୍ ଇଣ୍ଡିଆର ଷ୍ଟାର ବୋଲର କୁଲଦୀପ ଯାଦବ ଆଇପିଏଲ ଶେଷ ହେବା ପରେ ତାଙ୍କ ପିଲାଦିନର ବନ୍ଧୁ ବଂଶିକାଙ୍କ ସହ ନିର୍ବନ୍ଧ କରିଥିଲେ। ଲକ୍ଷ୍ନୌରେ ହୋଇଥିବା ଏହି ନିର୍ବନ୍ଧର ଅନେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ପରେ କୁଲଦୀପ ଇଂଲଣ୍ଡ ଗସ୍ତରେ ଚାଲିଯାଇଥିଲେ, ଯେଉଁଠାରେ ଜୁନ୍ ୨୦ରୁ ୫ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ହେଉଛି। କିନ୍ତୁ ସେଠାକୁ ଯିବା ପରେ, କୁଲଦୀପ ଯାଦବ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ତାଙ୍କ ନିର୍ବନ୍ଧର ଫଟୋଗୁଡ଼ିକୁ ଡିଲିଟ୍ କରିଦେଇଥିବା ଦେଖାଯାଇଛି।

କୁଲଦୀପ ଯାଦବ ଇନଷ୍ଟାଗ୍ରାମରେ ବଂଶିକାଙ୍କ ସହିତ ଏକ ଫଟୋ ସେୟାର କରିଥିଲେ, ଯାହାକୁ ସେ କିଛି ସମୟ ପରେ ହଟାଇ ଦେଇଥିଲେ। ନିର୍ବନ୍ଧ ଭାଙ୍ଗିବାରୁ ସେ ଏହା କରିଛନ୍ତି ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି, ତାହା ଜଣାପଡ଼ିନାହିଁ। ଜୁନ୍ ୪ ତାରିଖରେ ଅନୁଷ୍ଠିତ କୁଲଦୀପ ଯାଦବଙ୍କ ନିର୍ବନ୍ଧରେ ଅନେକ କ୍ରିକେଟର ମଧ୍ୟ ଯୋଗ ଦେଇଥିଲେ। ହଟାଯାଇଥିବା ଫଟୋରେ କୁଲଦୀପ୍ କଳା ରଙ୍ଗର ପୋଷାକ ପିନ୍ଧିଥିବା ବେଳେ ତାଙ୍କ ଭାବି ପତ୍ନୀ ଧଳା ରଙ୍ଗର ଗାଉନ୍ ପିନ୍ଧିଥିବା ଦେଖାଯାଇଥିଲା।

## ଡିଭିଲିୟର୍ସଙ୍କ ଉପରେ ରାଗି ଥିଲେ କୋହଲି

ନୂଆଦିଲ୍ଲୀ,୧୬।୬ (ଏଜେନ୍ସି): ବିରାଟ କୋହଲି ଏବଂ ଏବି ଡିଭିଲିୟର୍ସ ଉଭୟ ବହୁତ ଭଲ ବନ୍ଧୁ। ସମ୍ପ୍ରତି, ଯେତେବେଳେ ଆରସିବି ଆଇପିଏଲ ୨୦୨୫ ଟାଇଟଲ୍ ଜିତିଥିଲା, ଡିଭିଲିୟର୍ସ ତାଙ୍କ ପୁରୁଣା ଦଳକୁ ସମର୍ଥନ କରିବା ପାଇଁ ଅହମ୍ମଦାବାଦ ପହଞ୍ଚିଥିଲେ। ବିରାଟ ଏବଂ ଡିଭିଲିୟର୍ସଙ୍କୁ ବହୁ ବର୍ଷ ଧରି ଆରସିବି ପାଇଁ ଖେଳୁଥିବାର ଦେଖାଯାଇଥିଲା। କିନ୍ତୁ ଏପରି ଏକ ସମୟ ଆସିଥିଲା ଯେତେବେଳେ ବିରାଟ ତାଙ୍କ ବନ୍ଧୁ ଡିଭିଲିୟର୍ସଙ୍କ ସହ କଥାବାର୍ତ୍ତା ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ଏହା ପୂର୍ବତନ ଦକ୍ଷିଣ ଆଫ୍ରିକାର ମହାନ ଖେଳାଳି ନିଜେ ପ୍ରକାଶ କରିଛନ୍ତି। ସେ ଏହା ମଧ୍ୟ କହିଥିଲେ ଯେ ବିରାଟ ଏପରି କାହିଁକି କରିଥିଲେ। ପ୍ରକୃତରେ, ବ୍ୟକ୍ତିଗତ କାରଣରୁ ଗତ ବର୍ଷ ଇଂଲଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜରୁ ବିରାଟ କୋହଲି ତାଙ୍କ ନାମ ପ୍ରତ୍ୟାହାର କରି ନେଇଥିଲେ। ସେହି ସମୟରେ, ପ୍ରଶଂସକମାନେ ବିରାଟ କୋହଲିଙ୍କ ଏହି ନିଷ୍ପତ୍ତିକୁ ପସନ୍ଦ କରିନଥିଲେ ଏବଂ ତାଙ୍କୁ ବହୁତ ଟ୍ରୋଲ୍ ମଧ୍ୟ କରାଯାଇଥିଲା। ସେହି ସମୟରେ, ଡିଭିଲିୟର୍ସ ବିରାଟ କୋହଲିଙ୍କ ସମର୍ଥନରେ ବାହାରି ଆସିଥିଲେ। ସେ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ କହିଥିଲେ ଯେ କୋହଲି ଇଂଲଣ୍ଡ ସିରିଜରେ ଖେଳୁନାହାନ୍ତି କାରଣ ସେ ଏବଂ ତାଙ୍କ ପତ୍ନୀ ଅନୁଷ୍କା ଶର୍ମା ସେମାନଙ୍କର ଦ୍ୱିତୀୟ ସନ୍ତାନ ପାଇଁ ଯୋଜନା କରୁଛନ୍ତି। ଡିଭିଲିୟର୍ସଙ୍କ ଏହି ବୟାନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସମ୍ପ୍ରତି ଏକ ସାକ୍ଷାତକାରରେ, ଡିଭିଲିୟର୍ସ କହିଥିଲେ ଯେ ବିରାଟ ଗତ ଛଅ ମାସ ଧରି ତାଙ୍କ ସହିତ ଯୋଗାଯୋଗରେ ଅଛନ୍ତି। ଭଗବାନଙ୍କୁ ଧନ୍ୟବାଦ ! କାରଣ ଯେତେବେଳେ ସେ ଭୁଲବଶତଃ ତାଙ୍କ ଦ୍ୱିତୀୟ ସନ୍ତାନ ଆଶା କରିବାର ଖବର ସେୟାର କରିଥିଲେ। ସେତେବେଳେ ମୁଁ ଏକ ବଡ଼ ଭୁଲ କରିଥିଲି। ତେଣୁ ଯେତେବେଳେ ବିରାଟ ତାଙ୍କ ସହ ପୁଣି କଥାବାର୍ତ୍ତା ଆରମ୍ଭ କଲେ, ଏହା ଡିଭିଲିୟର୍ସଙ୍କୁ ବହୁତ ଆଶ୍ୱସ୍ତି ଦେଇଥିଲା।

## ଆରସି ହାଇସ୍କୁଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ୟୁନିଟ ଟ୍ରଫି ଜିତିଲେ ରାଜନେତା ଏକାଦଶ



ଖଣ୍ଡପଡ଼ା,୧୬।୬ (ସବ୍ୟୁ): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମଧୁବନ ମିନି ଷ୍ଟାଡିୟମ ପରିସରରେ ଟେନଷ୍ଟାର କ୍ଲବ ପକ୍ଷରୁ ଆୟୋଜିତ ଆରସି ହାଇସ୍କୁଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅବସରରେ ଏକ ୟୁନିଟ ଟ୍ରଫି (ବନ୍ଧୁତ୍ୱପୂର୍ଣ୍ଣ) ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ଆୟୋଜିତ ମ୍ୟାଚ ସାମ୍ବାଦିକ ଏକାଦଶ ଏବଂ ରାଜନେତା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଜନେତା ଏକାଦଶ ୭୮ ରନ ବ୍ୟବଧାନରେ ସାମ୍ବାଦିକ ଏକାଦଶକୁ ପରାସ୍ତ କରି ବିଜୟୀ ହୋଇଥିଲେ। ପ୍ରଥମେ ଟସ୍ ଜିତି ରାଜନେତା ଏକାଦଶ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ଗୋଟି ୱିକେଟ ହରାଇ ୧୩୨ ରନ୍ ସଂଗ୍ରହ କରିଥିଲେ। ଜବାବରେ ସାମ୍ବାଦିକ ଏକାଦଶ ୯ ଓଭରରେ ସମସ୍ତ ୱିକେଟ ହରାଇ ୫୪ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇ ପରାଜୟ ବରଣ କରିଥିଲେ। ଆଜିର ୟୁନିଟ ଟ୍ରଫି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର ଯୋଗଦେଇ ଉଦଘାଟନ କରିଥିଲେ। ଜବାର ଖାଁ ଏବଂ ଗାଭାସ୍କର ମହାନ୍ତି ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। କ୍ରୀଡ଼ା ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିବା ବେଳେ ଶ୍ରୀନିବାସ ଦଳେଇ ଧାରାବିବରଣୀ ପ୍ରଦାନ କରିଥିଲେ। ତେବେ ଆଜିର ୟୁନିଟ ଟ୍ରଫି ମ୍ୟାଚରେ ବିଶେଷ ଆକର୍ଷଣ ଭାବେ ରାଜନେତା ଏକାଦଶ ପକ୍ଷରୁ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଏବଂ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ଖେଳ ଦେଖିବାକୁ ଷ୍ଟାଡିୟମରେ ସଂଖ୍ୟାଧିକ କ୍ରୀଡ଼ାପ୍ରେମୀଙ୍କ ସମାଗମ ହୋଇଥିଲା।

# ଡିଆରକେ କପ୍ ଦିବାରାତ୍ର କ୍ରିକେଟ୍: କୋର ହାଣ୍ଟର୍ସ ଚାମ୍ପିଅନ

ବାରିପଦା,୧୬।୬ (ସବ୍ୟୁ): ମଧୁବନ ମିନି ଷ୍ଟାଡିୟମରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡିଆରକେ କପ ଦିବାରାତ୍ର ୨୦-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୧୨ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ କୋର ହାଣ୍ଟର୍ସ ୩୫ ରନ୍‌ରେ ରାଫେଲ ରକେଟ୍ସକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି କୋର ହାଣ୍ଟର୍ସ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୭୨ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସୌମ୍ୟ ରଞ୍ଜନ ବିଶ୍ୱାଳ ୪୮, ଦିବ୍ୟରଞ୍ଜନ ଦାସ ୩୬, ଦିବ୍ୟଲୋଚନ ଦାସ ୩୧ ଓ ଦିବ୍ୟେଶ ମହାନ୍ତି ୨୪ରନ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳର ସିଦ୍ଧାର୍ଥ ସିହ୍ନା, ପ୍ରୀତିଦେବ ଜେନା ଓ ନିର୍ବିଶଙ୍କର ବାରିକ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ଉତ୍ତରରେ ରାଫେଲ ରକେଟ୍ସ ୨୦ଓଭରରେ ୬ ୱିକେଟ୍ ହରାଇ ୧୩୭ ରନ ସଂଗ୍ରହ କରିପାରିଥିଲେ। ଦଳ ପକ୍ଷରୁ ପ୍ରୀତପାଲ ସିଂହ ୩୪ ଓ ଅମିତ ପରିଡା ୨୫ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳର ଦିବ୍ୟେଶ ମହାନ୍ତି ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଅମ୍ପାୟାର ଆଶୁତୋଷ ପାଣି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବାବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ବୁବୁ ସିହ୍ନା ଧାରା ବିବରଣୀ ପ୍ରଦାନ କରିଥିଲେ। ଚମ୍ପିୟାନ ଦଳକୁ ୮୦ହଜାର ଟଙ୍କା ଓ ଟ୍ରଫି ଓ ରନର୍ସ ଆପ ଦଳକୁ ୬୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଦିବ୍ୟେଶ ମହାନ୍ତି, ଶ୍ରେଷ୍ଠ ବୋଲର ସିଦ୍ଧାର୍ଥ ସିହ୍ନା, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଅମିତ ପରିଡା ଓ ଶ୍ରେଷ୍ଠ ଖେଳାଳି ଭାବେ ମନୁ ରାମଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରକାଶ ସୋରେନ ଓ ସମ୍ମାନିତ ଅତିଥି ଭାବେ କ୍ରୀଡା ସଂଗଠକ ଗିରିଶ ଚନ୍ଦ୍ର ଦାସ, ମୟୂରଭଞ୍ଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସମାଜସେବୀ ଅମର କୁମାର ସେଠି ଓ ଦୀପା ରାଉତରାୟ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ସମ୍ପାଦକ ସଂଜୀବ ଦ୍ୱିବେଦୀ, ଉପସଭାପତି କାଶୀନାଥ ରଣା, କାର୍ଯ୍ୟକାରୀ ସଭାପତି କଳିଙ୍ଗ କେଶରୀ ଜେନା, ଆୟୋଜକ ଅମିତାଭ ଦାସ, ସତ୍ୟନାରାୟଣ ଜୀଉ ପ୍ରମୁଖ ଉପସ୍ଥିତ ଥିଲେ।




## ସ୍ୱପ୍ନ ଭଳି ଲାଗୁଛି: ଗିଲ୍

ନୂଆଦିଲ୍ଲୀ,୧୬।୬ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ନେଉଛନ୍ତି ଯୁବ ବ୍ୟାଟର୍ ଶୁବମନ ଗିଲ୍। ମାତ୍ର ୨୫ ବର୍ଷ ବୟସରେ ଭାରତ ଭଳି ଦଳର ଟେଷ୍ଟ ଅଧିନାୟକ ହେବା ସମ୍ପର୍କରେ ରବିବାର ମୁହଁ ଖୋଲିଛନ୍ତି ଗିଲ୍। ସ୍କାଏ ସ୍ପୋର୍ଟ୍ସ ପାଇଁ ଦୀନେଶ କାର୍ତିକଙ୍କ ସହ ଏକ ଆଲୋଚନା ବେଳେ ଗିଲ୍ ମନଖୋଲା କଥା କହିଛନ୍ତି। 'ସଚ୍ଚୋଟତାର ସହ କହୁଛି ମୁଁ, ଏପରିକି ମୋ ପିତା ବି ଏଭଳି କେବେ ଭାବିନଥିଲୁ। ମୁଁ ସ୍ୱପ୍ନରେ ବି ଏଭଳି କଥା ଚିନ୍ତା କରିନଥିଲି। ଘୋଷଣା ପୂର୍ବରୁ ମୁଁ ସାମାନ୍ୟ ଅଭାସ ପାଇଥିଲି। କିନ୍ତୁ ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା କରିଥିଲି। ମୋତେ କିନ୍ତୁ ପିତା ହିଁ ପ୍ରଥମେ ଏହା ଜଣାଇଥିଲେ। ବୋଲି ଗିଲ୍ ପ୍ରକାଶ କରିଛନ୍ତି। ଏହି ପଞ୍ଜାବ ବ୍ୟାଟର୍ ୨୦୨୦ ମେଲବର୍ଣ୍ଣ ଟେଷ୍ଟରେ ପଦାର୍ପଣ କରିଥିବାବେଳେ ଏ ପର୍ଯ୍ୟନ୍ତ ୩୨ ଟେଷ୍ଟରେ ୫ ଶତକ ସହାୟତାରେ ୧୮୯୩ ରନ୍ ସଂଗ୍ରହ କରିଛନ୍ତି। ବିସିସିଆଇ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏବଂ ମୁଖ୍ୟ ପ୍ରଶିକ୍ଷକଙ୍କ ସହ ହୋଇଥିବା ଆଲୋଚନା ସମ୍ପର୍କରେ ବି ଗିଲ୍ ଦୁଇ ପଦ କହିଥିଲେ। 'ଦଳର ନେତୃତ୍ୱ ସମ୍ପର୍କରେ ସେମାନେ ମୋ ଭାବନା ଜାଣିବାକୁ ଚାହିଁଥିଲେ। ମୋଠାରୁ କେଣସି ଆଶା କରିନଥିଲେ, କିନ୍ତୁ ମୁଁ ଯାହା କରିବାକୁ ଦକ୍ଷ ସେ ଆଶା ରଖିଛନ୍ତି। ସେହି ମର୍ମରେ ମୋଠାରୁ ନିର୍ଦ୍ଦିଷ୍ଟ ଆଶାନଥିବାରୁ ମୁଁ ଭାବୁନାହିଁ ମୋ ଉପରେ କେଣସି ଚାପ ରହିବ' ବୋଲି ଗିଲ୍ କହିଛନ୍ତି।


### ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଂଠକ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୨୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୨୪ରେ ଯୋଗାଯୋଗ କରନ୍ତୁ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି